୬ ଟିମ୍ ଇଣ୍ଡିଆକୁ ଫେରିଲେ ଭୁବନେଶ୍ୱର କୁମାର



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

• ବର୍ଷ–୩୩ • ସଂଖ୍ୟା–୨୫୮ • ୧୭ ଅକ୍ଟୋବର ୨୦୨୬ ଶନିବାର • ଭୁବନେଶ୍ୱର • Vol -33 • Issue-258 • 17th October 2026, Saturday • Bhubaneswar RNI Regd.No. : 52640/94 Postal Regd.No. : BN-60/25-27

## ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ହକି ଦଳକୁ ଭୁବନେଶ୍ୱରରେ ଭବ୍ୟ ସମ୍ବର୍ଦ୍ଧନା

# ହକି ଟିମ୍ ଆମ ଯୁବବର୍ଗର ପ୍ରକୃତ ଆଇକନ୍

ଭୁବନେଶ୍ୱର, ୧୬।୧୦

ନ୍ୟୁଜ୍ ବ୍ୟୁରୋ

ଜାପାନରେ ଅନୁଷ୍ଠିତ ଏସିଆନ୍ ଗେମ୍ସ-୨୦୨୬ରେ ଐତିହାସିକ ସ୍ୱର୍ଣ୍ଣ ପଦକ ହାସଲ କରି ଆଗାମୀ ୨୦୨୮ ଲସ୍ ଏଞ୍ଜେଲସ ଅଲମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଥିବା ଭାରତୀୟ ପୁରୁଷ ଓ ମହିଳା ହକି ଦଳକୁ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ସ୍ୱର୍ଣ୍ଣ ପଦକ ବିଜେତା ପୁରୁଷ ଓ ମହିଳା ଖେଳାଳିମାନଙ୍କୁ ଆମ ଯୁବବର୍ଗର ପ୍ରକୃତ ଆଇକନ୍ ଭାବେ ମୁଖ୍ୟମନ୍ତ୍ରୀ ବର୍ଣ୍ଣନା କରିଛନ୍ତି ।

ଏହି ସମ୍ବର୍ଦ୍ଧନା ଉତ୍ସବ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଭୟ ବିଜେତା ଦଳର ଖେଳାଳୀ, କୋଚ୍ ଏବଂ ସହଯୋଗୀ କର୍ମଚାରୀମାନଙ୍କୁ ପ୍ରଶଂସା କରିବା ସହ ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରିଛନ୍ତି।



ସୂଚନା ଯୋଗ୍ୟଯେ ଏସିଆନ୍ ଗେମ୍ସରେ ଭାରତୀୟ ପୁରୁଷ ଓ ମହିଳା ଉଭୟ ହକି ଦଳ ସ୍ୱର୍ଣ୍ଣ ପଦକ ଅର୍ଜନ କରିବା ସହ ଆଗାମୀ ୨୦୨୮ ଲସ୍ ଏଞ୍ଜେଲସ ଅଲମ୍ପିକ୍ସ ପାଇଁ ସ୍ଥାନ ପକ୍କା କରିଛନ୍ତି।

ଏହି ସଫଳତା ପାଇଁ ଓଡ଼ିଶା ସରକାରଙ୍କ ତରଫରୁ ଉଭୟ ପୁରୁଷ ଓ ମହିଳା ହକି ଦଳର ପ୍ରତ୍ୟେକ ଖେଳାଳିଙ୍କୁ ୧୧ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ପ୍ରତ୍ୟେକ ସପୋର୍ଟ ଷ୍ଟାଫ୍‌ଙ୍କୁ ୫ ଲକ୍ଷ ୫୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ଦିଆଯାଇଛି। ସମୁଦାୟ ଭାବେ ଭାରତୀୟ ପୁରୁଷ ହକି ଟିମ୍ ଓ ସପୋର୍ଟ ଷ୍ଟାଫ୍‌ଙ୍କ ପାଇଁ ୨ କୋଟି ୭୫ ଲକ୍ଷ ଟଙ୍କା ଏବଂ ମହିଳା ହକି ଟିମ୍ ପାଇଁ ୨ କୋଟି ୮୬ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଉଭୟ ପୁରୁଷ ଓ ମହିଳା ଦଳଙ୍କୁ ଓଡ଼ିଶା ପକ୍ଷରୁ ୫.୬୧ କୋଟି ଟଙ୍କା ପୁରସ୍କାର ଦିଆଯାଇଛି।

ଏହା ସହିତ ଭାରତୀୟ ଦଳର ଓଡ଼ିଆ ଖେଳାଳି ଅମିତ ରୋହିଦାସ, ଶିଳାନନ୍ଦ ଲାକ୍ରା ଏବଂ ସୁନେଲିତା ଟପ୍ପୋଙ୍କୁ ସେମାନଙ୍କର ଅସାଧାରଣ ଯୋଗଦାନ ପାଇଁ ସ୍ୱତନ୍ତ୍ର ଭାବେ ୨୦ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି ପ୍ରଦାନ କରାଯାଇଛି। (ପୃଷ୍ଠା ୭ରେ)

# ତଲାକ୍-ଇ-ହସନ୍ ଉପରେ ସୁପ୍ରିମକୋର୍ଟଙ୍କ ନୋଟିସ୍

ନୂଆଦିଲ୍ଲୀ, ୧୬।୧୦

ମୁସଲିମ୍ ପର୍ସନାଲ୍ ଲ’ ଅଧୀନରେ ପ୍ରଚଳିତ ‘ତଲାକ୍-ଇ-ହସନ୍’ ଏବଂ ସମସ୍ତ ପ୍ରକାର ଏକପାଖିଆ ବିବାହ ବିଚ୍ଛେଦ ପ୍ରକ୍ରିୟା ପାଇଁ ସମାନ ଆଇନଗତ ସୁରକ୍ଷା ଓ ନିୟମାବଳୀ ଲାଗୁ କରିବାକୁ ଆଗତ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଶୁକ୍ରବାର ସୁପ୍ରିମ୍‌କୋର୍ଟ କେନ୍ଦ୍ର ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ମୁଖ୍ୟ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ ଓ ବିଚାରପତି ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାଟିକୁ ପୂର୍ବରୁ ବିଚାରାଧୀନ ଥିବା ଏକ ସମାନ ଆବେଦନ ସହ ସାମିଲ୍ କରିଛନ୍ତି।

ନୂତନ ଭାବେ ଦାଖଲ ହୋଇଥିବା ଏହି ଆବେଦନରେ ‘ତଲାକ୍-ଇ-ହସନ୍’ କୁ ବେଆଇନ ଓ ଅସାମ୍ବିଧାନିକ ଘୋଷଣା କରିବାକୁ ନିବେଦନ କରାଯାଇଛି। ‘ତଲାକ୍-ଇ-ହସନ୍’ ବ୍ୟବସ୍ଥାରେ ଜଣେ ମୁସଲିମ୍ ପୁରୁଷ ଲଗାତାର ତିନି ମାସ ଧରି ପ୍ରତି ମାସରେ ଥରେ ଲେଖାଏଁ ‘ତଲାକ୍’ ଶବ୍ଦ ଉଚ୍ଚାରଣ କରି ବିବାହ ବିଚ୍ଛେଦ କରିପାରନ୍ତି।



ଯଦି ଏହି ତିନି ମାସ ମଧ୍ୟରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ପୁନଃ ସମ୍ପର୍କ ସ୍ଥାପନ ନହୁଏ, ତେବେ ତୃତୀୟ ମାସରେ ବିବାହ ବିଚ୍ଛେଦ ଆଇନଗତ ରୂପ ନିଏ।

ଆବେଦନକାରୀ ଦର୍ଶାଇଛନ୍ତି ଯେ, ଏଭଳି ସ୍ୱେଚ୍ଛାଚାରୀ ଛାଡ଼ପତ୍ର ପ୍ରଥା ଯୋଗୁଁ ଆକସ୍ମିକ ଭାବେ ବିଚ୍ଛେଦର ଶିକାର ହେଉଥିବା ମହିଳା ଓ ସେମାନଙ୍କ ସନ୍ତାନମାନଙ୍କ ପାଇଁ ସାମାଜିକ ଏବଂ ଆର୍ଥିକ ସୁରକ୍ଷା ନିଶ୍ଚିତ କରିବା (ପୃଷ୍ଠା ୭ରେ)

## ଚଳିତ ମାସରେ ସଂସଦର ସ୍ୱତନ୍ତ୍ର ଅଧିବେଶନ !

ନୂଆଦିଲ୍ଲୀ, ୧୬।୧୦

ଭୋଟର ତାଲିକାର ସ୍ୱତନ୍ତ୍ର ସଂଘନ ସଂଶୋଧନ (ଏସ୍‌ଆଇଆର) ରଦ୍ଦ କରିବା ଓ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ବିରୋଧୀଙ୍କ ସ୍ୱର ତୀବ୍ର ହୋଇଛି। ଏଭଳି ସ୍ଥିତିରେ ସୀମା ପୁନଃନିର୍ଦ୍ଧାରଣ ଓ ମହିଳା ସଂରକ୍ଷଣ ସମ୍ପର୍କିତ ସାମ୍ବିଧାନିକ ସଂଶୋଧନ ବିଲ୍ ଉପରେ ଆଲୋଚନା ପାଇଁ ସରକାର ଚଳିତ ମାସ ଶେଷ ଭାଗରେ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡାକିପାରନ୍ତି। ଲୋକସଭାରେ ଏହି ବିଲ୍‌ଗୁଡ଼ିକୁ ପାସ୍ କରାଇବା ପାଇଁ ଆବଶ୍ୟକ ସଂଖ୍ୟା ଯୋଗାଡ଼ ହୋଇପାରିବ ବୋଲି ସରକାର ଆଶାବାଦୀ ଅଛନ୍ତି।

# ଦେଶରେ ଅରାଜକତା ସୃଷ୍ଟି କରିବାକୁ ଉଦ୍ୟମ

ଲକ୍ଷ୍ନୌ, ୧୬।୧୦

ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ତଥା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କଂଗ୍ରେସ ଉପରେ ତୀବ୍ର ଆକ୍ରମଣ କରିଛନ୍ତି। ଲକ୍ଷ୍ନୌ ଗସ୍ତର ଦ୍ୱିତୀୟ ଦିନ ଶୁକ୍ରବାର ଭାରତୀୟ ଜନତା ପାର୍ଟିର ରାଜ୍ୟ କାର୍ଯ୍ୟାଳୟରେ ସାମ୍ବାଦିକମାନଙ୍କ ସହ ଆଲୋଚନା ବେଳେ ସେ କହିଛନ୍ତି ଯେ ଆଜି ସମଗ୍ର ବିଶ୍ୱରେ ଭାରତର ପ୍ରତିଷ୍ଠା ବୃଦ୍ଧି ପାଇଛି। କିନ୍ତୁ ବିରୋଧୀ ଦଳଗୁଡ଼ିକ ‘ଭୋଟ୍ ଚୋରି’ ପ୍ରସଙ୍ଗକୁ ଆଧାର କରି ଦେଶରେ ଅରାଜକତା ସୃଷ୍ଟି କରିବାକୁ ଉଦ୍ୟମ କରୁଛନ୍ତି। ରାହୁଲ ଗାନ୍ଧୀ ଆତ୍ମସମୀକ୍ଷା କରିବା ଉଚିତ ବୋଲି ସେ କହିଛନ୍ତି।

ଶ୍ରୀ ସିଂହ କହିଛନ୍ତି ଯେ କଂଗ୍ରେସ ଅନେକ ବଡ଼ ବଡ଼ ଅପରାଧ କରିଛି। ଦଳର



ଇତିହାସରେ ଅନେକ କଳା ଅଧ୍ୟାୟ ଯୋଡ଼ି ହୋଇ ରହିଛି। ଶିଖମାନଙ୍କର ଗଣହତ୍ୟା ହୋଇଥିଲା। ସେମାନେ ‘ଭୋଟ୍ ଚୋରି’କୁ ବୋମା ବୋଲି କହୁଥିଲେ, କିନ୍ତୁ ତାହା ଦୀପାବଳିର ବାଣ ମଧ୍ୟ ନଥିଲା। ଏହି ଲୋକମାନେ ବାଂଲାଦେଶ ଢାଞ୍ଚାରେ କ୍ଷମତା ପରିବର୍ତ୍ତନ କରିବାକୁ ଚାହୁଁଛନ୍ତି। ସେମାନଙ୍କର ଲଢ଼େଇ ଏସ୍‌ଆଇଆର ପାଇଁ ନୁହେଁ ବରଂ ସେମାନେ କେବଳ କ୍ଷମତା ହାସଲ କରିବାର ଉଦ୍ୟମରେ ଲାଗିଛନ୍ତି।

ସେ ଆହୁରି କହିଛନ୍ତି ଯେ ଜଣେ ନିର୍ବାଚନ ଆୟୁକ୍ତ ଦୁଇଥର ମନ୍ତ୍ରୀ ହୋଇଥିଲେ। ୧୯୯୩ ମସିହା ପୂର୍ବରୁ ଭୋଟର ପରିଚୟପତ୍ର ନଥିଲା। ଭୋଟର ପରିଚୟପତ୍ର ପ୍ରଚଳନ ହେବା ପରଠାରୁ କଂଗ୍ରେସ ପାଇଁ ବହୁମତ ହାସଲ କରିବା କଷ୍ଟକର ହୋଇପଡ଼ିଛି। ସେବେଠାରୁ କଂଗ୍ରେସ ବହୁମତ ସହ କ୍ଷମତାକୁ ଫେରିପାରି ନାହିଁ।

ରାଜନାଥ ସିଂହ କହିଛନ୍ତି ଯେ ଏବେ ଏହି ଲୋକମାନେ ତଥାକଥିତ ‘ଭୋଟ୍ ଚୋରି’ ପ୍ରସଙ୍ଗକୁ ଆଧାର କରି ଦେଶରେ ଅରାଜକତା ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି। ସେମାନେ ଖୋଲାଖୋଲି ଭାବେ ଭାରତ ସରକାରଙ୍କୁ ଭାଙ୍ଗିବାକୁ ଚାହୁଁଛନ୍ତି। ଏହା ହିଁ ଅରାଜକତା ବୋଲି ସେ ମତ ପ୍ରକାଶ କରିଛନ୍ତି।

## ଆଇନ ମନ୍ତ୍ରୀଙ୍କୁ ଲିଙ୍ଗରାଜ ମନ୍ଦିର ସତ୍ୱଲିପି କମିଟି ପକ୍ଷରୁ ତୃତୀୟ ଅନ୍ତରୀଣ ରିପୋର୍ଟ ପ୍ରଦାନ

# ଶୃଙ୍ଖଳିତ ନୀତିକାନ୍ତି ଏବଂ ମନ୍ଦିର ଓ ଗର୍ଭଗୃହ ମରାମତି ନେଇ ପ୍ରସ୍ତାବ

ଭୁବନେଶ୍ୱର, ୧୬।୧୦

ନ୍ୟୁଜ୍ ବ୍ୟୁରୋ

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ସତ୍ୱଲିପି କମିଟି ପକ୍ଷରୁ ଶୁକ୍ରବାର ତୃତୀୟ ଅନ୍ତରୀଣ ରିପୋର୍ଟ ଆଇନ୍, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ପ୍ରଦାନ କରାଯାଇଛି। ଜଷ୍ଟିସ୍ ଡ. ଦୁର୍ଗା ପ୍ରସନ୍ନ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ସଦସ୍ୟ ଥାଇ ଗଠିତ ଦୁଇଜଣିଆ କମିଟି ମନ୍ଦିରର ସେବା ପୂଜା, ଶୃଙ୍ଖଳିତ ନୀତିକାନ୍ତି, ମନ୍ଦିର ଗର୍ଭଗୃହ ମରାମତି ସହ ବିଭିନ୍ନ ବିଷୟରେ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ସହ ରିପୋର୍ଟ ପ୍ରଦାନ କରିଛନ୍ତି। ଏଥି ସହିତ ପୂର୍ବ



କାଳରେ ହେଉଥିବା ମନ୍ଦିରର ନୀତିକାନ୍ତି, ସେବାପୂଜା ଏବଂ ରକ୍ଷଣାବେକ୍ଷଣ ନେଇ ଥିବା ପରମ୍ପରା ବିଷୟରେ ମଧ୍ୟ ରିପୋର୍ଟରେ ଉଲ୍ଲେଖ ରହିଛି। ଏହି ରିପୋର୍ଟ ପ୍ରଦାନ ଅବସରରେ ଆଇନ୍ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ସ୍ୱତନ୍ତ୍ର ଶାସନ ସଚିବ ପ୍ରଣବ କୁମାର ପାତ୍ର, ଅତିରିକ୍ତ ଶାସନ ସଚିବ ଶିବ ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିର ମୁଖ୍ୟ ଖବର

- ସ୍ୱର୍ଣ୍ଣପଦକ ବିଜୟୀ ଭାରତୀୟ ମହିଳା କବାଡି ଦଳକୁ ଭେଟିଲେ ଅଶ୍ୱିନୀ ବୈଷ୍ଣବ।
- ଉତ୍ତରପ୍ରଦେଶର ବୁଲନ୍ଦ ସହରରେ ଗଛରେ ପିଟିହେଲା ଦ୍ରୁତଗାମୀ କାର, ୫ ମୃତ, ୩ ଗୁରୁତର।
- ୩ ରାଜ୍ୟରେ ସ୍ୱତନ୍ତ୍ର ଆଇଟିଆଇ କ୍ଲଷ୍ଟର ଲାଗି କେନ୍ଦ୍ରର ୧,୧୯୪.୯୨ କୋଟି ଟଙ୍କା ଅନୁମୋଦନ।
- ପେଟ୍ରୋଲ ରପ୍ତାନୀ ଉପରେ ଟିକସ ବଢ଼ାଇଲେ କେନ୍ଦ୍ର ସରକାର, ଡିଜେଲ ଉପରେ ଟିକସ ହ୍ରାସ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୭୪୪ (+୦)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୫୧୫ (+୦)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୦୫୮ (+୦)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୩୦ (+୦)

# ସରପଞ୍ଚ ଓ ନାଏବ ସରପଞ୍ଚଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପୂଜା ଭେଟି

ଭୁବନେଶ୍ୱର, ୧୬।୧୦

ନ୍ୟୁଜ୍ ବ୍ୟୁରୋ

ପଞ୍ଚାୟତ ନିର୍ବାଚନ ପାଇଁ ଏବେ ଠାରୁ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି ରାଜ୍ୟର କ୍ଷମତାସୀନ ବିଜେପି ସରକାର। ଆଗକୁ ଦଶହରା ଥିବାରୁ ସରପଞ୍ଚ ଓ ନାଏବ ସରପଞ୍ଚଙ୍କ ପାଇଁ ବଡ଼ ଘୋଷଣା କରିଛନ୍ତି ଖୋଦ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ସରପଞ୍ଚ ଓ ନାଏବ ସରପଞ୍ଚଙ୍କ ପାଇଁ ପୂଜା ଭେଟି ଦିଆଯାଇଛି। କାର୍ଯ୍ୟରତ ସରପଞ୍ଚ ଓ ନାଏବ ସରପଞ୍ଚଙ୍କ ପାଇଁ ୬ ମାସର ସମ୍ମାନ ରାଶିକୁ ମଞ୍ଜୁରୀ ଦେଇଛନ୍ତି ମୁଖ୍ୟମନ୍ତ୍ରୀ।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ପ୍ରେସ ବିବୃତିରେ କୁହାଯାଇଛି ଯେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ଗ୍ରାମ ପଞ୍ଚାୟତ ସ୍ତରରେ ନିର୍ବାଚିତ ଜନପ୍ରତିନିଧି ରୂପେ କାର୍ଯ୍ୟ କରୁଥିବା ସରପଞ୍ଚ ଓ ନାଏବ ସରପଞ୍ଚଙ୍କ ପାଇଁ ୬ ମାସର ସମ୍ମାନ ରାଶିକୁ ମଞ୍ଜୁର କରିଛନ୍ତି। ସେମାନଙ୍କୁ ମୋଟ ୫୬ କୋଟି ୫୫ ଲକ୍ଷ ୭୨ ହଜାର ଟଙ୍କା ଦିଆଯିବ। ଗ୍ରାମ ପଞ୍ଚାୟତ ସ୍ତରରେ ନିର୍ବାଚିତ ଜନପ୍ରତିନିଧି ରୂପେ କାର୍ଯ୍ୟ କରୁଥିବା ସରପଞ୍ଚ ଓ ନାଏବ ସରପଞ୍ଚମାନେ ପିଛିଲା ଭାବେ ୬ ମାସର ସମ୍ମାନ ରାଶି ପାଇବେ। ପିଛିଲା ଭାବେ ୨୦୨୬ ଏପ୍ରିଲ ୧ରୁ ଅକ୍ଟୋବର ୩୦ ଯାଏ ଅର୍ଥାତ ୬ ମାସର ସମ୍ମାନ ରାଶି ମିଳିବ। ସରପଞ୍ଚମାନଙ୍କୁ ୧୦ ହଜାର ଟଙ୍କା ଓ ନାଏବ ସରପଞ୍ଚମାନଙ୍କୁ ସରକାରଙ୍କ ପକ୍ଷରୁ ୪ ହଜାର ଟଙ୍କା ଲେଖାଏ ମିଳିବ। (ପୃଷ୍ଠା ୭ରେ)

# ଗଡ ରକ୍ଷା କରିପାରିଲେନି ବଡ ନେତା

ଭୁବନେଶ୍ୱର, ୧୬।୧୦

ନ୍ୟୁଜ୍ ବ୍ୟୁରୋ

ଛାତ୍ର ସଂସଦ ନିର୍ବାଚନ ଫଳାଫଳ ଘୋଷଣା ପରେ ଯୁବ ବର୍ଗ (ଜେନ୍ ଜି)କୁ ନେଇ ପ୍ରମୁଖ ତିନିଟିଯାକ ରାଜନୈତିକ ଦଳ ବଳ କଷା କସି ଚଳାଇଛନ୍ତି । ଭୋଟ ଫଳାଫଳରୁ ପ୍ରମାଣିତ ହୋଇଛି-ଜେନ୍ ଜି ଆମ ସହିତ ଓ ଆମ ସପକ୍ଷରେ ରହିଛନ୍ତି ବୋଲି ସବୁ ଦଳ ଦାବି କରୁଛନ୍ତି । କିନ୍ତୁ ବାସ୍ତବ ଚିତ୍ର ଭିନ୍ନ ରହିଛି ।

ଏହି ନିର୍ବାଚନରେ ବଡ ନେତାମାନେ ସେମାନଙ୍କ ଗଡ ରକ୍ଷା କରିପାରିନାହାନ୍ତି । ପ୍ରମାଣ ସ୍ୱରୂପ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ବାଚନ ମଣ୍ଡଳୀ ହିଞ୍ଜିଳି କଲେଜରେ ବିସିଜେଡିକୁ ପଛରେ ପକାଇ ଏବିଭିପି ପ୍ରାର୍ଥୀ ବିଜୟ ହାସଲ କରିଛନ୍ତି । ଗଞ୍ଜାମ ଜିଲ୍ଲାର ଅନ୍ୟ କଲେଜ ମାନଙ୍କରେ



ମଧ୍ୟ ଏବିଭିପି ବିଜୟ ହାସଲ କରିଛି । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ବିସିଜେଡି ପକ୍ଷରୁ ପ୍ରାର୍ଥୀ ଦିଆଯାଇ ପାରିନଥିଲା । ଅନୁରୂପ ଭାବେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏବଂ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଜିଲ୍ଲାରେ ଛାତ୍ର ସଂସଦ ନିର୍ବାଚନ ଫଳାଫଳ ସେମାନଙ୍କ ସପକ୍ଷରେ ଯାଇ ନାହିଁ । ଅର୍ଥାତ୍ ଏହି ଜିଲ୍ଲାରେ ଏବିଭିପିକୁ ଝଟ୍‌କା ଲାଗିଛି । ଭଦ୍ରକ ଓ ଚାନ୍ଦବାଲି କଲେଜରେ ବିସିଜେଡି ଛାତ୍ର ସଂସଦ କବ୍‌ଜା କରିଥିବା ବେଳେ ଧାମନଗରରେ ଏବିଭିପି (ପୃଷ୍ଠା ୭ରେ)

## ବିଜୟ ପାଇଁ ଏବିଭିପିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଭୁବନେଶ୍ୱର, ୧୬।୧୦

ନ୍ୟୁଜ୍ ବ୍ୟୁରୋ

ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରେ ବିପୁଳ ବିଜୟ ହାସଲ କରିଥିବାରୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିନନ୍ଦନ ଜଣାଇଛନ୍ତି। ଏହି ବିଜୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତି ଯୁବପିଢ଼ି (ଜେନ୍ ଜି)ଙ୍କ ଅତୁଟ ଆସ୍ଥା ଓ ବିଶ୍ୱାସର ପ୍ରତୀକ।

‘ଜ୍ଞାନଶିଳ ଓ ଏକତା’ର ଆଦର୍ଶରେ ଗଢ଼ା ଏହି ସଂଗଠନ (ପୃଷ୍ଠା ୭ରେ)

## ଏକାଳ ପଖାଳ



କୋଟିଆରେ ଆନ୍ଧ୍ର ମାଡିଉଠିଲାଣି
କରିବାକୁ ପଞ୍ଚାୟତ
ଆମପଟୁ କିନ୍ତୁ କିଛି ଶୁଭୁନାହିଁ
ଓଲଟା ମିଛନତ
ଆମ ପାଇଁ ଛାଇ ବଥ
ହାତପାଆନ୍ତାରୁ ସବୁ ଖସିଗଲେ
ଭାଗ୍ୟ ହେଇଯିବ ଖତ।

# ସେବା ପାଇଁ ଆଦାୟ ହେଉଥିବା ଶୁଳ୍କର ତାଲିକା ପ୍ରଦର୍ଶନ କରିବାକୁ ହସ୍ପିଟାଲଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି



ନୂଆଦିଲ୍ଲୀ, ୧୬।୧୦

କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଅନୁରୋଧ କରିଛି ଯେ କ୍ଲିନିକାଲ୍ ପ୍ରତିଷ୍ଠାନଗୁଡ଼ିକ ସେମାନଙ୍କର ସେବା ଏବଂ ସୁବିଧା ପାଇଁ ଆଦାୟ କରାଯାଇଥିବା ଦରକୁ ସ୍ପଷ୍ଟ ଭାବରେ ପ୍ରଦର୍ଶନ କରନ୍ତୁ, ଯାହା ଦ୍ୱାରା ରୋଗୀମାନେ ସେମାନଙ୍କ ଚିକିତ୍ସା ବିଷୟରେ ସୂଚନାଭିତ୍ତିକ ନିଷ୍ପତ୍ତି ନେଇପାରିବେ। ପ୍ରଥମରୁ ଖର୍ଚ୍ଚ ବିଷୟରେ ସୂଚନା ପାଇଗଲେ ଚିକିତ୍ସା ପାଇଁ ସେମାନେ ମାନସିକ ଭାବେ ପ୍ରସ୍ତୁତ ହୋଇ ହସ୍‌ପିଟାଲ କିମ୍ବା କ୍ଲିନିକରେ ଆଡମିଶନ ହେବାକୁ ପ୍ରସ୍ତୁତ ହେବେ। ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗ ମୁଖ୍ୟ ସଚିବଙ୍କୁ ଲେଖିଥିବା ଚିଠିରେ, କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ପୁଣ୍ୟ ସଲିଳା ଶ୍ରୀବାସ୍ତବ ଦର୍ଶାଇଛନ୍ତି ଯେ ସ୍ୱାସ୍ଥ୍ୟସେବା ଦେୟ ସମ୍ପର୍କରେ ସୂଚନା ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେବା ଉଚିତ। ଏହା ସହ ରୋଗୀ ଓ ସେମାନଙ୍କ ପରିବାରବର୍ଗଙ୍କ ପାଇଁ ଏହା ସହଜରେ ଉପଲବ୍ଧ ହେବା ନିଶ୍ଚିତ କରିବା ପାଇଁ ଅନୁପାଳନର ସମୀକ୍ଷା କରିବାକୁ ଆହ୍ୱାନ କରିଥିଲେ।

ପ୍ରଦତ୍ତ ନିୟମାବଳୀ-ସ୍ୱାସ୍ଥ୍ୟ ସଚିବ ଉଲ୍ଲେଖ କରିଛନ୍ତି ଯେ ଦରର ସ୍ପଷ୍ଟ ପ୍ରଦର୍ଶନ ରୋଗୀ ଏବଂ ସେମାନଙ୍କ ପରିବାରକୁ ଚିକିତ୍ସାର ସମ୍ଭାବ୍ୟ ଖର୍ଚ୍ଚ ବୁଝିବାରେ ସାହାଯ୍ୟ କରିବ ଏବଂ ସେମାନଙ୍କର (ପୃଷ୍ଠା ୭ରେ)

# ନବୀନ ପଟ୍ଟନାୟକଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଲେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୬।୧୦

ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ (ବିଜେଡି)ର ସଭାପତି ନବୀନ ପଟ୍ଟନାୟକଙ୍କୁ ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି।

ରାଜ୍ୟପାଳ ନିଜର ସାମାଜିକ ଗଣମାଧ୍ୟମ ପୋଷ୍ଟରେ ନବୀନ ପଟ୍ଟନାୟକଙ୍କୁ ଜନ୍ମଦିନର ଶୁଭକାମନା ଜଣାଇବା ସହ ତାଙ୍କର ଦୀର୍ଘ, ନିରାମୟ ଓ ସୁଖମୟ ଜୀବନ କାମନା କରିଛନ୍ତି। ଏଥିସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ ଓ ମଙ୍ଗଳ କାମନା କରି ପ୍ରାର୍ଥନା କରିଥିବା ଉଲ୍ଲେଖ କରିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ତାଙ୍କ ଜନ୍ମଦିନ ଅବସରରେ ଶୁଭେଚ୍ଛା ଜଣାଇଛନ୍ତି।

ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କର ଉତ୍ତମ ସ୍ୱାସ୍ଥ୍ୟ, ଦୀର୍ଘାୟୁ ଏବଂ ସୁଖମୟ ଜୀବନ କାମନା କରୁଛି।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୭ ଅକ୍ଟୋବର, ୨୦୨୬ ଶନିବାର





## କଟକ ଦଶହରାରେ ମେଲୋଡି ଧୂମ୍

# ଝୁମାଇବେ ବଲିଉଡ୍-ଓଲିଉଡ୍ କଣ୍ଠଶିଳ୍ପୀ, ଷ୍ଟେଜ୍‌ରେ ଦେଖିବାକୁ ମିଳିବ ଷ୍ଟାର ପରଫର୍ମାନ୍ସ

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ଦଶହରାରେ ମେଲୋଡିର ବେଶ୍ ଚାହିଦା ଥାଏ। ଦୀର୍ଘ ବର୍ଷ ତଳୁ ଚାନ୍ଦିନୀଚୌକ ସହ ଛତ୍ରବଜାର ଏବଂ କଲେଜ ଛକ ଭଳି ଅଞ୍ଚଳରେ ମେଲୋଡି ପରମ୍ପରା ଆରମ୍ଭ ହୋଇଥିବା ବେଳେ ଏବେ ସହରର ବିଭିନ୍ନ ପୂଜା ମଣ୍ଡପରେ ମେଲୋଡି ଏକ ପ୍ରମୁଖ କାର୍ଯ୍ୟକ୍ରମ ହୋଇଛି। ବିଶେଷକରି ଖାନନଗର, କଲେଜ ଛକ, ବିଡ଼ାନାସୀ ଏବଂ ସିଡିଏ ଅଞ୍ଚଳରେ ଏଥର ବଲିଉଡ୍ କଳାକାରଙ୍କ ସହ ବହୁ ଓଲିଉଡ୍ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରି ଦର୍ଶକଙ୍କୁ ମତୁଆଲା କରିବେ। ଝୁମାଇବେ ଆଉ ଷ୍ଟେଜ୍ ତଳେ ନଚାଇବେ। ବିଭିନ୍ନ ମଣ୍ଡପରେ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ମେଲୋଡି ପାର୍ଟିଙ୍କୁ ଅର୍ଡର ଦିଆ ସରିଥିବା ବେଳେ ଏବେ ମଞ୍ଚ ପାଇଁ ପ୍ରସ୍ତୁତି ଆରମ୍ଭ ହେଉଛି।




ପୂଜାରେ ମେଲୋଡି ପାଇଁ ପରିଚିତ ଖାନନଗର-ଖପୁରିଆ ଶିଳ୍ପାଞ୍ଚଳ ପୂଜା କମିଟି ପକ୍ଷରୁ ଏଥର ଷଷ୍ଠୀରୁ ଦଶମୀ ପର୍ଯ୍ୟନ୍ତ ୫ ରାତି ମେଲୋଡି କାର୍ଯ୍ୟକ୍ରମ ରହିଛି। ପ୍ରଥମ ଦିନରୁ ଶେଷ ପର୍ଯ୍ୟନ୍ତ ଓଲିଉଡ୍ କଣ୍ଠଶିଳ୍ପୀ ତାରିକ୍ ଅଜିଜ୍‌ଙ୍କ ସହ ଆର.ଏସ୍ କୁମାର, ସତ୍ୟଜିତ୍ ପ୍ରଧାନ, ନାଭ୍ୟା, କୁଳଦୀପ ପଟ୍ଟନାୟକ ଏବଂ ପଶ୍ଚିମ ଓଡ଼ିଶାର ଜଣାଶୁଣା କଣ୍ଠଶିଳ୍ପୀ ଉମାକାନ୍ତ ବାରିକ୍ ସଙ୍ଗୀତ ପରିବେଷଣ କରିବେ। ତେବେ ନବମୀ ଦିନ ବଲିଉଡ୍ କଣ୍ଠଶିଳ୍ପୀ ପାମେଲା ଜୈନ୍‌ଙ୍କ କାର୍ଯ୍ୟକ୍ରମ ରହିଛି। କେବଳ ମେଲୋଡି ପାଇଁ ପୂଜା ବଜେଟ୍‌ର ପ୍ରାୟ ୫୦ ପ୍ରତିଶତ ଅର୍ଥ ଖର୍ଚ୍ଚ ହେଉଥିବା ବେଳେ ପାମେଲା ଜୈନ୍ ଗାଉଥିବା ବ୍ୟାଣ୍ଡ୍ ୩ ଲକ୍ଷ ଟଙ୍କା ନେଉଥିବା ଜଣାପଡ଼ିଛି।

ଓଲିଉଡ୍ କଣ୍ଠଶିଳ୍ପୀଙ୍କ ବ୍ୟାଣ୍ଡ୍ ଦେଢ଼ରୁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନେଉଛନ୍ତି। ତେବେ ଖାନନଗରରେ ୧୦ ବର୍ଷରୁ ଅଧିକ ସମୟ ଧରି ପ୍ରତିବର୍ଷ ଷଷ୍ଠୀରେ ମେଲୋଡି ପରିବେଷଣ କରି ଆସୁଥିବା ଓଲିଉଡ୍‌ର ଲୋକପ୍ରିୟ କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗରଙ୍କ ଗତବର୍ଷ ପରଲୋକ ପରେ ଏଥର ତାଙ୍କୁ ଦର୍ଶକ ଝୁରିବେ ବୋଲି କହିଛନ୍ତି ପୂଜା କମିଟି ସଦସ୍ୟ। ବିଡ଼ାନାସୀ ଦୁର୍ଗାପୂଜା କମିଟିରେ ୫ ରାତି ମେଲୋଡି ହେବାକୁ ଥିବା ବେଳେ ଅଷ୍ଟମୀରେ ବଲିଉଡ୍ କଣ୍ଠଶିଳ୍ପୀ ପାମେଲା ଜୈନ୍ ଏବଂ ଓଲିଉଡ୍ କଣ୍ଠଶିଳ୍ପୀଙ୍କ କାର୍ଯ୍ୟକ୍ରମ ରହିଛି। ସିଡିଏ ସେକ୍ଟର-୧୧ରେ ଅଷ୍ଟମୀ ଦିନ ଓଲିଉଡ୍ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀଙ୍କ ମେଲୋଡି କାର୍ଯ୍ୟକ୍ରମ ରହିଛି। ସେହିପରି କଲେଜ ଛକରେ ୫ ରାତି କଣ୍ଠଶିଳ୍ପୀ ତାରିକ୍ ଅଜିଜ୍, ପ୍ରଜ୍ଞା ହୋତା, ଆର.ଏସ୍ କୁମାର, ଶ୍ୟାମ୍ କୁମାର ଏବଂ ସ୍ମିତା ପଣ୍ଡାଙ୍କ ମେଲୋଡି କାର୍ଯ୍ୟକ୍ରମ ରହିଛି।

ଛତ୍ରବଜାରରେ କଣ୍ଠଶିଳ୍ପୀ ସ୍ୱୟଂ ପାଢ଼ୀ ଏବଂ ଶ୍ୟାମ୍ କୁମାରଙ୍କ କାର୍ଯ୍ୟକ୍ରମ ରହିଛି। ଅନ୍ୟପଟେ ଲିଙ୍କରୋଡ୍ ସ୍ଥିତ ନିଶାମଣି କନ୍‌ଭେନ୍‌ସନ୍‌ରେ ଏଥର 'ନବରସ' କାର୍ଯ୍ୟକ୍ରମ ଆୟୋଜନ ହେଉଥିବା ବେଳେ ଗର୍‌ବା, ଦାଣ୍ଡିଆ ଏବଂ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ଆସନ୍ତା ୧୬ ତାରିଖ ସନ୍ଧ୍ୟାରୁ ଆରମ୍ଭ ହେଉଛି। ଏଥିପାଇଁ ଏହାର ଟିକେଟ୍ ଲଞ୍ଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟିକେଟ୍ ଉଭୟ ଅଫ୍‌ଲାଇନ୍ ଏବଂ ଅନ୍‌ଲାଇନ୍‌ରେ ଉପଲବ୍ଧ ହେବ। ପ୍ରସିଦ୍ଧ ଡିଜେ ସ୍ୱନ୍ନମାର୍ଫିଆ ଏବଂ ଡିଜେ ଲୟାମ୍ବିକାଙ୍କ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ ହେବ। ଆକର୍ଷଣୀୟ ସାଜସଜ୍ଜା ସହ ପ୍ରତିଯୋଗିତା ଏବଂ ମନୋରଞ୍ଜନର ଭରପୂର ସୁଯୋଗ ମିଳିବ ବୋଲି କହିଛନ୍ତି ଆୟୋଜକ।

## ପରିବାର ପାଖକୁ ଫେରିଲେ ମାନସିକ ଅସୁସ୍ଥ ମହିଳା

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଝାରସୁଗୁଡ଼ା ଜିଲ୍ଲା ଲଇକେରା ଥାନା ଅନ୍ତର୍ଗତ ଝିର୍ଲାପାଲି ଅଞ୍ଚଳରୁ ଗତ ମାର୍ଚ୍ଚ ୩ ତାରିଖରେ ଏକ ମାନସିକ ଅସୁସ୍ଥ ଅସହାୟା ମହିଳାଙ୍କୁ ଲଇକେରା ପୋଲିସ ଉଦ୍ଧାର କରିଥିଲା। ଉଦ୍ଧାର ପରେ ମହିଳାଙ୍କ ଚିକିତ୍ସା ଓ ସୁରକ୍ଷିତ ଥଇଥାନ କରାଯିବା ସହ ତାଙ୍କ ପରିଚୟ ଖୋଜିବା ପାଇଁ ପ୍ରଶାସନ ତରଫରୁ ଉଦ୍ୟମ ଜାରି ରହିଥିଲା। ନିରନ୍ତର ପ୍ରୟାସ ପରେ ଉକ୍ତ ମହିଳାଙ୍କ ନାମ ଏବଂ ତାଙ୍କ ଘର ପଶ୍ଚିମବଙ୍ଗ ରାଜ୍ୟର ନଦିଆ ଜିଲ୍ଲା ହଂସଖାଲି ଥାନା ଅନ୍ତର୍ଗତ ପାଟିକାବାରୀ ଅଞ୍ଚଳରେ ବୋଲି ଚିହ୍ନଟ କରାଯାଇଥିଲା। ଏହି ସୂଚନା ମିଳିବା ପରେ ତୁରନ୍ତ ତାଙ୍କ ପରିବାର ବର୍ଗଙ୍କ ସହ ଯୋଗାଯୋଗ ସ୍ଥାପନ କରାଯାଇ ଥିଲା। ଖବର ପାଇ ମାଧୁରୀଙ୍କ ଝିଅ ତାଙ୍କ ମା'ଙ୍କୁ ନେବା ପାଇଁ ଝାରସୁଗୁଡ଼ା ପହଞ୍ଚିଥିଲେ। ଝାରସୁଗୁଡ଼ା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁନୀଲ କୁମାର ନାୟକଙ୍କ ଉପସ୍ଥିତିରେ ଆନୁଷ୍ଠାନିକ କାଗଜପତ୍ର ଯାଞ୍ଚ ପରେ ମାଧୁରୀଙ୍କୁ ତାଙ୍କ ଝିଅଙ୍କ ହାତକୁ ସୁରକ୍ଷିତ ଭାବେ ହସ୍ତାନ୍ତର କରାଯାଇଛି। ଦୀର୍ଘ ସାତ ମାସ ପରେ ହଜିଯାଇଥିବା ମା'ଙ୍କୁ ଫେରିପାଇ ପରିବାର ତରଫରୁ ପୋଲିସ ତଥା ଜିଲ୍ଲା ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି।

## ଅଳିଆ ଆବର୍ଜନାରେ ଭର୍ତ୍ତି ପୁରୀ ବ୍ଲୁ ଫ୍ଲାଗ୍ ବିଚ୍ : ନାକ ଟେକୁଛନ୍ତି ପର୍ଯ୍ୟଟକ




**ପୁରୀ, ନ୍ୟୁଜ୍ ବ୍ୟୁରୋ**

ବିପର୍ଯ୍ୟସ୍ତ ପୁରୀ ବ୍ଲୁ ଫ୍ଲାଗ୍ ବିଚ୍। ଅଳିଆ ଆବର୍ଜନାରେ ଭର୍ତ୍ତି ପରିବେଶ। ନାକ ଟେକୁଛନ୍ତି ପର୍ଯ୍ୟଟକ। ଅନ୍ତର୍ଜାତୀୟସ୍ତରରେ ପୁରୀ ବ୍ଲୁ ଫ୍ଲାଗ୍ ବିଚ୍‌ର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଏହି ବେଳାଭୂମିରେ ପ୍ରତିଦିନ ହଜାର ହଜାର ପର୍ଯ୍ୟଟକଙ୍କ ଭିଡ଼ ଜମେ। ହେଲେ ଏଠାକାର ପରିବେଶ ଦେଖି ସେମାନେ ନାକ ଟେକୁଛନ୍ତି। କେଉଁଠି ଡଷ୍ଟବିନ୍ ତଳେ ଗଡୁଛି ତ ଆଉ କେଉଁଠି ଅଳିଆ ଗଦା ହୋଇଛି। ଇଟା, ପଥର ଠାରୁ ପ୍ଲାଷ୍ଟିକ ଆଦି ପଡ଼ିବା ସହ ପାଦ ଚଲା ରାସ୍ତାଟି ବାଲିର ଆସ୍ତରଣରେ ଲୁଚିଯାଇଛି। ପର୍ଯ୍ୟଟକଙ୍କ ବସିବା ପାଇଁ ତିଆରି ହୋଇଥିବା ଛତା ଚାଳିରୁ ଛପର ଉଡ଼ି ଗଲାଣି। ଚଉକି ଗୁଡ଼ିକରୁ ପ୍ରାୟତଃ ରଙ୍ଗ ଛାଡ଼ିବା ସହ କେତେକ ଭଙ୍ଗା ଅବସ୍ଥାରେ ରହିଛି। ଯେଉଁ ସବୁ ସୁବିଧା ପର୍ଯ୍ୟଟକମାନଙ୍କୁ ମିଳିବା କଥା ତାହା ଏବେ ବାସ୍ତବତା ଠାରୁ ବହୁ ଦୂରରେ। ଗତ ୭ ବର୍ଷ ଧରି ବ୍ଲୁ ଫ୍ଲାଗ୍ ବିଚ୍‌ର ରକ୍ଷଣାବେକ୍ଷଣ ଓ ପରିଚାଳନା ଦାୟିତ୍ୱ ଜଙ୍ଗଲ ଓ ପରିବେଶ ବିଭାଗ ଅଧୀନରେ ରହିଛି। ପର୍ଯ୍ୟଟକଙ୍କ ଠାରୁ ଟିକେଟ ବାବଦରେ ମାସକୁ ପ୍ରାୟ ୨୦ରୁ ୨୫ ଲକ୍ଷ ଟଙ୍କା ଆୟ ହେଉଛି। ବିଚ୍ ପରିଚାଳନାରେ ୬୬ଜଣ କର୍ମଚାରୀ ନିୟୋଜିତ ଅଛନ୍ତି। ତେବେ ଜଙ୍ଗଲ ବିଭାଗର ଉଦାସୀନତା ଓ ପରିଚାଳନାଗତ ତ୍ରୁଟି ଯୋଗୁଁ ବ୍ଲୁ ଫ୍ଲାଗ୍ ବିଚ୍ ତା'ର ମାନ୍ୟତା ହରାଇବାକୁ ବସିଲାଣି ବୋଲି ପରିବେଶବିତ୍ ଅଭିଯୋଗ କରିଛନ୍ତି। ସେପଟେ ପୁରୀ ବନଖଣ୍ଡ ଅଧିକାରୀ ଅବ୍ୟବସ୍ଥାକୁ ସ୍ୱୀକାର କରିଛନ୍ତି। ଏହାକୁ ସଫା କରିବା ପାଇଁ ନୂଆ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି ବୋଲି ସେ କହିଛନ୍ତି। ପୁରୀ ବ୍ଲୁ ଫ୍ଲାଗ୍ ବିଚ୍‌ର ସୌନ୍ଦର୍ଯ୍ୟ ଓ ଆବଶ୍ୟକୀୟ ସୁବିଧା ପର୍ଯ୍ୟଟକମାନଙ୍କୁ କେବେ ମିଳିବ ତାକୁ ଅପେକ୍ଷା।

## ଜାମିନ ବିହୀନ ୱାରେଣ୍ଟ ଥିବା ଅଭିଯୁକ୍ତ କୋର୍ଟ ଚାଲାଣ

**ନୂଆପଡ଼ା, ନ୍ୟୁଜ୍ ବ୍ୟୁରୋ**

ତିନିଟି ଜାମିନ ବିହୀନ ୱାରେଣ୍ଟ ଥିବା ଜଣେ ଅଭିଯୁକ୍ତଙ୍କୁ ନୂଆପଡ଼ା ଜିଲ୍ଲା ଖଡ଼ିଆଳ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ଖଡ଼ିଆଳର ରାଜା ଦୁରିଆ (୩୧) ବୋଲି ଜଣାପଡ଼ିଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ରାଜାଙ୍କ ନାମରେ ପୂର୍ବରୁ ଚୋରି ସମ୍ପର୍କିତ ୭ଟି ମାମଲା ରହିଛି। ଏହି ମାମଲାଗୁଡ଼ିକରେ ତାଙ୍କ ବିରୋଧରେ ତିନୋଟି ଜାମିନ ବିହୀନ ୱାରେଣ୍ଟ ଜାରି ହୋଇଥିଲା। ଏହାକୁ ଆଧାର କରି ପୁଲିସ ତାକୁ ଗିରଫ କରି କୋର୍ଟରେ ହାଜର କରିଛି। ଖଡ଼ିଆଳ ଥାନା ଅଧିକାରୀ ସୁମନ୍ତ ନାଏକଙ୍କ ସୂଚନା ଅନୁସାରେ, ରାଜା ଦୁରିଆଙ୍କ ନାମରେ ପୂର୍ବରୁ ୭ଟି ଚୋରି ମାମଲା ରହିଥିବା ବେଳେ ସେ ସମସ୍ତ ମାମଲାରେ ଦଣ୍ଡିତ ହୋଇ ସାରିଛନ୍ତି।

## ଆମେରିକାରେ ଚମକିବ ଓଡ଼ିଶାର କଳା : ନ୍ୟୁୟର୍କ ଯିବ ନୀଳଗିରିର ପ୍ରସିଦ୍ଧ ପଥର ବାସନ

**ନୀଳଗିରି, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ଐତିହ୍ୟସମ୍ପନ୍ନ କଳା ଓ ଭାସ୍କର୍ଯ୍ୟ ଆଜି ସାତସମୁଦ୍ର ତେରନଦୀ ପାର ହୋଇ ବିଶ୍ୱ ଦରବାରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ଯାଉଛି। ବାଲେଶ୍ୱର ଜିଲ୍ଲା ନୀଳଗିରିର ଶତାବ୍ଦୀ ପୁରୁଣା ପାରମ୍ପରିକ ପଥର ବାସନ ଶିଳ୍ପ ଏବେ ଶୋଭା ପାଇବ ଆମେରିକାର ପ୍ରସିଦ୍ଧ ନ୍ୟୁୟର୍କ ସହରରେ। ଆମେରିକା ପ୍ରବାସୀ ଓଡ଼ିଆ ଡକ୍ଟର କୁମାର ପତିଙ୍କ ଠାରୁ ମୁକୁନ୍ଦପୁର ଗାଁର ବିଶିଷ୍ଟ କାରିଗର ଅରୁଣ କୁମାର ରାଉଳଙ୍କ ନିକଟକୁ ୧୦୦ଟି ହାତତିଆରି ମସଲା କୁଟା ପଥର ବାସନର ଏକ ବଡ଼ ଅର୍ଡର ଆସିଛି। ଆସନ୍ତା ଅକ୍ଟୋବର ୧୫ ତାରିଖରେ ଏହି ସମସ୍ତ ସାମଗ୍ରୀ ଆମେରିକା ଅଭିମୁଖେ ପଠାଯିବ, ଯେଉଁଥିପାଇଁ କାରିଗରମାନେ ବେଶ୍ ଆନନ୍ଦ ଓ ନିଷ୍ଠାର ସହ କାର୍ଯ୍ୟରେ ଲାଗିପଡ଼ିଛନ୍ତି।

କଳା ମୁଗୁନୀ ପଥର ଏବଂ ଧଳା ପଥରରେ ଜୀବନ୍ତ କାରୁକାର୍ଯ୍ୟ କରିବାରେ ନୀଳଗିରି ଉପଖଣ୍ଡ ଔପଦା ବ୍ଲକର ବଉଳଗଡ଼ିଆ ଓ ଶ୍ୟାମସୁନ୍ଦରପୁର ଗ୍ରାମର ଶିଳ୍ପୀମାନେ ବେଶ୍ ପାରଙ୍ଗମ। ଏଠାରେ



ପ୍ରସ୍ତୁତ ପଥରର ଗିନା, ଗ୍ଲାସ୍, ମସଲା ଛେଚା, କଳସ, ତାଟିଆ, ବାଟି, ବେଲା ଓ ଥାଳି ଭଳି ଘରୋଇ ବ୍ୟବହାର୍ଯ୍ୟ ସାମଗ୍ରୀ ସାରା ଭାରତରେ ଆଦୃତ। କେବଳ ବାସନକୁସନ ନୁହେଁ, ବାଲେଶ୍ୱରର ପ୍ରସିଦ୍ଧ ଇମାମୀ ଜଗନ୍ନାଥ ମନ୍ଦିରଠାରୁ ଆରମ୍ଭ କରି ଅଯୋଧ୍ୟାର ଭବ୍ୟ ରାମ ମନ୍ଦିର ନିର୍ମାଣ ପର୍ଯ୍ୟନ୍ତ ନିଜ ନିଖୁଣ କାରୁକାର୍ଯ୍ୟର ଛାପ ଛାଡ଼ି ନୀଳଗିରିର ଏହି ପଥର ଶିଳ୍ପୀମାନେ ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଛନ୍ତି। ତେବେ ଏହି ଐତିହାସିକ ସଫଳତା ଓ ବିଶ୍ୱସ୍ତରୀୟ ଚାହିଦା ପଛରେ ଲୁଚି ରହିଛି ଅନେକ ଦୁଃଖଦ ବାସ୍ତବତା। ଦିନରାତି କଠିନ ପରିଶ୍ରମ ସତ୍ତ୍ୱେ କାରିଗରମାନଙ୍କୁ ଉପଯୁକ୍ତ ପାରିଶ୍ରମିକ ମିଳୁନାହିଁ। ସଠିକ୍ ବଜାର ସଂଯୋଗର ଅଭାବ ଯୋଗୁଁ ଅନେକ ଶିଳ୍ପୀ ବାଧ୍ୟ ହୋଇ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଚାଲିଯାଉଛନ୍ତି। ଏପରିକି ଅଧିକ ଅର୍ଥ ଉପାର୍ଜନ ଆଶାରେ ବିପଜ୍ଜନକ ଲାଲ୍ ପଥରରେ କାମ କରି ବହୁ କାରିଗର ମାରାତ୍ମକ ଫୁସଫୁସ୍ ରୋଗରେ ଆକ୍ରାନ୍ତ ହେଉଥିବା ମଧ୍ୟ ଦେଖିବାକୁ ମିଳୁଛି।

ନୀଳଗିରିର ଏହି ଦେଶୀୟ କଳା ଆଜି ଅନ୍ତର୍ଜାତୀୟ ବଜାରରେ ପହଞ୍ଚିବା ନିଶ୍ଚିତ ଭାବେ ସମଗ୍ର ରାଜ୍ୟ ପାଇଁ ଗର୍ବର ବିଷୟ। କିନ୍ତୁ ଏହି ପାରମ୍ପରିକ ଶିଳ୍ପକୁ ଦୀର୍ଘସ୍ଥାୟୀ କରିବା ସହ ନୂଆ ପିଢ଼ିକୁ ଆକର୍ଷିତ କରିବାକୁ ହେଲେ ରାଜ୍ୟ ସରକାର ତୁରନ୍ତ ସ୍ୱତନ୍ତ୍ର କ୍ଲଷ୍ଟର, ଆଧୁନିକ ଉପକରଣ, ସ୍ୱାସ୍ଥ୍ୟ ବୀମା ଏବଂ ସିଧାସଳଖ ରପ୍ତାନି ବଜାର ସୁବିଧା ଯୋଗାଇଦେବା ଜରୁରୀ ହୋଇପଡ଼ିଛି।



## ବଣୁଆ ହାତୀ ହେଲା ଲୋକଙ୍କ ସାଥୀ : ୬ ମାସ ହେଲା ଘରଘର ବୁଲି ଖାଉଛି ଖାଦ୍ୟ



**ଜମନକିରା, ନ୍ୟୁଜ୍ ବ୍ୟୁରୋ**

ଜଙ୍ଗଲର ବଣୁଆ ଦନ୍ତା ଏବେ ଗାଁ ଲୋକଙ୍କ ଆପଣାର ପାଲଟିଛି। ଗତ ୬ ମାସରୁ ଅଧିକ ସମୟ ଧରି ସମ୍ବଲପୁର ଜିଲା ଜମନକିରା ବ୍ଲକ ଅଞ୍ଚଳରେ ଏକ ଦନ୍ତାହାତୀ ଗାଁ ଗାଁ ବୁଲୁଥିବା ବେଳେ ଲୋକଙ୍କ ସହ ତାର ଏକ ଅଦ୍ଭୁତ ଆତ୍ମୀୟତା ଗଢ଼ି ଉଠିଛି। ହାତୀକୁ ଦେଖି ଲୋକେ ଭୟଭୀତ ହେବା ପରିବର୍ତ୍ତେ ଶ୍ରଦ୍ଧାରେ ଖାଦ୍ୟପେୟ ଖୁଆଉଛନ୍ତି ଏବଂ ହାତୀଟି ମଧ୍ୟ ଶାନ୍ତ ସ୍ୱଭାବରେ ଯିଏ ଯାହା ଦେଉଛି ତାହା ଖୁସିରେ ଖାଇ ଆଗକୁ ବଢ଼ୁଛି।

ପ୍ରାୟ ୬ ମାସ ତଳେ ଏହି ଦନ୍ତାହାତୀଟି ଦେବଗଡ଼ ଜିଲ୍ଲା ବାରକୋଟ ଜଙ୍ଗଲରୁ ରାସ୍ତା ଦେଇ ଚାଲି ଚାଲି ଏହି ଅଞ୍ଚଳକୁ ଆସିଥିଲା। ବର୍ତ୍ତମାନ ଏହା ସିରିଡ ପଞ୍ଚାୟତ ତଥା ଏହାର ଆଖପାଖ ଗାଁଗୁଡ଼ିକରେ ଘର ଘର ବୁଲୁଛି। ଗ୍ରାମବାସୀଙ୍କ ସହ ଏଭଳି ମିଳିମିଶି ରହିବା ଯୋଗୁ ହାତୀଟି ଆଉ ଜଙ୍ଗଲକୁ ଫେରିବାକୁ ଆଦୌ ଇଚ୍ଛା ନ ଥିବା ଜମନକିରା ବନ ବିଭାଗ ଅଧିକାରୀମାନେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ, ଉଭୟ ଗ୍ରାମବାସୀ ଏବଂ ହାତୀର ସୁରକ୍ଷାକୁ ଦୃଷ୍ଟିରେ ରଖି ବନ ବିଭାଗ କର୍ମଚାରୀମାନେ ସତର୍କ ରହିଛନ୍ତି। ବଣୁଆ ହାତୀର ଏଭଳି ଶାନ୍ତ ଓ ଘରୋଇ ଆଚରଣ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ମୁଖ୍ୟ ବିଷୟ ପାଲଟିଛି।

## ସୀମା ଡେଇଁ ଚାଲିଛି ବାଲି ଚାଲାଣ : ପୁଲିସ କ୍ୟାମ୍ପ ଥାଇ ବି ଅଟକୁନି ହାଇୱା

**ଉଦୟପୁର, ନ୍ୟୁଜ୍ ବ୍ୟୁରୋ**

ଚୋରା ବାଲି ଚାଲାଣକୁ ନେଇ ଅଶାନ୍ତ ଉଦୟପୁର ସୀମା। ସୀମାରେ ପୁଲିସ କ୍ୟାମ୍ପ ଥିବା ସତ୍ତ୍ୱେ ବାଲି ଚାଲାଣ ଉପରେ ରୋକ୍ ଲାଗୁନଥିବା ଅଭିଯୋଗ ହୋଇଛି। ଓଡ଼ିଶାରୁ ପଶ୍ଚିମବଙ୍ଗକୁ ଖୁଲମଖୁଲା ଭାବେ ବାଲି ଚାଲାଣ ହେଉଥିବା ନେଇ ଅଭିଯୋଗ ହୋଇଛି। ସକାଳୁ ସକାଳୁ ଗୋଟିଏ ପରେ ଗୋଟିଏ ବାଲି ବୋଝେଇ ହାଇୱା ଉଦୟପୁର ସୀମା ଦେଇ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା କୁହାଯାଉଛି। ବାଲି ବୋଝେଇ ଗାଡ଼ିଗୁଡ଼ିକ କିଭଳି ଖୁଲମ୍‌ଖୁଲା ଭାବେ ସୀମା ଅତିକ୍ରମ କରୁଛି, ତାକୁ ନେଇ ଉଠିଛି ବଡ଼ ପ୍ରଶ୍ନ।



ବାଲି ଚାଲାଣ ରୋକିବାକୁ ସ୍ଥାନୀୟ କିଛି ଯୁବକ ଗାଡ଼ି ଅଟକାଇବାକୁ ଉଦ୍ୟମ କରୁଥିବା ଦେଖାଯାଇଛି। ଯୁବକମାନେ ଗାଡ଼ି ଅଟକାଇବାକୁ ଉଦ୍ୟମ କରୁଥିବା ବେଳେ ହାଇୱାଗୁଡ଼ିକ ଦ୍ରୁତ ଗତିରେ ସୀମା ଅତିକ୍ରମ କରୁଥିବା ଅଭିଯୋଗ ହୋଇଛି। ସୀମାରେ ଦାୟିତ୍ୱରେ ଥିବା ପୁଲିସ ଓ ପ୍ରଶାସନ ଏହା ଜାଣିପାରୁ ନାହାନ୍ତି ନା ଜାଣି ମଧ୍ୟ ନିରବ ରହୁଛନ୍ତି, ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ତୁରନ୍ତ ବାଲି ଚାଲାଣ ବନ୍ଦ କରିବା ସହ ଏହା ପଛରେ ଥିବା ଲୋକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ଜୋର ଧରିଛି।

## ଜନ୍ତାପାଇ–ମାଲକାନଗିରି ମାଗଣା ରୋଗୀ ବସ୍ ସେବା ଠପ୍

# ଦୁର୍ଗମ ସ୍ୱାଭିମାନ ଅଞ୍ଚଳରେ ରୋଗୀ ହନ୍ତସନ୍ତ, ପୁନଃ ଚାଲୁ ପାଇଁ ସହଯୋଗର ଦାବି

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ଦୁର୍ଗମ ସ୍ୱାଭିମାନ ଅଞ୍ଚଳର ରୋଗୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହ ଯୋଡ଼ିବା ପାଇଁ ଚାଲୁଥିବା ଜନ୍ତାପାଇ–ମାଲକାନଗିରି ମାଗଣା ରୋଗୀ ପରିବହନ ସରକାରୀ ବସ୍ ସେବା ଗତ ୨୨ ଜୁଲାଇ ୨୦୨୬ରୁ ବନ୍ଦ ରହିଛି। ଦୀର୍ଘ ଦିନ ଧରି ସେବା ଠପ୍ ରହିବା ଯୋଗୁଁ ଦୁର୍ଗମ ଅଞ୍ଚଳର ରୋଗୀ ଓ ସେମାନଙ୍କ ସହଯୋଗୀମାନେ ଯାତାୟାତ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି।

ସ୍ୱାଭିମାନ ଅଞ୍ଚଳର ଜନ୍ତାପାଇ ଠାରୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ଗତ ପ୍ରାୟ ୫ ବର୍ଷ ଧରି ଏହି ମାଗଣା ବସ୍ ସେବା ଚାଲୁଥିଲା। ଦୁର୍ଗମ ଅଞ୍ଚଳର ଗରିବ, ଅସହାୟ ଓ ନିମ୍ନ ଆୟବର୍ଗର ଲୋକଙ୍କ ପାଇଁ ଏହା ଚିକିତ୍ସାଳୟ ପହଞ୍ଚିବାର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଥିଲା। ବସ୍ ସେବା ବନ୍ଦ ହେବା ପରେ ରୋଗୀମାନଙ୍କୁ ନିଜ ଖର୍ଚ୍ଚରେ ଦୂରଦୂରାନ୍ତ ଯାତ୍ରା କରି ଚିକିତ୍ସା ପାଇଁ ମାଲକାନଗିରି ଆସିବାକୁ ପଡୁଛି। ବିଶେଷକରି ଅର୍ଥନୈତିକ ଭାବେ ଦୁର୍ବଳ ପରିବାର ପାଇଁ ଏହି ଯାତାୟାତ ଖର୍ଚ୍ଚ ଏକ ବଡ଼ ସମସ୍ୟା ପାଲଟିଥିବା ଅଭିଯୋଗ ହୋଇଛି। ଏହାର ପ୍ରଭାବରେ କେତେକ ରୋଗୀ ସମୟରେ ଉଚ୍ଚତର ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିପାରୁନଥିବା ମଧ୍ୟ କୁହାଯାଇଛି।

ଜୋଡ଼ାମ୍ବ ପ୍ରାଥମିକ ଚିକିତ୍ସାଳୟ, ଜାନବାଇ ପ୍ରାଥମିକ ଚିକିତ୍ସାଳୟ, ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ, କୋରୁକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ବାଲିମେଳା ଏନ୍‌ଏସି ଅଧୀନ ଚିକିତ୍ସାଳୟ ସମେତ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରୁ ଉଚ୍ଚତର ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଉଥିବା ରୋଗୀମାନେ ମଧ୍ୟ ଏହି ବସ୍ ସେବା ଉପରେ ନିର୍ଭର କରୁଥିଲେ। ବସ୍ ସେବା ବନ୍ଦ ହେବା ପରେ ଏହାକୁ ପୁନଃ ଚାଲୁ କରିବା ପାଇଁ ୭ ସେପ୍ଟେମ୍ବର ୨୦୨୬ରେ ଖଇରପୁଟ ବ୍ଲକ୍‌ରେ ଅନୁଷ୍ଠିତ ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମରେ ଆବେଦନ ଦିଆଯାଇଥିଲା। ତେବେ ଆବେଦନ ପରେ ମଧ୍ୟ ବସ୍ ସେବା ପୁନଃ ଚାଲୁ ହୋଇନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ବାଲିମେଳାର 'ସହଯୋଗ' ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ପୁନର୍ବାର ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସଂଗଠନ ପକ୍ଷରୁ ଜନ୍ତାପାଇ–ମାଲକାନଗିରି ମାଗଣା ରୋଗୀ ବସ୍ ସେବାକୁ ଅବିଳମ୍ବେ ପୁନଃ ଚାଲୁ କରିବାକୁ ଦାବି ହୋଇଛି। ବସ୍ ସେବା ପୁନଃ ଚାଲୁ କରିବା ସହ ଏହାର ଫେରନ୍ତା ସମୟସୂଚୀରେ ପରିବର୍ତ୍ତନ ପାଇଁ ମଧ୍ୟ ଦାବି ରହିଛି। ବର୍ତ୍ତମାନ ଫେରନ୍ତା ବସ୍ ଅପରାହ୍ନ ୪ଟାରେ ଛାଡୁଥିବା ସ୍ଥାନରେ ୫ଟାରେ ଛାଡ଼ିବାକୁ ସଂଗଠନ ପକ୍ଷରୁ ଅନୁରୋଧ କରାଯାଇଛି।

ଦୂରଦୂରନ୍ତରୁ ଆସୁଥିବା ରୋଗୀଙ୍କୁ ଓପିଡିରେ ଡାକ୍ତରଙ୍କ ପରାମର୍ଶ ନେବା ସହ ବିଭିନ୍ନ ପରୀକ୍ଷା କରାଇବା, ରିପୋର୍ଟ ସଂଗ୍ରହ କରିବା ଏବଂ ଔଷଧ ନେବାରେ ସମୟ ଲାଗୁଥିବାରୁ ୪ଟାରେ ବସ୍ ଛାଡ଼ିଲେ ଅନେକ ରୋଗୀ ଅସୁବିଧାରେ ପଡୁଥିବା ଅଭିଯୋଗ ରହିଛି। ତେଣୁ ଅପରାହ୍ନ ୫ଟାରେ ବସ୍ ଛାଡ଼ିଲେ ରୋଗୀମାନେ ଚିକିତ୍ସା ସମ୍ପର୍କିତ ଆବଶ୍ୟକ କାର୍ଯ୍ୟ ଶେଷ କରି ଘରକୁ ଫେରିପାରିବେ ବୋଲି ସଂଗଠନ ଯୁକ୍ତି ଦର୍ଶାଇଛି। ୨୨ ଜୁଲାଇରୁ ଏହି ଜନକଲ୍ୟାଣମୂଳକ ବସ୍ ସେବା କାହିଁକି ବନ୍ଦ ରହିଛି, ତାହାର ପ୍ରକୃତ କାରଣ ସାର୍ବଜନୀନ କରିବାକୁ ମଧ୍ୟ ଦାବି ହୋଇଛି। ପ୍ରଶାସନିକ, ପରିଚାଳନାଗତ କିମ୍ବା ଆର୍ଥିକ ସମସ୍ୟା ଯୋଗୁଁ ସେବା ବନ୍ଦ ହୋଇଥିଲେ ତାହାର ସମାଧାନ କରି ନିୟମିତ ଭାବେ ସେବା ଚାଲୁ ରଖିବାକୁ ଦାବି କରାଯାଇଛି। ସେହିପରି ଭବିଷ୍ୟତରେ ଏପରି ମାଗଣା ରୋଗୀ ପରିବହନ ସେବା ବିନା ପୂର୍ବ ସୂଚନାରେ ବନ୍ଦ ନହେବା ପାଇଁ ସ୍ଥାୟୀ ପରିଚାଳନା ବ୍ୟବସ୍ଥା କରିବା ସହ ଦୁର୍ଗମ ଅଞ୍ଚଳର ରୋଗୀଙ୍କ ଚାହିଦା ଅନୁଯାୟୀ ଆବଶ୍ୟକ ସ୍ଥଳେ ଅତିରିକ୍ତ ପରିବହନ ବ୍ୟବସ୍ଥା କରିବାକୁ ମଧ୍ୟ ଦାବି ହୋଇଛି। ଦୁର୍ଗମ ସ୍ୱାଭିମାନ ଅଞ୍ଚଳର ଗରିବ ଓ ଅସହାୟ ରୋଗୀଙ୍କ ସ୍ୱାସ୍ଥ୍ୟସେବା ପ୍ରାପ୍ତିକୁ ଦୃଷ୍ଟିରେ ରଖି ଜନ୍ତାପାଇ–ମାଲକାନଗିରି ମାଗଣା ବସ୍ ସେବାକୁ ଶୀଘ୍ର ପୁନଃ ଚାଲୁ କରିବା ସହ ଫେରନ୍ତା ବସ୍‌ର ସମୟ ଅପରାହ୍ନ ୫ଟା କରିବାକୁ 'ସହଯୋଗ' ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଦୃଢ଼ ଦାବି କରାଯାଇଛି।

## ମଶାଣି ଗୃହ ନଥିବାରୁ ହଟହଟା ଗ୍ରାମବାସୀ : ନିଜ ପାଇଁ ନିଜେ ଶ୍ମଶାନ ଜମି ସଫେଇ କଲା ଗ୍ରାମ୍ୟ କମିଟି



**ଦାରିଙ୍ଗବାଡ଼ି, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଗ୍ରୀନବାଡ଼ି ପଞ୍ଚାୟତର ଗ୍ରାମ୍ୟ କମିଟି ପକ୍ଷରୁ ନିଜ ଗାଁ ଶ୍ମଶାନ ଜମିକୁ ନିଜେ ସଫେଇ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି।

ପ୍ରକାଶ ଯେ, ବ୍ଲକ ମୁଖ୍ୟାଳୟଠାରୁ ମାତ୍ର ଗୋଟିଏ କିଲୋମିଟର ଦୂରରେ ଏହି ଶ୍ମଶାନଟି ରହିଛି। କିନ୍ତୁ ଶେଷ ଯାତ୍ରା କରୁଥିବା ବ୍ୟକ୍ତିଙ୍କୁ ସମ୍ମାନ ଜଣାଇ ମୃତଦେହ ଦାହ କରିବା ଏବଂ ଶ୍ମଶାନକୁ ଯାଉଥିବା ଲୋକଙ୍କ ପାଇଁ ମୁଣ୍ଡ ଗୁଞ୍ଜିବାକୁ ଏଠାରେ ଗୃହଟିଏ ମଧ୍ୟ ନାହିଁ। ଫଳରେ ଗ୍ରାମବାସୀ ବହୁ ହଇରାଣ ହେଉଛନ୍ତି। ବିଶେଷକରି ବର୍ଷାଦିନେ ମୃତଦେହ ଦାହ କରାଯିବା ସମୟରେ ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଗ୍ରାମ୍ୟ କମିଟି ସମ୍ପାଦକ ଲିଟୁ ନାୟକ କହିଛନ୍ତି। ସେହିପରି ଶ୍ମଶାନକୁ ଯାତାୟାତ କରୁଥିବା ରାସ୍ତାରେ କଲଭର୍ଟଟିଏ ନଥିବାରୁ ବର୍ଷା ସମୟରେ ଶ୍ମଶାନକୁ ମୃତଦେହ ନେଇଯିବା ମୁସ୍କିଲ ହେଉଥିବା ଗ୍ରାମ୍ୟ କମିଟି ସଭାପତି ଧର୍ମେନ୍ଦ୍ର ପ୍ରଧାନ ଓ ଉପସଭାପତି ତ୍ରିଲୋଚନା ନାୟକ ପ୍ରମୁଖ ଅଭିଯୋଗ କରିଛନ୍ତି। ଏନେଇ ଗ୍ରାମ୍ୟ କମିଟି ପକ୍ଷରୁ ବାରମ୍ବାର ପ୍ରଶାସନ ନିକଟରେ ଗୁହାରି ଜଣାଇଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇନଥିବା କମିଟି ପକ୍ଷରୁ ଉଦ୍‌ବେଗର ସହ କୁହାଯାଇଛି। ଗାଁ ବୈଠକର ନିଷ୍ପତ୍ତିକ୍ରମେ ଏବେ ଶ୍ମଶାନ ଜମିରେ ଉଠିଥିବା ଅନାବନା ଗଛ ଓ ଘାସ କାଟି ସଫେଇ କରାଯାଇଛି। ଏହି ସଫେଇ ପ୍ରକ୍ରିୟା ନିୟମିତ ଭାବେ କରାଯିବ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି।

## ୧୯୯୯ ମହାବାତ୍ୟା ପରଠୁ ଗ୍ରାମାଞ୍ଚଳରେ ଆଉ ଦିଶୁନି ଚାଳଘର

## ଛପର ପାଇଁ ମିଳୁନି ନଡ଼ା, ବାଉଁଶ, କମିଗଲେଣି କାରିଗର

**ପିପିଲି, ନ୍ୟୁଜ୍ ବ୍ୟୁରୋ**

ଗାଁ କହିଲେ ଦିନେ ଆଖି ଆଗରେ ଭାସି ଉଠୁଥିଲା ସବୁଜିମା ଘେରା ପ୍ରାକୃତିକ ପରିବେଶ। ମାଟି କାନ୍ଥ, ନଡ଼ାରେ ଛପର ହୋଇଥିବା ଧାଡ଼ି ଧାଡ଼ି ଚାଳଘର। ଖରା ଦିନେ ଏହା ଦେଉଥିଲା ଶୀତଳତା। ଶୀତଦିନେ ଭରୁ ଥିଲା ଉଷ୍ମତା। ଏହା କେବଳ ଲୋକମାନଙ୍କ ଆଶ୍ରୟସ୍ଥଳୀ ନଥିଲା, ବରଂ ଗ୍ରାମୀଣ ସଂସ୍କୃତି ଓ ଭାଇଚାରାର ଏକ ଜୀବନ୍ତ ପ୍ରତୀକ ଥିଲା। ଆଜିର ଆଧୁନିକ ଯୁଗରେ ଗ୍ରାମାଞ୍ଚଳରେ ଆଉ ଆଗଭଳି ଚାଳଘର ଦେଖିବାକୁ ମିଳୁନି। ଛପର ପାଇଁ ନଡ଼ା କି ବାଉଁଶ ମିଳୁ ନ ଥିବାରୁ ଲୋକେ କୋଠା ଘର ନିର୍ମାଣ କରୁଛନ୍ତି।

ଚାଳଘର ସମ୍ପୂର୍ଣ୍ଣ ପରିବେଶ ଅନୁକୂଳ। ଛାତଘର ସୁରକ୍ଷିତ ହୋଇଥିଲେ ବି ସେଥିରେ ପ୍ରାକୃତିକ ଶୀତଳତା ନାହିଁ। ସମୟର ସ୍ରୋତ ସହ ଗ୍ରାମାଞ୍ଚଳର ଆର୍ଥିକ ସ୍ଥିତିରେ ସୁଧାର, ତା ସାଙ୍ଗକୁ ଆବାସ ଯୋଜନାର ସଫଳ ରୂପାୟନ ଏବଂ ପ୍ରାକୃତିକ



ବିପର୍ଯ୍ୟୟରୁ ସୁରକ୍ଷା ପାଇବା ପାଇଁ ଲୋକମାନେ ଏବେ କୋଠାଘରକୁ ଆପଣେଇ ନେଇଛନ୍ତି। ବାରମ୍ବାର ବାତ୍ୟା, ବର୍ଷା ଓ ଅଗ୍ନିକାଣ୍ଡରୁ ମୁକ୍ତି ପାଇବା ସହ ଜୀବନ ଧାରଣର ମାନ ବୃଦ୍ଧି କରିବା ପାଇଁ ପକ୍କାଘର ନିର୍ମାଣ କରିବା ଜରୁରୀ ହୋଇପଡ଼ିଛି।

ପାରମ୍ପରିକ ଛପର କାରିଗରମାନେ ମଧ୍ୟ ସମୟ ସ୍ରୋତରେ କମିଗଲେଣି। ସେହିପରି ଗାଇ ସଂଖ୍ୟା କମି ଯାଉଥିବାରୁ ଲିପାପୋଛା ପାଇଁ ଗୋବର ମିଳୁନି। ପିପିଲି ଅଞ୍ଚଳର ଚାଳ ଛପର କାରିଗର ଗୁଣ୍ଡିଚା ମହାରଣାଙ୍କ ସୂଚନା ମୁତାବକ, ପୂର୍ବରୁ ବିଭିନ୍ନ ଡିଜାଇନ୍‌ରେ ଚାଳଘର ପ୍ରସ୍ତୁତ କରାଯାଉଥିଲା। ଧନୀ ଶ୍ରେଣୀର ଲୋକମାନେ ଖଞ୍ଜାଘର ପ୍ରସ୍ତୁତ କରିବାକୁ ପସନ୍ଦ କରୁଥିଲେ। ଏହି ଘର ମଝିରେ ଅଗଣା ରହୁଥିଲା। କିଛିଲୋକେ ଦାଣ୍ଡି ଘର ନିର୍ମାଣ କରୁଥିଲେ। କାଠରେ ବିଭିନ୍ନ ରକମର କଳାକୃତି କରାଯାଉଥିଲା। ଏହି ଘର ପ୍ରାକୃତିକ ବିପର୍ଯ୍ୟୟରେ ଭାଙ୍ଗିବା ମଧ୍ୟ କଷ୍ଟକର ହେଉଥିଲା। ଏବେ ଚାଳଘର ପ୍ରାୟତଃ ଆଉ ନିର୍ମାଣ ହେଉନାହିଁ। କେବଳ କିଛି ସ୍ଥାନରେ ଚାଳିଆ କିମ୍ବା ଗୁହାଳ ଘର ନିର୍ମାଣ କରାଯାଉଛି।

୧୯୯୯ ପୂର୍ବରୁ ବହୁ ମାତ୍ରାରେ ଚାଳଘର ନିର୍ମାଣ କରାଯାଉଥିଲା। ମହାବାତ୍ୟା ପରେ ଲୋକମାନେ ଚାଳଘରେ ରହିବାକୁ ଡରୁଛନ୍ତି। ଆବାସ ଯୋଜନାରେ ଅଧିକାଂଶ ଲୋକ କୋଠାଘର ପାଉଛନ୍ତି। ଏଣୁ ସେମାନେ ଆଉ ଚାଳଘରେ ରହିବାକୁ ପସନ୍ଦ କରୁନାହାନ୍ତି।

## ଓଡ଼ିଶାରେ ପ୍ରତିଷ୍ଠା ହେବ ପାଲି ଭାଷା ଅଧ୍ୟୟନ କେନ୍ଦ୍ର

**କୋରାପୁଟ, ନ୍ୟୁଜ୍ ବ୍ୟୁରୋ**

ଶାସ୍ତ୍ରୀୟ ଭାଷା ପାଲିର ଅଧ୍ୟୟନ, ଗବେଷଣା ଓ ସଂରକ୍ଷଣକୁ ଗୁରୁତ୍ୱ ଦେଇ କୋରାପୁଟର ସୁନାବେଡ଼ାସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ 'ସେଣ୍ଟର ଅଫ ଏକ୍ସିଲେନ୍ସ' ପ୍ରତିଷ୍ଠା ହେବ। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏନେଇ ଅନୁମୋଦନ କରାଯାଇଛି।

୨୦୨୬ ଅକ୍ଟୋବର ୧ତାରିଖରେ ଜାରି ଅଫିସ ମେମୋରାଣ୍ଡମ ଅନୁଯାୟୀ, ଦେଶରେ ୫ଟି ଶାସ୍ତ୍ରୀୟ ଭାଷା ପାଇଁ 'ସେଣ୍ଟର ଅଫ ଏକ୍ସିଲେନ୍ସ' ପ୍ରତିଷ୍ଠା ହେବ। ଆସାମୀୟ ପାଇଁ ତେଜପୁର ବିଶ୍ୱ ବିଦ୍ୟାଳୟ, ବଙ୍ଗଳା ପାଇଁ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ, ମରାଠୀ ପାଇଁ ଡେକାନ କଲେଜ, ପାଲି ପାଇଁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶା ଏବଂ ପ୍ରାକୃତ ପାଇଁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଗୁଜରାଟକୁ ଚୟନ କରାଯାଇଛି। ପାଲି ଭାଷା ଅଧ୍ୟୟନ କେନ୍ଦ୍ର ମାଧ୍ୟମରେ ଶାସ୍ତ୍ରୀୟ ଭାଷାର ଐତିହ୍ୟ ଓ ସାହିତ୍ୟର ଗବେଷଣା, ଡିଜିଟାଇ-ଜେସନ, ସଂରକ୍ଷଣ ଏବଂ ପ୍ରସାର ଉପରେ ଗୁରୁତ୍ୱ ଦିଆଯିବ।

## ଅପହଞ୍ଚ ଗାଁରେ ଆଶାର କିରଣ : ସ୍ୱାବଲମ୍ବୀ ହେବେ ସାନ୍ତାଳୀ ମହିଳା

**ମହାକାଳପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକର ଉପକୂଳ ସମୁଦ୍ର ତଟରେ ଅବସ୍ଥିତ ଅପହଞ୍ଚ ସାନ୍ତାଳୀ ଗ୍ରାମ 'ପାଣିଖିଆ'। ଅନାଦି କାଳରୁ ଏହି ଗ୍ରାମର ସାନ୍ତାଳୀ ବଂଶଧରମାନେ ଲୁଣା ହେନ୍ତାଳ ଜଙ୍ଗଲ ମଧ୍ୟରେ ବସବାସ କରିଆସୁଛନ୍ତି। ତେବେ ସ୍ୱାଧୀନତାର ଏତେ ବର୍ଷ ପରେ ମଧ୍ୟ ଏହି ଗ୍ରାମରେ ମୌଳିକ ସୁବିଧା ଅପହଞ୍ଚ ହୋଇରହିଥିଲା। ଏ ସମ୍ପର୍କରେ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇବା ପରେ ପ୍ରଶାସନ ତତ୍ପରତା ପ୍ରକାଶ କରିଛି। 'ମିଶନ ଶକ୍ତି' ବିଭାଗର ଏକ ପ୍ରତିନିଧି ଟିମ୍ ଗ୍ରାମକୁ ଗସ୍ତ କରି ୧୨ ଜଣ ସାନ୍ତାଳୀ ମହିଳାଙ୍କୁ ନେଇ ମା' ଅଧିଷ୍ଠାତ୍ରୀ ଦେବୀ 'ଜାହେରଆୟ' ନାମକ ଏକ ନୂତନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରିଛନ୍ତି। ସଭାନେତ୍ରୀ ଭାବେ ରେବତୀ ଟୁଡୁ ଓ ସମ୍ପାଦିକା ଭାବେ ମଲ୍ଲୀ ମାରାଣ୍ଡି ମନୋନୀତ ହୋଇଛନ୍ତି। ଏହି ଗୋଷ୍ଠୀ ଗଠନ ପରେ ସ୍ଥାନୀୟ ସାନ୍ତାଳୀ ମହିଳାମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଓ ଖୁସିର ଲହରୀ ଖେଳିଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନଜାତି ବିକାଶ ଯୋଜନାର ସିଧାସଳଖ ଫାଇଦା ଏବେ ଏହି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ସେମାନଙ୍କ ପାଖରେ ପହଞ୍ଚିପାରିବ। ମହିଳାମାନେ ଏବେ ଆତ୍ମନିର୍ଭରଶୀଳ ହେବା ସହ ବିଭିନ୍ନ ସରକାରୀ ସଭାସମିତି ଓ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିବେ ବୋଲି ଗ୍ରାମର ମୁରବୀ ଗୁରୁଭା ହାଁସଦା, ଲବ ମାରାଣ୍ଡି, କୁଶ ମାରାଣ୍ଡି, ଚରଣ ଟୁଡୁ, ଶଙ୍କର ମାରାଣ୍ଡି, ଶିବ ଟୁଡୁ ଓ ସୁନେସ ସୋରେନ ପ୍ରମୁଖ ଆଶାପ୍ରକାଶ କରିଛନ୍ତି।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୭ ଅକ୍ଟୋବର, ୨୦୨୬ ଶନିବାର





# ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟ:ବିସିଜେଡ଼ିର ଏକତରଫା ବିଜୟ



**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାରେ ଦୀର୍ଘ ୮ ବର୍ଷ ପରେ ଅନୁଷ୍ଠିତ ଛାତ୍ର ସଂସଦ ନିର୍ବାଚନ ଶାନ୍ତି ଶୃଙ୍ଖଳାରେ ଅନୁଷ୍ଠିତ ହୋଇଯାଇଛି । ବରଗଡ଼ର ସର୍ବପୁରାତନ ଏକମାତ୍ର ସରକାରୀ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନରେ ବିଜୁ ଛାତ୍ର ଜନତା ଦଳର ପ୍ରାର୍ଥୀ ଅଭିନାଶ ନାଗ ବିପୁଳ ଭୋଟ୍ ବ୍ୟବଧାନରେ ଏକ ତରଫା ଭାବେ ଏବିଭିପିର ମୀମାଂଶା ଶର୍ମାଙ୍କୁ ପରାସ୍ତ କରି ବିଜୟୀ ହୋଇଛନ୍ତି ଶ୍ରୀ ନାଗ। ୬୮୧ ଭୋଟ୍ ପାଇଥିବା ବେଳେ ମୀମାଂଶା ଶର୍ମା ମାତ୍ର ୩୭୭ ଭୋଟ୍ ପାଇଥିଲେ । ବିଜୁ ଛାତ୍ର ଜନତା ଦଳର ଏହି ବିଜୟ ପରେ ବିଜୟୀ ଛାତ୍ର ନେତାମାନେ ପଞ୍ଚାୟତ ମହାବିଦ୍ୟାଳୟରୁ ଏକ ବିଜୟ ଶୋଭାଯାତ୍ରାରେ ବାହାରି ମାଁ ସମଲେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ । ବିଜୁ ଛାତ୍ର ଜନତା ଦଳର ଏହି ବିପୁଳ ବିଜୟରେ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ସମସ୍ତ ବିଜୟୀ ଛାତ୍ର ନେତାମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଗାମୀ ଦିନରେ ମହାବିଦ୍ୟାଳୟରେ ଶିକ୍ଷାର ବାତାବରଣ ଆହୁରି ସୁଦୃଢ଼ ହେବା ସହ ମହାବିଦ୍ୟାଳୟର ସାମଗ୍ରିକ ଉନ୍ନତିରେ ବିଜୟୀ ଛାତ୍ର ନେତାମାନେ ସଂକଳ୍ପର ସହ କାମ କରିବେ ବୋଲି ଆଶା ବ୍ୟକ୍ତ କରିଛନ୍ତି ।



# ମୁଖ୍ୟମନ୍ତ୍ରୀଙ୍କୁ ସମ୍ବଲପୁର ସାଂସଦଙ୍କ ଚିଠି

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ପ୍ରମୁଖ ଖଣି ଓ ଶିଳ୍ପାଞ୍ଚଳର ଜାତୀୟ ତଥା ରାଜ୍ୟ ରାଜପଥଗୁଡ଼ିକରେ ବାଣିଜ୍ୟିକ ଓ ବଡ଼ ବଡ଼ ଯାନଗୁଡ଼ିକର ବେଆଇନ୍ ପାର୍କିଂ ଯୋଗୁଁ ବୃଦ୍ଧି ପାଉଥିବା ସଡ଼କ ଦୁର୍ଘଟଣାକୁ ରୋକିବା ପାଇଁ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖି ଅବଗତ କରିଛନ୍ତି ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ। ସୁପ୍ରିମକୋର୍ଟଙ୍କ ରାୟ ଏବଂ 'ଓଡ଼ିଶା ରାଜ୍ୟ ରାଜପଥ କର୍ତ୍ତୃପକ୍ଷ ଆଇନ୍, ୨୦୨୫' ଅନୁଯାୟୀ ଏହି ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାରଙ୍କ ପାଖରେ ଦୃଢ଼ ଆଇନ୍‌ଗତ କ୍ଷମତା ରହିଛି । ଶିଳ୍ପ ଓ ଖଣି କମ୍ପାନୀ, ପରିବହନକାରୀ ଓ ଡ୍ରାଇଭରଙ୍କ ବିରୁଦ୍ଧରେ ଜରିମାନା ଏବଂ କାରାଦଣ୍ଡ ବ୍ୟବସ୍ଥା କଡ଼ାକଡ଼ି କରିବା, ଲଜିଷ୍ଟିକ୍ସ ଅବ୍ୟବସ୍ଥା ପାଇଁ କର୍ପୋରେଟ୍ ଲାୟାବିଲିଟି ଲାଗୁ କରିବା ସହ ଜିଲ୍ଲା ସଡ଼କ ସୁରକ୍ଷା ଟାସ୍କଫୋର୍ସ ଜରିଆରେ ନିୟମିତ ସମୀକ୍ଷା କରିବା ପାଇଁ ଆବଶ୍ୟକ ନିର୍ଦ୍ଦେଶ ଦେବାକୁ ସୁପାରିଶ କରିଛି ।

## ରାଜ୍ୟ ସରକାରଙ୍କୁ ଦେବାଳୟ ଓ ଐତିହ୍ୟ ସୁରକ୍ଷା କମିଟିର ପ୍ରସ୍ତାବ

# ମାଁ ପାଟେଶ୍ୱରୀ ମନ୍ଦିରର ସୌନ୍ଦର୍ଯ୍ୟକରଣ ପାଇଁ ଖର୍ଚ୍ଚ ହେବ ୨ କୋଟି ଟଙ୍କା





**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ଆଗଲପୁର ବ୍ଲକ ସଲାଭେଟା ଗ୍ରାମ ଐତିହାସିକ ପୀଠ ମାଁ ପାଟଣେଶ୍ୱରୀ ସମଲେଶ୍ୱରୀ ଗୋଟିଏ ଗମ୍ଭିରାରେ ପୂଜା ପାଉଛନ୍ତି । ୧୫୦୦ ଖ୍ରୀଷ୍ଟାବ୍ଦରେ ଏହି ମନ୍ଦିରଟି ରାଜା ବଳରାମ ଦେଓ ଭାଇ ଭାଗ ପାଇଁ ସ୍ଥାପନ କରିଥିଲେ। ମାଁ ପାଟଣେଶ୍ୱର ପାଟଣାମୁହାଁ ହୋଇଥିବା ବେଳେ ମାଁ ସମଲେଶ୍ୱରୀ ହୁମା ବା ସମ୍ବଲପୁର ମୁହାଁ ହୋଇଛନ୍ତି। ଗୋଟିଏ ଗମ୍ଭିରାରେ ଦୁଇ ଭଉଣୀ ପୂଜା ପାଉଥିବା ବେଳେ ରାଜାଙ୍କ ଖମାରରେ ପୂଜା ପାଉଛନ୍ତି। ଦଶହରା ଏବଂ ଚଇତ ପରବରେ ମନ୍ଦିରରେ ସ୍ୱତନ୍ତ୍ରତା ପୂଜା କରାଯାଏ। ଏ ବର୍ଷ ବଏଲ ଯାତ୍ରା ପାଇଁ ମନ୍ଦିର କମିଟି ପ୍ରସ୍ତୁତି ଜୋର୍‌ସୋର୍ ଆରମ୍ଭ କରିଥିବା ବେଳେ ୧୮ ତାରିଖ ସନ୍ଧ୍ୟା ସମୟରୁ ମାଁ ପାଟଣେଶ୍ୱର ବଏଲ ଯାତ୍ରା ନଗର ପରିକ୍ରମା କରିବ, ୧୯ ତାରିଖ ଦିନ ମନ୍ଦିର ପ୍ରବେଶ କରିବେ। ଭକ୍ତମାନଙ୍କୁ ଦର୍ଶନ ଦେବେ ବୋଲି ନିଷ୍ପତ୍ତି ନେଇଥିବା ମନ୍ଦିର କମିଟି। ମାଁଙ୍କ ନବରାତ୍ରୀ ପୂଜା ଆରମ୍ଭ ହୋଇଥିବା ପ୍ରଥମ ଦିନରୁ ବିଭିନ୍ନ ବେଶରେ ଦର୍ଶନ ଦେଉଥିବା ବେଳେ ପ୍ରତ୍ୟେକ ଦିନ ହୋମଯଜ୍ଞ ଓ ଚଣ୍ଡିପାଠ ହେଉଛି। ସନ୍ଧ୍ୟା ସମୟରେ ମହା ଆଳତି ସହ ଘଣ୍ଟବାଦ୍ୟ ଦୁଲଦୁଲି ସହ ମାଁଙ୍କ ମହା ଆଳତି ହେଉଛି। ଏଥିରୁ ଆଖ ପାଖ ଗାଁର ଭକ୍ତମାନଙ୍କର ସୁଅ ଛୁଟୁଛି। ଚଣ୍ଡିପାଠ କରୁଛନ୍ତି ପଣ୍ଡିତ କବିରାଜ ମିଶ୍ର ଏବଂ ମନ୍ଦିରର ପୂଜକ ପ୍ରକାଶ ଦିସ୍ରୀ ସହଯୋଗ କରୁଛନ୍ତି। ମନ୍ଦିର କମିଟିର କର୍ମକର୍ତ୍ତା ଓ ଗ୍ରାମବାସୀ ସହଯୋଗ କରୁଛନ୍ତି। ମନ୍ଦିର କମିଟି ନିଷ୍ପତ୍ତି ଅନୁଯାୟୀ ଦୀର୍ଘ ବର୍ଷର ମାଁ ଗମ୍ଭିରାରେ ପୂଜା ପାଉଥିବା ବେଳେ ଏ ବର୍ଷରୁ ନୂତନ ଗମ୍ବୁଜ ନିର୍ମାଣ ପାଇଁ ଭୂମିପୂଜନ ଓ କାର୍ଯ୍ୟଆରମ୍ଭ ହେଉଛି। ଏଥିରେ ପାଟଣାଗଡ ମାଁ ପାଟଣେଶ୍ୱରୀ ମନ୍ଦିର, ସମ୍ବଲପୁରର ମାଁ ସମଲେଶ୍ୱରୀ ଏବଂ କଳାହାଣ୍ଡିର ମାଁ ମାଣିକେଶ୍ୱରୀଙ୍କ ମନ୍ଦିର ସ୍ଥାନ ପାଇବ। ଦୁଇ କୋଟି ଟଙ୍କା ସୌନ୍ଦର୍ଯକରଣ ପାଇଁ ରାଜ୍ୟ ସରକାରଙ୍କୁ ଦେବାଳୟ ଓ ଐତିହ୍ୟ ସୁରକ୍ଷା କମିଟି ପ୍ରସ୍ତାବ ଦେଇଛି ।

## ////////// 'ମେଗା କ୍ରେଡିଟ୍ ଆଉଟ୍ ରିଚ୍ କାର୍ଯ୍ୟକ୍ରମ //////////

# ଉପକୃତ ହେବେ ଗ୍ରାମାଞ୍ଚଳ ମହିଳା ଓ ଚାଷୀ



**କେନ୍ଦୁଝର, ନ୍ୟୁଜ୍**

ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ (ଆଞ୍ଚଳିକ କାର୍ଯ୍ୟାଳୟ,କେନ୍ଦୁଝର) ଏବଂ ଜିଲ୍ଲା ମିଶନ୍ ଶକ୍ତି ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ପାର୍କ ଲେନ୍ ସ୍ଥିତ ପୌରପାଳିକା ଅଡିଟୋରିୟମ୍ ଠାରେ 'ମେଗା କ୍ରେଡିଟ୍ ଆଉଟ୍‌ରିଚ୍ ପ୍ରୋଗ୍ରାମ୍ ୨.୦' ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଶ୍ରୀ ନାୟକ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ ଯେ, 'ଗ୍ରାମୀଣ ଅର୍ଥନୀତିକୁ ସମୃଦ୍ଧ କରିବାରେ ବ୍ୟାଙ୍କିଙ୍ଗ୍ କ୍ଷେତ୍ରର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହିଭଳି କ୍ରେଡିଟ୍ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଦ୍ୱାରା ସିଧାସଳଖ ଗ୍ରାମାଞ୍ଚଳର ମହିଳା ଓ ଚାଷୀମାନେ ଉପକୃତ ହୋଇପାରିବେ।' ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ ଯୋଗଦେଇ ମହିଳା ସଶକ୍ତିକରଣ ଓ ଆତ୍ମନିଯୁକ୍ତି ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ମିଶନ୍ ଶକ୍ତି ଓ ବ୍ୟାଙ୍କିଙ୍ଗ୍ କ୍ଷେତ୍ରର ସମନ୍ୱୟ ଦ୍ୱାରା ଜିଲ୍ଲାର ଜୀବିକା ବିକାଶରେ ଏକ ନୂତନ ଅଧ୍ୟାୟ ଯୋଡ଼ିହେବ ବୋଲି ପ୍ରକାଶ କରିଥିଲେ। ଗ୍ରାମାଞ୍ଚଳରେ ଆର୍ଥିକ ଅନ୍ତର୍ଭୁକ୍ତିକରଣକୁ ସୁଦୃଢ଼ କରିବା, ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଏବଂ କୃଷକମାନଙ୍କୁ ସହଜ ଋଣ ଯୋଗାଇଦେବା ଲକ୍ଷ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶାଳ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ବେଳେ ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକୁ ମହିଳା ଉଦ୍ୟୋଗୀକରଣ ଓ ଆତ୍ମନିଯୁକ୍ତି ପ୍ରୋତ୍ସାହନ ନିମନ୍ତେ ମୋଟ୍ ୧୧୮.୫୦ କୋଟିର ଋଣ ସହାୟତା ମଞ୍ଜୁର, କୃଷି ଓ ଆନୁଷଙ୍ଗିକ କାର୍ଯ୍ୟ ପାଇଁ ୨୧୬ ଜଣ ଚାଷୀଙ୍କୁ କିଷାନ୍ କ୍ରେଡିଟ୍ କାର୍ଡ ଜରିଆରେ ଋଣ ସୁବିଧା ପ୍ରଦାନ କରାଯିବା ସହିତ ମିଶନ୍ ଶକ୍ତି ଅଧୀନରେ ୫୪୨ ଜଣ 'ଲକ୍ଷପତି ଦିଦି' ହିତାଧିକାରୀଙ୍କୁ ସ୍ୱତନ୍ତ୍ର ସହାୟତା ଯୋଗାଇ ଦିଆଯାଇ ସେମାନଙ୍କ କ୍ଷୁଦ୍ର ଉଦ୍ୟୋଗର ବିକାଶ ଓ ଜୀବିକା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଛି। ଗ୍ରାମୀଣ ଅର୍ଥନୀତିର ସମୃଦ୍ଧି ଏବଂ ସମାବେଶୀ ବିକାଶ ପାଇଁ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ସଦାସର୍ବଦା ବଦ୍ଧପରିକର ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ ପ୍ରକାଶ କରିଛନ୍ତି।

# ବାରବାଟୀ ଫୁଡ୍‌କୋର୍ଟରେ ଅବ୍ୟବସ୍ଥା:ଅଇଁଠା ଖାଉଛନ୍ତି କୁକୁର

**କଟକ, ନ୍ୟୁଜ୍ ବ୍ୟୁରୋ**

ଖାଇବା ଟେବୁଲ୍‌ରେ କୁକୁରଙ୍କ ଉତ୍ପାତ, ପାର୍କିଂ ସ୍ଥାନରେ ଗୋରୁଙ୍କ ଆଡ୍ଡା। ଏଣେତେଣେ ପଡ଼ିରହୁଛି ଆବର୍ଜନା, ଦୁର୍ଗନ୍ଧରେ ଫାଟୁଛି ନାକ। ଏଭଳି ଅବ୍ୟବସ୍ଥା ଭିତରେ ଗତି କରୁଛି କଟକର ବାରବାଟୀ ଫୁଡ୍‌କୋର୍ଟ। ପ୍ରାୟ ସାଢ଼େ ୬ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଫୁଡ୍‌କୋର୍ଟ କାର୍ଯ୍ୟକ୍ଷମ ହେବାର ଚାରି ମାସ ପରେ ବି ଏହାର ସୁପରିଚାଳନା ଓ ପରିମଳ ବ୍ୟବସ୍ଥାକୁ ନେଇ କଟକ ମହାନଗର ନିଗମ (କେଏମ୍‌ସି)ର ଭୂମିକା ଉପରେ ପ୍ରଶ୍ନ ଉଠିଛି। କଟକବାସୀଙ୍କୁ ଏକ ସୁନ୍ଦର ଖାଦ୍ୟ ଓ ମନୋରଞ୍ଜନ ସ୍ଥଳ ଯୋଗାଇଦେବା ଉଦ୍ଦେଶ୍ୟରେ ନିର୍ମିତ ଏହି ଫୁଡ୍‌କୋର୍ଟ ଗତ ମେ' ମାସରେ କାର୍ଯ୍ୟକ୍ଷମ ହୋଇଥିଲା। ଆରମ୍ଭରେ ଏହା ପ୍ରତି ଲୋକଙ୍କ ଆକର୍ଷଣ ରହିଥିବାବେଳେ ରୁଫ୍‌ଟପ୍ କାଫେ ସହ କଲେଜ ଛାତ୍ରଛାତ୍ରୀଙ୍କ ଆଡ୍ଡାସ୍ଥଳ ପାଲଟିଥିଲା। ହେଲେ ଏବେ ରକ୍ଷଣାବେକ୍ଷଣ ଅଭାବରୁ ଏହାର ଚିତ୍ର ବଦଳିବାରେ ଲାଗିଛି। ଖାଇବା ପରେ ଲୋକେ ଟେବୁଲ୍‌ରେ ଛାଡ଼ିଯାଉଥିବା ଅଇଁଠା ଖାଦ୍ୟକୁ କୁକୁରମାନେ ଟେବୁଲ୍ ଉପରେ ଚଢ଼ି ଖାଉଛନ୍ତି। ଫଳରେ ଟେବୁଲ୍ ଓ ଚେୟାର ଥିଲେ ମଧ୍ୟ ଲୋକେ ସେଠାରେ ବସି ଖାଇବାକୁ ଅସହଜ ମଣୁଛନ୍ତି। ଅନ୍ୟପଟେ ବିଭିନ୍ନ ଦୋକାନରୁ ବାହାରୁଥିବା ଆବର୍ଜନା ଦୁଇରୁ ତିନି ଦିନ ଧରି ପଡ଼ିରହୁଥିବାରୁ ପରିବେଶ ଦୂଷିତ ହେବା ସହ ଦୁର୍ଗନ୍ଧ ବଢୁଛି। କେବଳ ପରିମଳ ସମସ୍ୟା ନୁହେଁ, ପାର୍କିଂ ସ୍ଥାନରେ ଗୋରୁପଲଙ୍କ ଅବାଧ ବିଚରଣ ମଧ୍ୟ ଗ୍ରାହକଙ୍କ ପାଇଁ ଅସୁବିଧା ସୃଷ୍ଟି କରୁଛି। ଫୁଡ୍‌କୋର୍ଟ ପରିସରକୁ ଆବାରା କୁକୁର ଓ ଗୋରୁଙ୍କ କବଳରୁ ମୁକ୍ତ ରଖିବା ସହ ନିୟମିତ ସଫେଇ ପାଇଁ ଆବଶ୍ୟକ ବ୍ୟବସ୍ଥା ନଥିବା ଅଭିଯୋଗ ହେଉଛି। ଫୁଡ୍‌କୋର୍ଟ ପରିଚାଳନା ପାଇଁ ସ୍ୱତନ୍ତ୍ର ମାନକ କାର୍ଯ୍ୟପଦ୍ଧତି (ଏସ୍‌ଓପି) ଜାରି ହୋଇଥିବାବେଳେ ଦୋକାନୀମାନଙ୍କୁ ଡଷ୍ଟବିନ୍ ବ୍ୟବହାର ଓ ପରିଚ୍ଛନ୍ନତା ବଜାୟ ରଖିବାକୁ ନିର୍ଦ୍ଦେଶ ରହିଥିଲା। କିନ୍ତୁ ଏହାର ଠିକ୍ ଅନୁପାଳନ ହେଉଛି କି ନାହିଁ, ତାହା ଏବେ ପ୍ରଶ୍ନବାଚୀ। ନିୟମିତ ତଦାରଖ ଓ ଆବର୍ଜନା ଉଠାଣରେ ଅବହେଳା ଏହି ଅବ୍ୟବସ୍ଥାର ମୁଖ୍ୟ କାରଣ ବୋଲି ଆଲୋଚନା ହେଉଛି। ଏହି ଫୁଡ୍‌କୋର୍ଟରେ ୮୩ ଜଣଙ୍କୁ ଲଟେରି ମାଧ୍ୟମରେ ଦୋକାନ ଘର ଆବଣ୍ଟନ କରାଯାଇଥିଲା। ଆବଣ୍ଟନ ପ୍ରକ୍ରିୟାକୁ ନେଇ ପୂର୍ବରୁ ବିବାଦ ଓ ରାଜନୈତିକ ଚର୍ଚ୍ଚା ହୋଇଥିବାବେଳେ ଏବେ ଏହାର ପରିଚାଳନାକୁ ନେଇ ଅସନ୍ତୋଷ ବଢୁଛି। ଲୋକଙ୍କ ସୁବିଧା ପାଇଁ ନିର୍ମିତ ଏହି ପ୍ରକଳ୍ପରେ ସ୍ୱଚ୍ଛତା ଓ ଶୃଙ୍ଖଳା ରକ୍ଷା କରିବା କେଏମ୍‌ସି ପାଇଁ ଏକ ବଡ଼ ଆହ୍ୱାନ ପାଲଟିଛି। ଫୁଡ୍‌କୋର୍ଟର ଏଭଳି ଅବସ୍ଥା ଜାରି ରହିଲେ ଗ୍ରାହକଙ୍କ ଆଗମନ କମିବା ସହ ଏଠାରେ ବ୍ୟବସାୟ କରୁଥିବା ଦୋକାନୀମାନେ ମଧ୍ୟ ପ୍ରଭାବିତ ହୋଇପାରନ୍ତି। ଏନେଇ କେଏମ୍‌ସି କମିସନର କିରନଦୀପ କୌର ସହୋତାଙ୍କ ପ୍ରତିକ୍ରିୟା ନେବାକୁ ଉଦ୍ୟମ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇନଥିଲା।



## ମା' ପେଣ୍ଡ୍ରାଣୀ ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ ଫଳାଫଳ ଘୋଷିତ ନିତିନ ଯାଦବ ସଭାପତି, ନିତ୍ୟା ଗୋଣ୍ଡ ସାଧାରଣ ସମ୍ପାଦକ ନିର୍ବାଚିତ

**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**

ଉମରକୋଟ ସ୍ଥିତ ପ୍ରସିଦ୍ଧ ମା' ପେଣ୍ଡ୍ରାଣୀ ମହାବିଦ୍ୟାଳୟର ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ଅନୁଷ୍ଠିତ ଛାତ୍ର ସଂସଦ ନିର୍ବାଚନର ଫଳାଫଳ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। ମୋଟ୍ ୫ଟି ରାଉଣ୍ଡ ଗଣତି ପରେ ଚୂଡ଼ାନ୍ତ ଭୋଟ୍ ସଂଖ୍ୟା ଆଧାରରେ ବିଜୟୀ ପ୍ରାର୍ଥୀମାନଙ୍କ ନାମ ପ୍ରକାଶ ପାଇଛି। ନିର୍ବାଚନ ଫଳାଫଳ ଅନୁସାରେ ନିତିନ ଯାଦବ ସଭାପତି ନିର୍ବାଚିତ ହୋଇଥିବା ବେଳେ ଉପସଭାପତି ପ୍ରଦୀପ ଗୋଣ୍ଡ, ସାଧାରଣ ସମ୍ପାଦକ ନିତ୍ୟା ଗୋଣ୍ଡ, ସହ ସମ୍ପାଦକ ଜ୍ୟୋତି ବିଶ୍ୱାସ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ବିଜୟୀ ପ୍ରାର୍ଥୀ ଓ ସେମାନଙ୍କ ସମର୍ଥକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶାନ୍ତିପୂର୍ଣ୍ଣ ଭାବେ ଭୋଟ୍ ଗଣତି ପ୍ରକ୍ରିୟା ଶେଷ ହୋଇଛି।

# ୮ ଦାଦନ ଶ୍ରମିକ ଓ ୬ ଶିଶୁ ଉଦ୍ଧାର:୨ ସର୍ଦ୍ଦାର କୋର୍ଟ ଚାଲାଣ

**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଥାନା ମାଲପଡା ଗ୍ରାମ ନିକଟରେ ପୋଲିସ ଚଢ଼ଉ କରି ୮ ଜଣ ଦାଦନ ଶ୍ରମିକ ସହ ୬ ଜଣ ଶିଶୁକୁ ଉଦ୍ଧାର କରିଛି। ଏଥିସହ ଦୁଇଜଣ ଶ୍ରମିକ ଦାଲାଲ ଅଭିଯୋଗରେ ପୋଲିସ ଦୁଇ ଜଣ ସର୍ଦ୍ଦାରଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ମଙ୍ଗଳବାର ବିଳମ୍ବିତ ରାତିରେ ପାଟ୍ରୋଲିଂ କରୁଥିବା ସମୟରେ ମାଲପଡା ଗ୍ରାମ ନିକଟ ଖେଳ ପଡିଆ ନିକଟରେ ଏକ ବୋଲେରୋ ଗାଡ଼ିକୁ ଅଟକାଇଥିଲା। ଗାଡ଼ିରେ ୮ ଜଣ ଦାଦନ ଶ୍ରମିକ ସହ ୬ ଜଣ ଶିଶୁ ଥିଲେ। ସେମାନଙ୍କୁ ତେଲେଙ୍ଗାନା ରାଜ୍ୟର ନିଜାମାବାଦକୁ ନିଆଯାଉଥିଲା ବୋଲି ପୋଲିସ ଜେରାରୁ ଜାଣିବାକୁ ପାଇଲା। ଉଦ୍ଧାର ପରେ ଲାଠୋର ଥାନା ରେଙ୍ଗାଲୀ ଗ୍ରାମର ଗୌତମ ଧରୁଆ (୪୨) ଓ ଡମନିମାଲ ଗ୍ରାମର ନବିନ ନାଗ (୩୮)ଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଏକ ବୋଲରୋ ପିକ୍‌ଅପ୍ ଗାଡି ସହ ଦୁଇ ଜଣ ସର୍ଦ୍ଦାରଙ୍କୁ ଗିରଫ କରି କେସ୍ ନମ୍ବର ୨୧୬/୨୬ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଖପ୍ରାଖୋଲ ଥାନା ଅଧିକାରୀ ସୂଚନା ଦେଇଛନ୍ତି।




# ମାହାଙ୍ଗାର ୨ ମହାବିଦ୍ୟାଳୟରେ ବିଜେଡ଼ିର ବାଜିମାତ୍

**ସାଲେପୁର, ନ୍ୟୁଜ୍**

ମାହାଙ୍ଗା ନିର୍ବାଚନ ମଣ୍ଡଳୀର ୨ଟି ବ୍ଲକ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ଏହି ୨ଟି ବ୍ଲକରେ ଥିବା ୪ଟି ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ୨ଟି ମହାବିଦ୍ୟାଳୟରେ ସଭାପତି ପଦବୀ ସ୍ୱାଧୀନ ଭାବେ ଜିତିଥିବା ତଥା ସରକାରଙ୍କ ସହଯୋଗୀ ବିଧାୟକ ଶାରଦା ପ୍ରଧାନଙ୍କ ମନୋନୀତ ପ୍ରାର୍ଥୀ ବିଜୟୀ ଘୋଷିତ ହୋଇଥିବା ବେଳେ, ଆଉ ୨ଟି ମହାବିଦ୍ୟାଳୟରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡ଼ି ନେତା ପ୍ରତାପ ଜେନାଙ୍କ ସମର୍ଥିତ ସଭାପତି ପ୍ରାର୍ଥୀ ବାଜିମାତ କରିଛନ୍ତି । ମାହାଙ୍ଗା ବ୍ଲକର ଜବାହରଲାଲ ନେହେରୁ ମହାବିଦ୍ୟାଳୟ କୁଆଁପାଳ ପାଇଁ ଶାରଦା ଯେଉଁ ପ୍ରାର୍ଥୀମାନଙ୍କୁ ସମର୍ଥନ ଘୋଷଣା ପୂର୍ବକ କଳବଳ ଲଗାଇଥିଲେ, ତାହା ଫଳପ୍ରଦ ହୋଇପାରିଲାନାହିଁ । ନିର୍ବାଚନରେ ସଭାପତି ଭାବେ ଇପ୍ସିତା ଖୁଣ୍ଟିଆ ବିଜୟୀ ହୋଇଥିବା ବେଳେ, ତାଙ୍କ ପ୍ୟାନେଲ୍‌ରୁ ଏକମାତ୍ର ସହ-ସମ୍ପାଦକ ପ୍ରାର୍ଥୀ ଚନ୍ଦ୍ରକାନ୍ତ ମହାନ୍ତି ଜିତିଛନ୍ତି । ଇପ୍ସିତାଙ୍କ ବାପାଙ୍କ ଦେହାନ୍ତ ଯୋଗୁଁ ଅନୁକମ୍ପା ଭୋଟ ତାଙ୍କ ସପକ୍ଷରେ ଯିବା ବିରୋଧି ଚର୍ଚ୍ଚା କରୁଛନ୍ତି । ସେହିପରି ବିଧାୟକଙ୍କ ନିଜ ପଞ୍ଚାୟତ ପୋଡାମରାଇରେ ରହିଥିବା ମାହାଙ୍ଗା ପୁଷ୍ପଗିରି ମହାବିଦ୍ୟାଳୟ ଏରକଣାରେ ବିଧାୟକଙ୍କ ସମର୍ଥିତ ପ୍ରାର୍ଥୀମାନେ ଏକାତରଫା ଭାବେ ନିର୍ବାଚନ ଜିତିବା ସୂଚନା ମିଳିଛି । ପୁଷ୍ପଗିରିରେ ବିରୋଧିଙ୍କ ସବୁ ଅଙ୍କ ଫେଲ୍ ମାରିବା କୁହାଯାଉଛି । ସେହିପରି ନିଶ୍ଚିନ୍ତକୋଇଲି ବ୍ଲକରେ ବିରୋଧି ବିଜେଡ଼ି ବାଜିମାତ୍ କରିଛି । ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟ ଏବଂ ସୁଭଦ୍ରା ମହତାବ କଲେଜ ଅସୁରେଶ୍ୱରରେ ପ୍ରତାପଙ୍କ ସମର୍ଥିତ ପ୍ରାର୍ଥୀମାନେ ସବୁ ଆସନ ପୋଛି ନେଇଛନ୍ତି । ପିପି କଲେଜ୍‌ରେ ସଭାପତି ଭାବେ ମନୋଜ କୁମାର ପରିଡା ବିଜୟୀ ହୋଇଛନ୍ତି । ମନୋଜଙ୍କ ପୁରା ପ୍ୟାନେଲ୍ ଏକାତରଫା ଜିତିବା ବିଧାୟକ ସାରଦାଙ୍କ ଶିବିରରେ ନୈରାଶ୍ୟ ଖେଳାଇଦେଇଛି । କେବଳ ସେତିକି ନୁହେଁ ଅସୁରେଶ୍ୱର ସୁଭଦ୍ରା ମହତାବ ମହାବିଦ୍ୟାଳୟରେ ସଭାପତି ଭାବେ ନିହାରରଞ୍ଜନ ସାହୁ ଜିତିଥିବା ବେଳେ, ନିହାରଙ୍କ ପ୍ୟାନେଲ୍ ମଧ୍ୟ ବିଜୟୀ ହୋଇଛନ୍ତି । ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ଏହି ୨ଟି କଲେଜ୍ ନିର୍ବାଚନ ସାରଦାଙ୍କ ରାଜନୈତିକ ଗଣିତକୁ ପୁରା ବିଗାଡି ଦେଇଛି । ଗତ ସାଧାରଣ ନିର୍ବାଚନରେ ଯେଉଁ ବ୍ଲକରୁ ଶାରଦା ୬ ହଜାରରୁ ଉର୍ଦ୍ଧ୍ୱ ଭୋଟ୍ ନେଇ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ପୁଅ ଅଙ୍କିତ ଜେନାଙ୍କୁ ଧୂଳି ଚଟେଇ ଥିଲେ, ସେହି ବ୍ଲକର ସଦ୍ୟତମ ଛାତ୍ର ରାଜନୀତି ଫଳାଫଳ ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବର ସତର୍କ ଘଣ୍ଟି ବୋଲି ବୁଦ୍ଧିଜୀବୀ ମାନେ ଆକଳନ କରୁଥିବା ସୂଚନା ମିଳୁଛି । ନିଶ୍ଚିନ୍ତକୋଇଲି ବ୍ଲକର ୨ ଦୁଇଟି କଲେଜ ନିର୍ବାଚନ ଫଳାଫଳ ଏକ ତରଫା ହେବାରୁ ବିଜେଡ଼ି ଶିବିରରେ ନୂଆ ଉତ୍ସାହ ସୃଷ୍ଟି କରିଛି । ଗତ ସାଧାରଣ ନିର୍ବାଚନ ପୂର୍ବରୁ ଏବଂ ପରେ ପରେ ଯେଉଁମାନେ ପ୍ରତାପ ଜେନାଙ୍କ ହାତ ଛାଡି ସାରଦାଙ୍କ ଶିବିରରେ ଯୋଗଦେଇଥିଲେ, ସେମାନେ ଏହି ପରାଜୟ ପାଇଁ ବିଧାୟକ ଶ୍ରୀ ପ୍ରଧାନଙ୍କ ରାଜନୈତିକ ଗୋଟି ଚାଳନା ବିଫଳ ହୋଇଥିବା କହୁଛନ୍ତି । ମାହାଙ୍ଗା ବ୍ଲକର ୨ଟି କଲେଜ ମଧ୍ୟରୁ ପୁଷ୍ପଗିରି କଲେଜ ଏରକଣାକୁ ଛାଡିଦେଲେ, ଜେଏନ୍ କଲେଜ କୁଆଁପାଳରେ ବିଧାୟକଙ୍କ ପ୍ରାର୍ଥୀମାନେ ଫେଲ୍ ମାରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ତେବେ ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୪ଟି କଲେଜ ନିର୍ବାଚନ ଫଳାଫଳରୁ ପୁଷ୍ପାଗିରି କଲେଜରେ ସରୋଜିନୀ ରାଉତ, ଜେଏନ୍ କଲେଜରେ ଇପ୍ସିତା ଖୁଣ୍ଟିଆ, ପିପି କଲେଜରେ ମନୋଜ କୁମାର ପରିଡା ଏବଂ ସୁଭଦ୍ରା ମହତାବ କଲେଜରେ ନିହାର ରଞ୍ଜନ ସାହୁ ସଭାପତି ଭାବେ ବିଜୟୀ ଘୋଷିତ ହୋଇଥିବା ସୂଚନା ମିଳିଛି ।



# ଧର୍ମଶାଳାରେ ବିଜେଡ଼ିର ଜନ ସମ୍ପର୍କ ପଦଯାତ୍ରା

**ଧର୍ମଶଳା, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନରେ ଅକ୍ଟୋବର ୨ ତାରିଖରୁ ହେଉଥିବା ଜନ ସମ୍ପର୍କ ପଦଯାତ୍ରା ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ପୂର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ନିର୍ଦ୍ଦେଶକ୍ରମେ ମିର୍ଜାପୁର ଓ ପାଟପୁର ଗ୍ରାମ ପଞ୍ଚାୟତରେ ଆୟୋଜନ କରାଯାଇଥିଲା । ଏହି ପଦଯାତ୍ରା ସକାଳ ୧୦ଟାରେ ବିଜୁ ଜନତା କାର୍ଯ୍ୟାଳୟ ଜାରକା ଠାରୁ ବାଇକ୍ ଯୋଗେ ଏକ ବିଶାଳ ଶୋଭାଯାତ୍ରା ଆରମ୍ଭ ହୋଇ ଜାରକା ବଜାର ଦେଇ ପାଟପୁର ପଞ୍ଚାୟତ ଅଫିସ ପାଖରେ ପହଞ୍ଚିଥିଲେ ପୂର୍ବତନ ବିଧାୟକ । ସେଠାରେ ପାଟପୁର ଓ ମିର୍ଜାପୁର ପଞ୍ଚାୟତର ବିଜେଡ଼ି କର୍ମୀଙ୍କ ସହିତ ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳର ଶତାଧିକ କର୍ମୀ ସାମିଲ୍ ହୋଇଥିଲେ ଏବଂ ପୂର୍ବତନ ବିଧାୟକଙ୍କ ସହିତ ଅନ୍ୟ କର୍ମୀମାନେ ୪ କିଲୋମିଟର ପର୍ଯ୍ୟନ୍ତ ପାଦରେ ଚାଲି ଚାଲି ଲୋକଙ୍କ ସୁବିଧା ଓ ଅସୁବିଧା ବିଷୟରେ ପଚାରି ବୁଝିଥିଲେ। ଉକ୍ତ ସଭାକୁ ସଭାପତିତ୍ୱ କରିଥିଲେ ଧର୍ମଶାଳା ବ୍ଲକ୍ ବିଜେଡ଼ି ସଭାପତି ପ୍ରସନ୍ନ ରାଉତ ଓ ଅନ୍ୟମାନଙ୍କ ମଧ୍ୟରେ ଜୋନ୍- ୧୧ର ସଂଯୋଜକ ସଞ୍ଜୟ ଧୀର, ଜୋନ୍-୧୨ ପ୍ରହଲ୍ଲାଦ ପାତ୍ର, ଜୋନ୍-୧୪ ବିଜୟ କୁମାର ରାଉତ, ଜୋନ୍-୧୫ ବିକାଶ ବେହେରା, ରସୁଲପୁରର ନରେଶ ଚନ୍ଦ୍ର ମହାନ୍ତି, ସୁରେନ୍ଦ୍ର ପଣ୍ଡା ଓ ଅନ୍ୟମାନଙ୍କ ମଧ୍ୟରେ ଉକ୍ଳମଣୀ ଦାସ, ଅମରେନ୍ଦ୍ର ରାୟ, ଦୁଶାସନ ନାୟକଙ୍କ ସମେତ ବିଜୁ ଜନତା ଦଳର ଯୁବ, ଛାତ୍ର, ମହିଳାଙ୍କ ସହିତ ବିଜୁ ଜନତା ଦଳକୁ ଭଲପାଉଥିବା ହଜାର ହଜାର କର୍ମକର୍ତ୍ତାମାନେ ଏଥିରେ ସାମିଲ ହୋଇ ପଦଯାତ୍ରାକୁ ସଫଳ କରାଇଥିଲେ। ଶେଷରେ ଧନ୍ୟବାଦ ଜଣାଇଥିଲେ ସନ୍ତୋଷ କୁମାର ଜେନା

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୪ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୭୧ଙ୍କ

**ତା୧୭।୧୦।୨୦୨୬, କାର୍ତ୍ତିକ ଦ୧ନ, ଶନିବାର**

**ସୂର୍ଯ୍ୟୋଦୟ- ଘ ୫।୪୩।୫୫ ଚନ୍ଦ୍ରୋଦୟ- ଦିଘ୧୧।୨୫।୨୩**

ମଳ ଷଷ୍ଠୀ ପ୍ରାଘ ୫।୫୬ ପର୍ଯ୍ୟନ୍ତ। ମୂଳା ନକ୍ଷତ୍ର ଦିଘ ୯।୪୯ ପର୍ଯ୍ୟନ୍ତ। ଧନୁ ଚନ୍ଦ୍ର ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ, ମୀନ ରାଶିର । **ଘାତଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନିମ୍ବ ପ୍ରାଘ ୫।୫୬ ଗତେ ତାଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୭।୧୯ ଗତେ ଦିଘ ୮।୩୯ ମଧ୍ୟେ। ଦିଘ ୨।୨୭ ଗତେ ଦିଘ ୨।୫୮ ମଧ୍ୟେ। **ପର୍ବୋତ୍ସବ-** ତୁଳା (ଗର୍ଭଣା) ସଂକ୍ରାନ୍ତି, ଶ୍ରୀ ଦୁର୍ଗାଦେବ୍ୟାଃ ତ୍ରିଦିନାତ୍ମକ ମହାଷ୍ଟମୀ ପୂଜା, ଶ୍ରୀଦୁର୍ଗା ଦେବୀଙ୍କ ସପ୍ତମୀ ପୂଜା।



**ମେଷ:** କୌଣସି କାମରେ ମନ ଲାଗିବ ନାହିଁ। କର୍ମ କ୍ଳାନ୍ତି ଅନୁଭବ କରିବେ। ଅଳସୁଆମୀ ପ୍ରକାଶ ପାଇବ। ରୋଜଗାରରେ ବାଧା ସୃଷ୍ଟି ହେବ। ତଥାପି ପାରିବାରିକ ସହଯୋଗ ଯୋଗୁ ଆନନ୍ଦ ଲାଭ କରିବେ।



**ବୃଷ:** ସର୍ବସାଧାରଣ କାର୍ଯ୍ୟରେ ଯୋଗଦାନ କରିବେ। ମନରେ ଭକ୍ତିଭାବ ଜାଗ୍ରତ ହେବ। ସେବା ପୂଜାରେ ମନ ନିବେଶ କରିବେ। ବନ୍ଧୁ ସହଯୋଗ ମିଳିବ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ଘରେ ଶାନ୍ତି ଲାଭ।



**ମିଥୁନ:** ଦୂରଯାତ୍ରା କରି କର୍ମ ପ୍ରାପ୍ତି ହେବ। ବନ୍ଧୁ ସହଯୋଗ ସହିତ ମିତ୍ରଲାଭ ଯୋଗ। ଆୟରେ ସାମାନ୍ୟ ଉନ୍ନତି ହେବ। କୌଣସି ନୂତନ କାର୍ଯ୍ୟରେ ଯୋଗଦାନ କରିବେ। ଘର ପାଇଁ ବ୍ୟସ୍ତତା ବୃଦ୍ଧି।



**କର୍କଟ:** ଅନ୍ୟମାନଙ୍କ ପ୍ରତି ମନରେ ଘୃଣା ଆସିବ। ଅହଂକାର ପାଇଁ ନିନ୍ଦିତ ହେବେ। କୂଟନୀତି ପ୍ରୟୋଗ କରି କାର୍ଯ୍ୟ ହାସଲ କରିପାରିବେ। ଆୟ ଓ ବ୍ୟୟ ସମାନ ରହିବ। ପାରିବାରିକ ଶ୍ରଦ୍ଧା ଲାଭ କରିବେ।



**ସିଂହ:** ଅସୁବିଧା ନଥିଲେ ମଧ୍ୟ ଆଶଙ୍କାରୁ ମନ ଅଶାନ୍ତି କରିବେ। ସାଥୀ ସହକର୍ମୀମାନଙ୍କ ସହିତ ସୁପରାମର୍ଶ କଲେ ସହଜସାଧ ହେବେ। ଆୟ ଠାରୁ ବ୍ୟୟ ବୃଦ୍ଧି ହେବ। ପରିବାରରେ ଦ୍ୱନ୍ଦ୍ୱ ଲାଗି ରହିବ।



**କନ୍ୟା:** ଅସାବଧାନତା ପାଇଁ କୌଣସି ଦ୍ରବ୍ୟ ନଷ୍ଟ କରି ପଶ୍ଚାତାପ କରିବେ। ପରିଶ୍ରମ ବୃଦ୍ଧି କିନ୍ତୁ କାର୍ଯ୍ୟ ହାନୀର ସମ୍ଭାବନା। ଆୟ ଓ ବ୍ୟୟ ସ୍ଥିର ରହିବ। ପରିବାରରେ ବିରକ୍ତି ଭାବ ଆସିବାର ସୂଚନା।



**ତୁଳା:** ସନ୍ଦେହ ଓ ଭୁଲ୍ ବୁଝାମଣା ପାଇଁ ମନ ଅସ୍ଥିର ରହିବ। ପରିଶ୍ରମର ପରିମାଣ ବଢ଼ିବ। ସାହାଯ୍ୟ ସହଯୋଗ ପାଇବେ ନାହିଁ। ସନ୍ଧ୍ୟା ପରେ ଦେହ ଅସୁସ୍ଥ ହୋଇପାରେ। ଗୃହେ ଦ୍ୱନ୍ଦ୍ୱ ଦେଖାଦେବ । କୌଣସି କାର୍ଯ୍ୟରେ ମନ ଲାଗିବ ନାହିଁ।



**ବିଛା:** ଏଣେ ତେଣେ ଧାଁ ଦୌଡ଼ ସହିତ ପରିଶ୍ରମ ବୃଦ୍ଧି ପାଇବ। ଆୟରେ ଉନ୍ନତି ନହେବାରୁ ଆକୁଳିତ ହେବେ। ବନ୍ଧୁ ମତାନ୍ତର ଯୋଗୁ ମନରେ ଉଦାସ ରହିବ। ପରିବାରରେ ସୁଖ ଶାନ୍ତି ଅବ୍ୟାହତ ରହିବ।



**ଧନୁ:** ଆଜି ଆପଣଙ୍କର ଦିନଟି ଭଲରେ କଟିବ। ବାକି ଥିବା କାମଟି ସରୁଖୁରୁରେ ସମ୍ପାଦନ ହେବ। ଋଣ ସୂତ୍ରେ ଅର୍ଥ ଲାଭର ଆଶା ରହିଛି। ଦୂରଯାତ୍ରାରେ ଉନ୍ନତି । ପରିବାରରେ ସୁଖ ଶାନ୍ତି ଲାଭ କରିବେ । ଶରୀର ସୁସ୍ଥ ରହିବ।



**ମକର:** ପୁରୁଣା କଥାକୁ ଭାବି ମନରେ ବିରକ୍ତି ଆସିବ। ବନ୍ଧୁ ବା ସହକର୍ମୀଙ୍କ ଅସହଯୋଗରୁ ଅପବ୍ୟୟ ବୃଦ୍ଧି ପାଇବ। ଦୂରଯାତ୍ରା କରିପାରନ୍ତି। ଆୟ ଓ ବ୍ୟୟ ସମାନ ରହିବ। ଘରେ ସୁଖ ଶାନ୍ତି ଲାଭ କରିବେ ।



**କୁମ୍ଭ:** ଅଳ୍ପ ଆୟ ହେତୁ ମନରେ ଅଶାନ୍ତି ବଢ଼ଇବ। କର୍ମ କ୍ଳାନ୍ତି ଅନୁଭବ କରିବେ। ହଠାତ୍ ଶରୀର ପୀଡ଼ା ଭୋଗ କରିପାରନ୍ତି। ପରିବାରରେ ସହଯୋଗ ପାଇ ଖୁସି ହେବେ। ଗୃହେ ଶାନ୍ତି ଲାଭ ହେବ।



**ମୀନ:** କର୍ମ ଚଞ୍ଚଳ ରହିବେ। ଅଯାଚିତ ଭାବରେ ବନ୍ଧୁ ସାହାଯ୍ୟ ସହଯୋଗ ପାଇ ପୁରୁଣା କାମକୁ ସୁରୁଖୁରୁରେ ନିର୍ବାହ କରିବେ। ପୂର୍ବାପେକ୍ଷା ଆୟର ପରିମାଣ ବଢ଼ିବ। ପରିବାରରେ ଖର୍ଚ୍ଚାନ୍ତ ହେବେ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୪ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୭୧ଙ୍କ

**ତା୧୮।୧୦।୨୦୨୬, କାର୍ତ୍ତିକ ଦ୨ନ, ରବିବାର**

**ସୂର୍ଯ୍ୟୋଦୟ- ଘ ୫।୪୩।୧୫ ଚନ୍ଦ୍ରୋଦୟ- ଦିଘ୧୨।୧୧।୪**

ସପ୍ତମୀ ଦିଘ ୮।୩୦ ପର୍ଯ୍ୟନ୍ତ। ପୂର୍ବାଷାଢ଼ା ନକ୍ଷତ୍ର ଦିଘ ୧୨।୫୦ ପର୍ଯ୍ୟନ୍ତ। ଧନୁ ଚନ୍ଦ୍ର ରାଘ ୭।୩୪ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ, ମୀନ ରାଶିର । ରାଘ ୭।୩୪ ଗତେ ମେଷ, ବୃଷ, କର୍କଟ, କନ୍ୟା, ବିଛା, ଧନୁ, ମକର, ମୀନ ରାଶିର । **ଘାତଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର। ରାଘ ୭।୩୪ ଗତେ ସିଂହ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ତାଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୩୪ ଗତେ ଦିଘ ୮।୫୨ ମଧ୍ୟେ। ଦିଘ ୩।୪୬ ଗତେ ଦିଘ ୩।୫୫ ମଧ୍ୟେ। **ପର୍ବୋତ୍ସବ-** ପୀଠେ ମହାଷ୍ଟମୀ ଓ ଶ୍ରୀ ଦୁର୍ଗା ଦେବୀଙ୍କର ମହାସପ୍ତମୀ ପୂଜା, ଭାଇ ଜିଉନ୍ତିଆ।

ସମ୍ପାଦକୀୟ

32 YEARS

ସମ୍ବାଦ କଳିକା

# ଆଇଡିବିଆଇ ବ୍ୟାଙ୍କର ନୂଆ ମାଲିକ ହେବ ଫେୟରଫ୍ୟାକ୍ସ

ଆଇଡିବିଆଇ ବ୍ୟାଙ୍କ୍‌ର ମାଲିକାନାସତ୍ତ୍ୱରେ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି । କେନ୍ଦ୍ର ସରକାର ବ୍ୟାଙ୍କର ୬୦.୭୨% ଅଂଶଧନକୁ କାନାଡାର ଫେୟରଫ୍ୟାକ୍ସ ଫାଇନାନ୍ସିଆଲ ହୋଲ୍ଡିଙ୍ଗ୍ସର ସହାୟକ କମ୍ପାନି ମେସର୍ସ ୧୦୯୫୫୨୩୦ କାନାଡା ଇଙ୍କକୁ ୫୨,୮୭୮.୦୮ କୋଟି ଟଙ୍କାରେ ବିକ୍ରି କରିବେ । ଏ ସଂକ୍ରାନ୍ତ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ମିଳିଛି । ଏହି ଚୁକ୍ତି ଅନ୍ତର୍ଗତ କେନ୍ଦ୍ର ସରକାର ନିଜର ୩୦.୪୮% ଏବଂ ଭାରତୀୟ ଜୀବନ ବୀମା ନିଗମ(ଏଲ୍‌ଆଇସି) ଏହାର ୩୦.୨୪% ଅଂଶଧନ ବିକ୍ରି କରିବ। କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଅନୁସାରେ, ଚୁକ୍ତି ସମ୍ପୂର୍ଣ୍ଣ ହେବା ପରେ ଏହା ଭାରତର ବିତ୍ତୀୟ କ୍ଷେତ୍ରରେ ଏଯାବତ ସବୁଠୁ ବଡ଼ ପ୍ରତ୍ୟକ୍ଷ ବିଦେଶୀ ନିବେଶ(ଏଫ୍‌ଡିଆଇ) ହେବ। ଚୁକ୍ତି ଶେଷ ହେବା ପରେ କେନ୍ଦ୍ର ସରକାରଙ୍କ ନିକଟରେ ଆଇଡିବିଆଇ ବ୍ୟାଙ୍କ୍‌ର ୧୫% ଏବଂ ଏଲ୍‌ଆଇସି ପାଖରେ ୧୯% ଅଂଶଧନ ରହିବ । ଉଭୟଙ୍କ ମୋଟ ଅଂଶଧନ ୩୪% ହେବ । ସରକାର ନିଜର ଅବଶିଷ୍ଟ ୧୫% ଅଂଶଧନର କିଛି ଭାଗକୁ ଆଗକୁ ଖୋଲା ବଜାରରେ ବିକ୍ରି କରିବାର ପ୍ରକ୍ରିୟା ବି ଆପଣାଇପାରନ୍ତି । ଯଦିଓ ଚୁକ୍ତି ସମ୍ପନ୍ନ ହେବା ପୂର୍ବରୁ ପ୍ରଥମ କ୍ରେତାଙ୍କୁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ)ର ନିୟାମକୀୟ ସର୍ତ୍ତ ପାଳନ କରିବାକୁ ହେବ । ଏହାକୁ ନିଜର ଯୋଗ୍ୟତା ଏବଂ ବିତ୍ତୀୟ କ୍ଷମତା ସହ ଜଡ଼ିତ ଦସ୍ତାବିଜ ଦେବା ସହ ସୁରକ୍ଷା ମଞ୍ଜୁରୀ ବି ହାସଲ କରିବାକୁ ପଡ଼ିବ । ପ୍ରକାଶଯୋଗ୍ୟ, ଆଇଡିବିଆଇ ବ୍ୟାଙ୍କର ଅଂଶଧନ ବିକ୍ରି ପ୍ରକ୍ରିୟା ୨୦୨୨ ଅକ୍ଟୋବରରେ ଆରମ୍ଭ ହୋଇଥିଲା । ସରକାର ସମ୍ଭାବ୍ୟ କ୍ରେତାଙ୍କଠାରୁ ଆଗ୍ରହପତ୍ର ମାଗିଥିଲେ । ଆରମ୍ଭରେ ୫ଟି ଆଗ୍ରହପତ୍ର ଆସିଥିଲା । ପରେ ଦୁଇଟି ପକ୍ଷ ପ୍ରଯୁକ୍ତି ଏବଂ ବିତ୍ତୀୟ ବିଡ୍ ଦାଖଲ କରିଥିଲେ । ଆର୍ଥିକବର୍ଷ ୨୦୨୫-୨୬ରେ ମିଳିଥିବା ପ୍ରାରମ୍ଭିକ ବିଡ୍ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ସର୍ବନିମ୍ନ ଦର ୯୪.୪୨ ଟଙ୍କା ପ୍ରତି ସେୟାରଠାରୁ କମ୍ ଥିଲା । ତେଣୁ ସେମାନଙ୍କୁ ମଞ୍ଜୁରୀ ଦିଆଯାଇ ନ ଥିଲା । ଏହାପରେ ଆର୍ଥିକବର୍ଷ ୨୦୨୬-୨୭ରେ ଯୋଗ୍ୟ ବିଡରମାନଙ୍କଠାରୁ ନୂଆ ସିଲ୍ବନ୍ଦ ବିଡ୍ ମଗାଯାଇଥିଲା । ଦୁଇଟି ସ୍ୱତନ୍ତ୍ର ଏଜେନ୍ସି ବ୍ୟାଙ୍କ୍‌ର ସେୟାରର ହାରାହାରି ଉଚିତ ମୂଲ୍ୟ ୭୫.୯୯ ଟଙ୍କା ପ୍ରତି ସେୟାର ଉଲ୍ଲେଖ କରିଥିଲେ । ଫେୟରଫ୍ୟାକ ୮୧ ଟଙ୍କା ପ୍ରତି ସେୟାର ବିଡ୍ ଡାକିଥିଲା, ଯାହା ଏହି ମୂଲ୍ୟାୟନଠାରୁ ଅଧିକ ଥିଲା । ଉକ୍ତ ଆଧାରରେ ଏହାର ବିଡକୁ ମଞ୍ଜୁରୀ ମିଳିଛି। ଆଇଡିବିଆଇ ବ୍ୟାଙ୍କର ପ୍ରତିଷ୍ଠା ୧୯୬୪ରେ ଏକ ବିକାଶ ବିତ୍ତୀୟ ସଂସ୍ଥାନ ଭାବେ ହୋଇଥିଲା । ବର୍ଷ ୨୦୦୪ରେ ଏହାକୁ ବାଣିଜ୍ୟିକ ବ୍ୟାଙ୍କ୍‌ରେ ବଦଳାଯାଇଥିଲା । ୨୦୧୯ ଜାନୁଆରୀରୁ ଆରବିଆଇ ଏହାକୁ ଘରୋଇ କ୍ଷେତ୍ରର ବ୍ୟାଙ୍କ ଭାବେ ବର୍ଗୀକୃତ କରିଥିଲା । ଯଦିଓ ଏଥିରେ ସରକାର ଏବଂ ଏଲଆଇସିର ବଡ଼ ଅଂଶଧନ ବଜାୟ ରହିଥିଲା ।



# ଜଗଦମ୍ବା

କୁନଳତା ତ୍ରିପାଠୀ
କଟକ
ଫୋନ – ୮୩୩୯୦୫୧୧୭୩

ପ୍ରକୃତି ପୁରୁଷ ଭେଦରେ ଏ ସୃଷ୍ଟିଚକ୍ର ସଞ୍ଚାଳିତ । ମନୁଷ୍ୟ, ପଶୁ, ପକ୍ଷୀ, କୀଟ -ପତଙ୍ଗ ଯେକୌଣସି ଯୋନି ଜାତ ଜୀବ ପ୍ରତି ଜନ୍ମଦାତ୍ରୀ ମାତା ସଂପୂର୍ଣ୍ଣଭାବେ ସମର୍ପିତ ଥାଏ । ଶିଶୁଟି ଆତ୍ମନିର୍ଭରଶୀଳ ହେବା ପର୍ଯ୍ୟନ୍ତ ମା' ତା' ଦାୟାଦ ପ୍ରତି ସଚେତନ ଥାଏ । ତେଣୁ ପ୍ରତି ଜୀବ, ଜାତ ହେବା ସମୟରେ ତା'ର ସ୍ୱ-ମାତା ସହିତ ଏକ ଅତୁଟ ବନ୍ଧନ ଥାଏ । ଏହି ଅତୁଟ ବନ୍ଧନ ବା ମମତ୍ୱ ଜନ୍ମ ସମୟରୁ ଶିଶୁ ପାଇଁ କରୁଣାର କୈବଲ୍ୟ ପାଲଟି ଯାଏ। କ୍ରମଶ ତା'ର ବାଲ୍ୟ, କୈଶୋର, ଯୌବନ ତଥା ପ୍ରୌଢ ଅବସ୍ଥାରେ ମଧ୍ୟ ଭବିଷ୍ୟତର ସୁରକ୍ଷା କବଚ ଭାବରେ ସନ୍ତାନ ମାତାକୁ ହିଁ ମାନି ନେଇଥାଏ । ସନ୍ତାନକୁ ଉପଯୁକ୍ତକରି ଗଢି ତୋଳିବାରେ ମାତା'ର ଭୂମିକା ଅନନ୍ୟ। ତା'ର ତ୍ୟାଗ, ସଂସ୍କାର, ଶିକ୍ଷା, ଦୀକ୍ଷା ତଥା ବାତ୍ସଲ୍ୟ ଭାବ ସନ୍ତାନ'ର କର୍ମ ସଂସ୍ଥାନ ତଥା ଭୋଗ-ବିଳାସର କ୍ଷେତ୍ର ପ୍ରସ୍ତୁତ କରିଥାଏ । କାରଣ ମାତା ହିଁ ଶକ୍ତି ସ୍ୱରୂପିଣୀ। ସେ ସନ୍ତାନକୁ ଆଦ୍ୟ ଗୁରୁ ଭାବେ ଦୀକ୍ଷିତ କରିଥାଏ । ମାତାର ସୁଗୁଣାବଳୀକୁ ସନ୍ତାନ ଅନୁକରଣ କରିଥାଏ ତଥା ତା ସୁପଥକୁ ଅନୁସରଣ କରିଥାଏ। ଯେଉଁ ପରିବାରରେ ସନ୍ତାନମାନେ ମାତାଙ୍କ ସହିତ ସୁସମ୍ପର୍କ ରଖି ସଂଯମତା, ସେବା, ସହଯୋଗ ଇତ୍ୟାଦି ଗୁଣକୁ ଆପଣାଇ ଏକ ସମର୍ପିତ ଚେତନାଯୁକ୍ତ ହୋଇ କାର୍ଯ୍ୟକରିଥାନ୍ତି ସେମାନେ ଏ ପୃଥିବୀକୁ ବସୁଧୈବ କୁଟୁମ୍ବକମ ଭାବନାରେ ଆପଣାଇ ସୁସମାଜ ପ୍ରତିଷ୍ଠା କରନ୍ତି । ଏହି ପ୍ରମାଣରେ ଏ ସକଳ ସୃଷ୍ଟି'ର ଅର୍ଥାତ ଏ ଜୀବ-ଜଗତ'ର ମାତା ହେଉଛନ୍ତି ମାତା - 'ଜଗଦମ୍ବିକା' । କାରଣ ସକଳ ସୃଷ୍ଟି'ର ମୂଳ ଆଧର ହିଁ ପରମ ଶକ୍ତି। ସେହି ଆଦି - ଅନ୍ତ ରହିତ ଅନନ୍ତ ପରମ ଶକ୍ତି ହିଁ ମାତା ଜଗଦୀଶ୍ୱରୀ ଜଗଦମ୍ବିକା ଯାହା ବେଦ ବ୍ୟାସଙ୍କ ରଚିତ -'ମହାଭାଗବତ (ଦେବୀପୁରାଣ) ପ୍ରମାଣ ଦିଏ । ଯେତେବେଳେ ପ୍ରଳୟକାଳୀନ ଜଳାର୍ଣ୍ଣବରେ ବାଳ ସ୍ୱରୂପରେ ବିଷ୍ଣୁ ଭଗବାନ ବଟ ପତ୍ର ଉପରେ ଭାସମାନ, ସେ ଚିନ୍ତା କରୁଛନ୍ତି ମୁଁ କେଉଁଠି, କିପରି, କେଉଁଠୁ ଏଠାକୁ ଆସିଲି। ସେତେବେଳେ ମାତା ଜଗଦୀଶ୍ୱରୀ ତାଙ୍କ ସମ୍ମୁଖରେ ପ୍ରକଟିତ ହୋଇ କହୁଛନ୍ତି - 'ସର୍ବଂ ଖଲ୍ୱିଦମେବାହଂ ନାନ୍ୟଦସ୍ତି ସନାତନମ' । ଅର୍ଥାତ ସମସ୍ତ ଜଗତ ମୁଁ ହିଁ ଅଟେ । ମୋ ବ୍ୟତିତ ଅନ୍ୟ ଅବିନାଶୀ ତତ୍ତ୍ୱ ନାହିଁ । ଏ ସୃଷ୍ଟିରେ ଯେତେବେଳେ କିଛି ନଥିଲା ସେତେବେଳେ ମୁଁ ମଧ୍ୟ ଥିଲି, ମୁଁ ସୃଷ୍ଟିର ପ୍ରବାହମାନ ଆଦି ସ୍ରୋତ ଅଟେ। ମୁଁ ନିତ୍ୟ ସତ୍ୟ ସନାତନ । ମୁଁ ହିଁ ପରବ୍ରହ୍ମ, ପରମ ଜ୍ୟୋତି ଓ ପ୍ରଣବ ସ୍ୱରୂପିଣୀ ତଥା ଯୁଗଳ ରୂପ ଧାରିଣୀ ଅଟେ । ଶାସ୍ତ୍ର ବର୍ଣ୍ଣନା କରିଛନ୍ତି - 'ଶକ୍ତି କ୍ରିଡା ଜଗତ ସର୍ବମ' । ମାତା ତାଙ୍କ ଲୀଳା ବିଳାସରେ ଏ ଅକଳ୍ପନୀୟ, ଅବର୍ଣ୍ଣନୀୟ ସୃଷ୍ଟିକୁ ସର୍ଜ୍ଜନା କରିଛନ୍ତି। ଅନ୍ୱୟ ରୂପରେ ସେ ସମଗ୍ର ବିଶ୍ୱ ରୂପ ଏବଂ ବ୍ୟତିରେକ ରୂପରେ ପ୍ରତି ଅଣୁ- ପରମାଣୁରେ ସେ ହିଁ ବିଦ୍ୟମାନ। ସେ ସ୍ୱୟଂ ପ୍ରକାଶିତା । ସେହି ଏକୈକ ଶକ୍ତି ପରମେଶ୍ୱରୀ ପ୍ରକୃତି - ପୁରୁଷ ଭେଦରେ ଦ୍ୱିଭେଦ। ଭଗବତୀ ମହାଶକ୍ତି ବିବିଧ ରୂପରେ ଲୀଳା କରନ୍ତି । ବ୍ରହ୍ମା ତାଙ୍କରି ଶକ୍ତି ପ୍ରାପ୍ତ ହୋଇ ବିଶ୍ୱ -ବ୍ରାହ୍ମାଣ୍ଡକୁ ଉତ୍ପତି କରନ୍ତି , ତାଙ୍କରି ଶକ୍ତି ପ୍ରାପ୍ତ ହୋଇ ବିଷ୍ଣୁ ସୃଷ୍ଟିର ପାଳନ କରନ୍ତି ଏବଂ ଶଙ୍କର ଭଗବାନ ମଧ୍ୟ ତାଙ୍କରି ଶକ୍ତିରେ ସୃଷ୍ଟିର ପ୍ରଳୟ ଘଟାନ୍ତି । ପ୍ରକୃତ ପକ୍ଷେ ତାଙ୍କରି ଭ୍ରୂଭଙ୍ଗି ବିକାର ହିଁ ସୃଷ୍ଟି, ସ୍ଥିତି ଓ ପ୍ରଳୟର କାରଣ । ସର୍ବ କାରଣର ସେ ହିଁ କାରଣ। ସେହି ଆଦ୍ୟା ପରାଶକ୍ତି ହିଁ ନବଦୁର୍ଗା। ତଥା ଦଶମହାବିଦ୍ୟା ମଧ୍ୟ । ସେ ଶକ୍ତିମାନଙ୍କର ଶକ୍ତି । ସେ ହିଁ ନର ଏବଂ ସେ ମଧ୍ୟ ନାରୀ । ଯେ ଏ ଅଖିଳ ବ୍ରହ୍ମଣ୍ଡର ନାୟିକା, ସେ ହିଁ ମାତେଶ୍ୱରୀ - ଜଗଦମ୍ବିକା (ମାତା, ଧାତା, ପିତାମହ) । ତେଣୁ ସେହି ସର୍ବ ବ୍ୟାପୀ ଚିନ୍ମୟୀ ଶକ୍ତିଙ୍କୁ ଯେକୌଣସି ରୂପେ ଭାବପୂର୍ଣ୍ଣ ଭାବେ ଉପାସନା କରାଯାଇପାରେ । ମାତ୍ର ସମଗ୍ର ଜୀବ ଜଗତ ପାଇଁ ମାତୃ ଭାବର ମହିମା ବିଶେଷ ମହତ୍ୱ ବହନ କରେ - 'ମାତୃ କୃପା ହିଁ କେବଳମ' । ସ୍ୱଭାବତଃ ସନ୍ତାନର ସର୍ବାଧିକ ଶ୍ରଦ୍ଧା ମାତାଙ୍କ ଚରଣରେ ନିହିତ ଥାଏ । ଯେତେବେଳେ ଶିଶୁଟିଏ ଗର୍ଭ ଗୃହର ଅନ୍ଧାରି ମୂଳକରୁ ପ୍ରଥମ ପ୍ରକାଶ ଅବଲୋକନ କରିବାର ସୌଭାଗ୍ୟ ପ୍ରାପ୍ତ ହୁଏ , ସେତେବେଳେ ମାଆର କୋମଳ ସ୍ପର୍ଶ ତାକୁ ଅଭିଭୁତ କରେ। ମାଆ ପଣତ'ର ଛତ୍ର ଛାୟା ତଥା ବାତ୍ସଲ୍ୟଭାବ ତାକୁ ସୁରକ୍ଷିତ ରଖେ । ଦିନେ ପକ୍ଷୀ ଦମ୍ପତିଙ୍କର, ତାଙ୍କ କୋମଳ ଶିଶୁ ଶାବକଙ୍କ ପ୍ରତି ଥିବା ବାତ୍ସଲ୍ୟଭାବକୁ ସନ୍ଦର୍ଶନକରି ବ୍ୟାସଦେବଙ୍କ ଭଳି ମହାମୁନିଙ୍କ ମନରେ ସନ୍ତାନଟିଏ ପ୍ରାପ୍ତ ହେବାର ବାସନା ଜାଗିଥିଲା । ସେହି କାମନାକୁ ଫଳପ୍ରସୂ କରିବା ପାଇଁ ବେଦ ବ୍ୟାସ ମାତା ଜଗଦମ୍ବିକା ଭଗବତୀ ଦୁର୍ଗାଙ୍କୁ ଉପାସନା କରିଥିଲେ। ସୁରପତି ଇନ୍ଦ୍ରଦେବଙ୍କ ମନରେ ଶଙ୍କା ଉତ୍ପନ୍ନ ହୋଇଥିଲା, ତାଙ୍କ ଇନ୍ଦ୍ରପଦ କାମନାରେ ବୋଧହୁଏ ବ୍ୟାସଦେବ ତପସ୍ୟାରତ ଅଛନ୍ତି । ଭୟଭୀତ ହୋଇ ସେ କୈଳାଶ ଗମନକରି ଶଙ୍କର ଭଗବାନଙ୍କୁ ବ୍ୟାସଦେବଙ୍କ ତପସ୍ୟା ଭଙ୍ଗ ଉପାୟ ପ୍ରାର୍ଥନା କରିଥିଲେ । ବ୍ୟାସଦେବ ପୁତ୍ର ପ୍ରାପ୍ତିକାମନାରେ ଦେବୀ ଭଗବତୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ତପଃ ସାଧନା କରୁଛନ୍ତି ବୋଲି ଇନ୍ଦ୍ରଙ୍କୁ ଆସ୍ୱସ୍ତ କରିଥିଲେ ଶଙ୍କର ଭଗବାନ । ଦେବରାଜ ଇନ୍ଦ୍ରଙ୍କ ଅନୁନୟକ୍ରମେ ସ୍ୱୟଂ ମହାଦେବ ଭଗବତୀଙ୍କ କୃପାକୁ ପାଥେୟକରି ବ୍ୟାସଙ୍କୁ ପୁତ୍ର ପ୍ରାପ୍ତିର ବରଦାନ କରିଥିଲେ । ସମିଧ ସଂଗ୍ରହକରି ଅରଣି ମନ୍ଥନ ଆୟୋଜନ ସମୟରେ ଫଳ ସ୍ୱରୂପ ଅପ୍ସରା ଘୃତାଚିଙ୍କୁ ଦର୍ଶନକରି ବ୍ୟାସ ଦେବଙ୍କର ତେଜରେ, ଶୁକଦେବ ସନ୍ତାନ ରୂପେ ତତକ୍ଷଣାତ ତାଙ୍କୁ ଲାଭ ହୋଇଥିଲେ । ସୃଷ୍ଟିର ମୂଳ ରହସ୍ୟ ଅଭେଦ୍ୟ ଓ ବୈଚିତ୍ର୍ୟମୟ । ସ୍ରଷ୍ଟା ଓ ସୃଷ୍ଟିର ସମ୍ବନ୍ଧ ପରି ମାତା-ପିତା ଓ ସନ୍ତାନର ସମ୍ବନ୍ଧ । ଆମ ଶାସ୍ତ୍ର କହେ - 'ମାତୃଦେବୋ ଭବ, ପିତୃଦେବୋ ଭବ, ଆଚାର୍ଯ୍ୟଦେବୋ ଭବ' । ଏହି ମନ୍ତ୍ରର ସର୍ବ ପ୍ରଥମ ସ୍ଥାନ ମାତାଙ୍କୁ ଅର୍ପିତ । ଯେଉଁ ଭଗବତୀ ମାତା ମହାଶକ୍ତିସ୍ୱରୂପିଣୀ ଦେବୀ-ସମଷ୍ଟିସ୍ୱରୂପିଣୀ ମାତା, ଜଗତ ଜନନୀ । ସେ ସମସ୍ତ ସନ୍ତାନ ପାଇଁ କଲ୍ୟାଣମୟୀ ଓ ମଙ୍ଗଳ ବିଧାନକାରିଣୀ। ଅମୃତ ପ୍ରସବିନୀ ଗୁରୁ ରୂପୀଣୀ, ଜ୍ଞାନ ଦାୟିନୀ ଓ ଆମର ଶୁଭ ଚିନ୍ତନେ ପଥ ପ୍ରଦର୍ଶିକା । ମାତାଙ୍କୁ ଭକ୍ତି ଭାବରେ ପୂଜା-ଅର୍ଚ୍ଚନା କଲେ, ଅବିଳମ୍ବେ ସେ କାମ୍ୟ ଫଳ ପ୍ରଦାନକରନ୍ତି । 'ଯତ୍ରାସ୍ତି ମୋକ୍ଷ ନହିଁ ତତ୍ର ଭୋଗୋ ଯତ୍ରାସ୍ତି ଭୋଗୋ ନହିଁ ତତ୍ର ମୋକ୍ଷ ଶ୍ରୀସୁନ୍ଦରୀ ସେବନ ତତ୍ପରାଣାମ ଭୋଗଶ୍ଚ ମୋକ୍ଷଶ୍ଚ କରସ୍ତ ଏବ' । ଅର୍ଥାତ ମାତା ଜଗଦମ୍ବିକା ଭୋଗ ଓ ମୋକ୍ଷ ଉଭୟ ଏକ ସଙ୍ଗେ ପ୍ରଦାନ କରିପାରନ୍ତି । ସାଂସାରିକ ଭୋଗ ବିଳାସ ପ୍ରାପ୍ତ ହୋଇ ଭକ୍ତକୁ ପରମାର୍ଥ ମଧ୍ୟ ପ୍ରାପ୍ତ ହୋଇଥାଏ । ଅନ୍ୟତ୍ର ଏହା ସମ୍ଭବ ନୁହେଁ । ଏଥିରୁ ଅନୁମିତ ହୁଏ ମାତା ଭୁବନେଶ୍ୱରୀଙ୍କ ଉପାସନା ଗୂଢ ରହସ୍ୟ ବହନ କରେ। ଭାରତୀୟ ଧର୍ମ- ସଂସ୍କୃତି ଭୋଗକୁ ନିଷେଦ୍ଧ କରି ନାହିଁ ବରଂ ଧର୍ମ ସାଧନ ପାଇଁ ଏକ ସୁସ୍ଥ ଶରୀର ଓ ମନର ଆବଶ୍ୟକତା ରହିଛି । 'ଶରୀରମାଦ୍ୟମ ଖଲୁ ଧର୍ମ ସାଧନମ। ଏକ ସୁନ୍ଦର ମଧୁକ୍ଷରା ଓ ଅମୃତ ଝରା ମନ ଓ ଶରୀର ଉପଯୋଗରେ ପରୋପକାର ସହିତ ବିଶ୍ୱର ମଙ୍ଗଳ-କଲ୍ୟାଣ ସାଧନ ତଥା ଭଗବତ ପ୍ରାପ୍ତିର ମାର୍ଗ ସୁଗମ ହୁଏ । ସଂସାର ପ୍ରତି ଆଶକ୍ତି ବିହୀନ ଭାବେ କର୍ତ୍ତବ୍ୟ କର୍ମରେ ପ୍ରବୃତ୍ତ ହୋଇ ଆତ୍ମିକ କଲ୍ୟାଣ ସାଧନାରେ ବ୍ରତୀ ରହିବା ହିଁ ଜୀବ'ର ପ୍ରକୃତ ଜୀବନ ଚର୍ଯ୍ୟା । ରାଜର୍ଷି ଜନକ ହିଁ ହେଉଛନ୍ତି ପ୍ରକୃଷ୍ଟ ଉଦାହରଣ । ପରମାନନ୍ଦ ଦାୟିନୀ ମାତାଙ୍କର ଆମେ ସମସ୍ତ ଅଂଶ ବିଶେଷ ହୋଇଥିବାରୁ ଅନୁକ୍ଷଣ ଆନନ୍ଦ ପ୍ରାପ୍ତି ପାଇଁ ସଦା ତତ୍ପର । ମାତାଙ୍କ ପ୍ରସାଦରୁ ଯେଉଁ ଧନ-ସମ୍ପତିରୂପକ ଆନନ୍ଦ ପ୍ରାପ୍ତ ହେଉଛି , ତାହା ପବିତ୍ର ଭାବେ ସଂଯମତା ପୂର୍ବକ ଉପଭୋଗ ସହିତ ଉପଯୋଗ ମଧ୍ୟ କରାଯାଇପାରେ। 'ପରୋପକାର ସ୍ୱର୍ଗାୟ ପାପାୟ ପରପିଡ଼ନମ' । ମାତା ରାଜରାଜେଶ୍ୱରୀଙ୍କ ଅପାର କରୁଣା କୈବଲ୍ୟର ଯେତେବେଳେ ଦୁରୁପଯୋଗ କରାଯାଇଛି, ସେ ପ୍ରଳୟକାରିଣୀ ହୋଇ ପଡିଛନ୍ତି । ମହାଭାଗବତ (ଦେବୀ ପୁରାଣ), ମାର୍କଣ୍ଡେୟ ପୁରାଣ, ଶ୍ରୀଦୁର୍ଗା ସପ୍ତଶତୀ, ଶ୍ରୀ ଦେବୀ ମାହାତ୍ମ୍ୟ ଇତ୍ୟାଦି ଶାସ୍ତ୍ରରେ ଏହାର ବିଭିନ୍ନ ଆଲେଖ୍ୟ ରହିଛି । ଭକ୍ତ ହୋଇ ଦେବା- ଦେବୀଙ୍କୁ ଘୋର ତପସ୍ୟା ମାଧ୍ୟମରେ ସାଧନାକରି ବର ଲାଭକରିବା ପରେ , ସେମାନଙ୍କ ଭିତରେ ଅହଂତ୍ୱର ଯେଉଁ ପାଶବିକ ପ୍ରବୃତ୍ତି ଜାତ ହେଉଛି, ତାହା ଦ୍ୱାରା ସେମାନେ ଅସୁରରେ ପରିଣତ ହୋଇଯାଉଛନ୍ତି । ସେହି ପାଖଣ୍ଡିମାନେ ଭୋଗ ବିଳାସରେ ଅତ୍ୟଧିକ ଆଶକ୍ତ ଓ ପରପୀଡନ କରି ଏ ବସୁଧା ମାତାଙ୍କୁ ଭାରକ୍ରାନ୍ତ କରିଦେଉଛନ୍ତି । ପୃଥିବୀ ମାତାର ଦୁର୍ଗତି ଅପହରଣ କରିବା ପାଇଁ ମାତା ମହାମାୟା ଅରୂପରେ ସ୍ୱରୂପଟିଏ ଧାରଣକରି ଭିନ୍ନ ଭିନ୍ନ ରୂପେ ସେମାନଙ୍କର କାଳହୋଇ ଅବତରିତ ହୋଇଛନ୍ତି । ସେ ଦୁର୍ଗାରୂପେ ଚଣ୍ଡ-ମୁଣ୍ଡ ବିନାଶିନୀ, ମହିଷାଶୁର ମର୍ଦ୍ଦିନୀ ହୋଇଛନ୍ତି । ରକ୍ତବୀର୍ଯ୍ୟ ଦର୍ପଦଳିନୀ ହୋଇଛନ୍ତି । ଧୂମ୍ରଲୋଚନକୁ ବିନାଶକରିଛନ୍ତି । ସୂର୍ଯ୍ୟଙ୍କ ପ୍ରକାଶରେ ଅନ୍ଧକାର ଦୂରୀଭୂତ ହେବା ଭଳି ଜ୍ଞାନ ଦାୟିନୀ ମାତା ଜଗଦମ୍ବାଙ୍କ ଆବିର୍ଭାବରେ ସମସ୍ତ ଅଜ୍ଞାତ ଅବସ୍ଥା ଦୂରୀଭୂତ ହୋଇଛି । ସେହି ନିତ୍ୟ ତତ୍ତ୍ୱ ମାତା ଜଗଦମ୍ବିକାଙ୍କୁ ଭକ୍ତି ଓ ପ୍ରେମ ପୂର୍ବକ ଉପାସନା କଲେ ସେ ଆମ ଅନ୍ତକରଣକୁ ଶୁଦ୍ଧକରିଦିଅନ୍ତି । ଆମ ଭିତର ଅବିଦ୍ୟାକୁ ହରଣକରି ବୁଦ୍ଧିକୁ ସତ ମାର୍ଗରେ ପ୍ରେରିତକରନ୍ତି । 'ଯା ଦେବୀ ସର୍ବ ଭୂତେଷୁ ମାତୃ, ବିଦ୍ୟା, ବୁଦ୍ଧି, ନିଦ୍ରା, ଶାନ୍ତି -- ରୂପେଣ ସଂସ୍ଥିତା । ଭଗବତୀ ଗଙ୍ଗାମାତାଙ୍କ ଜଳ ସର୍ବ ପାପ ନିବାରଣକଲା ଭଳି, ମାତା ପରାମ୍ବାଙ୍କ ପଦାରବିନ୍ଦରେ କାୟ, ମନ ବାକ୍ୟରେ ନିତ୍ୟ ଶରଣ, ତାଙ୍କ ପ୍ରସଙ୍ଗରେ ନିତ୍ୟ ଧ୍ୟାନ ତଥା ସମର୍ପିତ ଭକ୍ତି ନିବେଦନ ହିଁ ଭକ୍ତକୁ ଶାଶ୍ୱତ ପଦ ପ୍ରାପ୍ତିକରାଏ। ଆମ ଭିତରର ଅଜ୍ଞାନରୂପକ ଧୂମ୍ରଲୋଚନ, ଭ୍ରମିତ ବୁଦ୍ଧି ରୂପକ ଆମର କାର୍ଯ୍ୟ- ଚଣ୍ଡ-ମୁଣ୍ଡ, ତୃଷ୍ଣା ରୂପକ ରକ୍ତବୀର୍ଯ୍ୟ (ରକ୍ତବୀଜ), ମୋହ-ମାୟା ରୂପକ ମଧୁ-କୈଟଭ ମହିଷାସୁର ରୂପକ ଅବିଦ୍ୟାକୁ ଧ୍ୱଂସକରିବାର ଶକ୍ତି ଭରିଦିଅନ୍ତି । ଆମ ଭିତର ପଶୁତ୍ୱକୁ ପ୍ରଶମିତ କରିଦିଅନ୍ତି । ସେହି ଯୋଗମାୟାଙ୍କର ଆଚ୍ଛନ୍ନ ଅଦୃଶ୍ୟ ମାୟାର ପଟ୍ଟଳ ଆମ ଅନ୍ତର୍ଚକ୍ଷୁ ତଥା ବାହ୍ୟ ଚକ୍ଷୁରୁ ଅପସାରିତ ହୋଇଯାଏ । ଆମେ ଅନ୍ଧକାରରୁ ଆଲୋକରେ ଉଦଭାସିତ ହେଉ, ମୃତ୍ୟୁରୁ ଆମେ ଅମୃତତ୍ତ୍ୱ ପ୍ରାପ୍ତ ହେଉ ତଥା ସର୍ବୋପରି ଅସତ୍ୟରୁ ସତ୍ୟ ପଥର ସନ୍ଧାନୀ ହେଉ । ଯେଉଁ ପରମ ବୈଷ୍ଣବୀଶକ୍ତି ବଳରେ ଶଙ୍କର ଭଗବାନ ଶବକୁ ଶିବରେ ପରିଣତ କରନ୍ତି, ଯେଉଁ ହ୍ଲାଦିନୀ ଶକ୍ତି ବହନ କରି ପରମ ଆରାଧା ଶ୍ରୀରାଧା, ଶ୍ରୀକୃଷ୍ଣଙ୍କର ନିତ୍ୟ ପ୍ରେମ ସଂଗିନୀ, ଦକ୍ଷ କନ୍ୟା ସତୀ ଯେଉଁ ଶକ୍ତିରେ ଦଶ ମହାଶକ୍ତିରେ ପରିଣତ ହୋଇ ଦଶ ଦିଗରୁ ସ୍ୱାମୀ ଦେବ ଦେବ ମହାଦେବଙ୍କୁ ତାଙ୍କ ପିତ୍ରାଳୟ ଗମନକୁ ବାରଣକରିବାରୁ ଭୟଭୀତ କରିଦେଇଥିଲେ, ଯେଉଁ ଶକ୍ତି, ନିଦ୍ରାଦେବୀ ରୂପେ ସମଗ୍ର ବ୍ରହ୍ମାଣ୍ଡକୁ ବଶିଭୂତକରି ଦିଅନ୍ତି, ସେହି ଅଖଣ୍ଡ ଶକ୍ତି ଭକ୍ତର ଭାବରେ ମାତାରୂପେ ଉଦୟ ହୋଇ ପାରନ୍ତି ଓ ଦୁର୍ଜନମାନଙ୍କ ପାଇଁ ମହାକାଳୀ ରୂପେ ପ୍ରତିୟମାନ ହୁଅନ୍ତି । ସାମ୍ପ୍ରତିକ ପରିପ୍ରେକ୍ଷୀରେ ଦେଶ ଦେଶ ଭିତରେ, ମୋର-ତୋର ଭେଦରେ ଯେଉଁ ଶଙ୍କଟ ଦେଇ ମାନବିକ ମୂଲ୍ୟବୋଧର ଅବକ୍ଷୟ ଘଟି ଏ ମଧୁମୟ ସୃଷ୍ଟି ବିକଳାଙ୍ଗ ହୋଇ ଚାଲିଛି, କେଉଁ ମୁହୂର୍ତ୍ତରେ କିଛି ଅଘଟଣ ଘଟିଯିବାର ସମ୍ଭାବନା ଆଶଙ୍କାରେ ପୀଡିତ ଆମେ ସମସ୍ତେ ଏକ ସ୍ୱରରେ ଜାତି, ଧର୍ମ, ସ୍ଥାନ, କାଳ, ପାତ୍ର ଭେଦ ଭୁଲି ସେହି ପରମେଶ୍ୱରୀ ଜଗଦମ୍ବାଙ୍କ ଆରାଧନା କରିବା । ଚିର ବନ୍ଦନୀୟା, ପ୍ରାତଃ ସ୍ମରଣୀୟା ଭୀମ-କାନ୍ତ ସ୍ୱରୂପିଣୀ ମାତା ଜଗଦମ୍ବିକା ସଦା ସର୍ବଦା ଆମର ଆରାଧ୍ୟା ହୁଅନ୍ତୁ, ଅଖିଳ ବ୍ରାହ୍ମାଣ୍ଡ ପରିପାଳିନ ପାଇଁ ଶୁଭ ଦୃଷ୍ଟିପାତ କରନ୍ତୁ, ଶାରଦୀୟ ମଙ୍ଗଳମୟ ପର୍ବରେ ପଦ ପଙ୍କଜରେ ଏହା ହିଁ ଅମୃତ କାମନା । 'ଶୁଭମ କାରୋତୁ କଲ୍ୟାଣମ ଆରୋଗ୍ୟ ସୁଖ ସମ୍ପଦା, ଶତ୍ରୁ (ଶତ୍ରୁ) ବୃଦ୍ଧି ବିନାଶୟ ଶାନ୍ତି ପ୍ରୀତି ବିଧାୟିନେ' ।

# ଆମେରିକାର ଆଗାମୀ ମଧ୍ୟବର୍ତ୍ତୀ ନିର୍ବାଚନ ଓ ଟ୍ରମ୍ପଙ୍କ ଚିନ୍ତା



ଡାକ୍ତର ରାଜକିଶୋର ପଣ୍ଡା
ମେଡିକାଲ ଅଫିସର
ଓଡ଼ିଶା ସ୍ୱାସ୍ଥ୍ୟ ସେବା,
ଭୁବନେଶ୍ୱର
ମୋବାଇଲ ନଂ- ୮୧୪୪୦୪୨୯୯୭

ଓ୍ୱାଶିଂଟନର ବୈଦେଶିକ ନୀତି ବର୍ତ୍ତମାନ ସମୟରେ ଉଭୟ ସାଧାରଣ ଓ ଭାରତ ପରିପ୍ରେକ୍ଷୀରେ ଏକ ବିଚିତ୍ର ରିଏଲିଟି ସୋ ଭଳି ମନେହୁଏ, ଯେଉଁଭଳି ସୋ ଗୁଡ଼ିକୁ ତାଙ୍କର ଟି.ଭି. ଦିନ ମାନଙ୍କରେ ପରିଚାଳନା କରୁଥିଲେ ରାଷ୍ଟ୍ରପତି ଟ୍ରମ୍ପ। ଏହି ନୀତି ଭାରତକୁ ବାଧ୍ୟ କରୁଛି, ଯୁକ୍ତରାଷ୍ଟ୍ରଠାରୁ ବିଲିଅନ୍ ବିଲିଅନ୍ ମୂଲ୍ୟର ଦ୍ରବ୍ୟ ଓ ସେବା କିଣିବା ସହିତ ହ୍ୱାଇଟ୍ ହାଉସ୍ ସମ୍ମୁଖରେ ନତମସ୍ତକ ହେବା ପାଇଁ।

ଆମେରିକା ବର୍ତ୍ତମାନ ଆଗେଇ ଚାଲିଛି ଏକ ନିର୍ଣ୍ଣାୟକ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନକୁ ଯାହାକି ଅନୁଷ୍ଠିତ ହେବ ନଭେମ୍ବର ତିନି, ୨୦୨୬ ରେ ଓ ଯେଉଁ ଗୁରୁତର ସମସ୍ୟା ଗୁଡ଼ିକ ସମ୍ପ୍ରତି ଭାରତ - ଆମେରିକା ସମ୍ବନ୍ଧକୁ ପ୍ରଭାବିତ କରୁଛନ୍ତି, ସେଗୁଡ଼ିକ ହେଲେ ବାଣିଜ୍ୟ, ଶୁଳ୍କର ଦର ଓ ଇମିଗ୍ରେସନ୍ ବା ପ୍ରବାସୀ ସମସ୍ୟା। ଏହି ନିର୍ବାଚନ ଯାହା ଟ୍ରମ୍ପଙ୍କ ଦ୍ୱିତୀୟ ପାଳିର ଠିକ୍ ଅଧା ସମୟର ପୂର୍ତ୍ତି ବେଳକୁ ଅନୁଷ୍ଠିତ ହେଉଅଛି, ଏକଶହ କୋଡ଼ିଏ ତମ ଆମେରିକୀୟ କଂଗ୍ରେସର ଗଠନ ଓ ରୂପରେଖ ନିର୍ଣ୍ଣୟ କରିବ। ଏଥିରେ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ର ଚାରିଶହ ପଇଁତିରିଶଟି ଆସନ ଓ ସିନେଟ୍‌ର ପଇଁତିରିଶଟି ଆସନ ପାଇଁ ମତ ଦାନ କରାଯିବ।

ଯଦି ନିର୍ବାଚନରେ ଶାସକ ରିପବ୍ଲିକାନ ଦଳ ସଂଖ୍ୟା ଗରିଷ୍ଠତା ହାସଲ କରନ୍ତି, ତେବେ ବାକି ରହିଥିବା କାର୍ଯ୍ୟ ଅବଧିକୁ ଟ୍ରମ୍ପ ନିଜ ଇଚ୍ଛାନୁସାରେ ପରିଚାଳନା କରି ପାରିବେ ଓ ଏଥିରେ ତାଙ୍କୁ ବିଶେଷ ସହାୟକ ହେବେ ଗୃହର ବାଚସ୍ପତି ମାଇକ୍ ଜନସନ୍। ଏହାର କାରଣ ଗୃହର ନିୟମାବଳୀ ଅପେକ୍ଷା ନିଜକୁ ଟ୍ରମ୍ପଙ୍କ ଅନୁଚର ଭାବରେ ପ୍ରତିପାଦିତ କରିବା ପାଇଁ ଜନସନ୍‌ଙ୍କ ପ୍ରଚେଷ୍ଟା ଅଧିକ ରହୁଛି। କିନ୍ତୁ ଯଦି ନିର୍ବାଚନରେ ଡେମୋକ୍ରାଟ୍‌ମାନେ ବିଜୟ ଲାଭ କରନ୍ତି ତେବେ କଂଗ୍ରେସ ନେତୃତ୍ୱର ଚାବିକାଠି ସେମାନଙ୍କ ହାତକୁ ଯିବ ଓ ଯେକୌଣସି ସରକାରୀ ନିଷ୍ପତ୍ତି ଏବଂ ଆଲୋଚନାରେ ଚେକ୍ ବାଲାନ୍ସ ପରିସ୍ଥିତି ସୃଷ୍ଟି ହେବା ସାଙ୍ଗକୁ ଟ୍ରମ୍ପଙ୍କ "ଏକଛତ୍ରବାଦ" ମଧ୍ୟ ବାଧାପ୍ରାପ୍ତ ହେବ।

ତେବେ ଏହି ଭିତରେ ଆମେରିକାର ସୁପ୍ରିମକୋର୍ଟ ଓ ଜିଲ୍ଲା କୋର୍ଟ ସମୂହ ଟ୍ରମ୍ପଙ୍କୁ ଗୋଟିଏ ପରେ ଗୋଟିଏ ଧକ୍କା ଦେଇ ଚାଲିଛନ୍ତି। ଡାକ ଯୋଗେ ମତଦାନ ବ୍ୟବସ୍ଥାକୁ ବନ୍ଦ କରିବା ପାଇଁ ଟ୍ରମ୍ପଙ୍କର ଆଦେଶକୁ ସର୍ବୋଚ୍ଚ ନ୍ୟାୟାଳୟ ଖାରଜ କରିଦେଇଛନ୍ତି। ଯୁକ୍ତରାଷ୍ଟ୍ରର ସମଗ୍ର ମତଦାନର ପାଖାପାଖି ତିରିଶ ପ୍ରତିଶତ ଡାକ ଯୋଗେ ସମ୍ପନ୍ନ ହୋଇଥାଏ। ଟ୍ରମ୍ପ ଏହି ବ୍ୟବସ୍ଥାଟିକୁ ବନ୍ଦ କରିବା ପାଇଁ ଇଚ୍ଛୁକ କାରଣ ତାଙ୍କ ଅନୁଯାୟୀ ବେଆଇନ ପ୍ରବାସୀ ଗୋଷ୍ଠୀ ଯେଉଁମାନଙ୍କର କୌଣସି ବୈଧ ପରିଚୟ ପତ୍ର (Valid Identity proof) ନ ଥାଏ, ସାମୂହିକ ଭାବରେ ଡାକ ମାଧ୍ୟମରେ ଡେମୋକ୍ରାଟିକ୍ ଦଳକୁ ଭୋଟ ଦେଇଥାନ୍ତି। ଟ୍ରମ୍ପଙ୍କର ଲୋକପ୍ରିୟତା ବା ଆପ୍ରୁଭାଲ୍ ରେଟିଙ୍ଗ୍ କ୍ରମାଗତ ଭାବରେ ହ୍ରାସ ପାଉଛି। ରିପବ୍ଲିକାନ୍ ପ୍ରାର୍ଥୀମାନେ ମଧ୍ୟ ଚାହୁଁ ନାହାନ୍ତି କି ସେ, ଆଗାମୀ ନିର୍ବାଚନରେ ସେମାନଙ୍କ ପାଇଁ ପ୍ରଚାର କରନ୍ତୁ।

ଇରାନ ଯୁଦ୍ଧ ଯୋଗୁଁ ଯୁକ୍ତରାଷ୍ଟ୍ରରେ ମୁଦ୍ରାସ୍ଫୀତି ବଢ଼ିବା ସହିତ ଗ୍ୟାସୋଲିନ ଓ ଡିଜେଲର ଦର ମଧ୍ୟ ବଢ଼ିବାରେ ଲାଗିଛି। ଗୋଟିଏ କାର ବହୁଳ ଦେଶ ପାଇଁ ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ। ପଶ୍ଚିମ ରାଷ୍ଟ୍ର ମାନଙ୍କ ମଧ୍ୟରେ ଆମେରିକାର ହିଁ ସବୁଠାରୁ ଦୁର୍ବଳ ରେଳ ଭିତ୍ତିଭୂମି ଅଛି, ଯାହା ବ୍ୟାପକ ଭାବରେ ଡିଜେଲ ଉପରେ ହିଁ ନିର୍ଭରଶୀଳ। ଏହାର ବିପରୀତରେ ଭାରତର ଅନେଶତ ପ୍ରତିଶତ ରେଳ ନେଟ୍‌ୱାର୍କ ବିଦ୍ୟୁତ୍ ଚାଳିତ ଅଟେ।

ଆମେରିକା ଭେନେଜୁଏଲାରେ କରିଥିବା କାର୍ଯ୍ୟକଳାପକୁ ଆମେ ନିଓକଲୋନିଆଲିଜିମ୍ (Neocolonialism) ବୋଲି କହିପାରିବା। ଏଥିରେ ଗୋଟିଏ ଶକ୍ତିଶାଳୀ ଦେଶ ଅନ୍ୟ ଗୋଟିଏ ଦୁର୍ବଳ ଦେଶକୁ ସିଧାସଳଖ ଦଖଲ ନ କରି, ଦୁର୍ବଳ ଦେଶଟିର ଅର୍ଥନୀତି, ଖଣିଜ ସମ୍ପଦ, ସାଂସ୍କୃତିକ ଐତିହ୍ୟ ଉପରେ ପରୋକ୍ଷ ଭାବରେ ନିଜର ପତିଆରା ଜାହିର କରିଥାଏ। ଇରାନ ଉପରେ ମଧ୍ୟ ଏହି ଉପାୟଟି ଆମେରିକା ଓ ବ୍ରିଟେନ୍ ପ୍ରୟୋଗ କରିଥିଲେ ତେସ୍ତରୀ ବର୍ଷ ତଳେ। ୧୯୫୩ ରେ ଏକ ସାମରିକ ବିଦ୍ରୋହ ଜରିଆରେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ନିର୍ବାଚିତ ଇରାନର ରାଷ୍ଟ୍ରପତି "ମହମ୍ମଦ ମୋସାଦେଘ"ଙ୍କୁ ଆମେରିକା ଓ ବ୍ରିଟେନ୍ ଗାଦିରୁ ବିତାଡ଼ିତ କରିଥିଲେ। କାରଣ ଥିଲା ଇରାନର ତୈଳ ସମ୍ପଦକୁ ଜାତୀୟକରଣ କରିବା ପାଇଁ ମୋସାଦେଘ୍‌ଙ୍କର ନିଷ୍ପତ୍ତି ୧୯୫୧ ମସିହାରେ। ମୋସାଦେଘଙ୍କ ପରେ ଇରାନରେ ନୂଆ ନେତା "ମହମ୍ମଦ ରେଜା ପାହାଲଭି" ଆମେରିକାର "ନିଓ କଲୋନିଆଲିଜିମ୍" ଚିନ୍ତାଧାରା ଅନୁଯାୟୀ ଦେଶର ତୈଳ ସମ୍ପଦଗୁଡ଼ିକୁ ଯୁକ୍ତରାଷ୍ଟ୍ର ଓ ବ୍ରିଟେନ୍‌ର ତୈଳ କମ୍ପାନୀ ହାତକୁ ଟେକି ଦେଇଥିଲେ।

ଏଠାରେ ଅତୀତ ପୃଷ୍ଠାକୁ ଯିବାର କାରଣ, ସେତେବେଳେ ଯଦିଓ ଆମେରିକାର ଇରାନକୁ ନିୟନ୍ତ୍ରଣ କରିବାର ଚେଷ୍ଟା ସଫଳ ହୋଇଥିଲା ବର୍ତ୍ତମାନ ସମୟରେ କିନ୍ତୁ ଟ୍ରମ୍ପଙ୍କର ନିଓ କଲୋନିଆଲିଜିମ୍‌ର ପ୍ରୟାସ ତେହେରାନ୍‌ରେ ବିଫଳ ହେବାର ସମ୍ଭାବନା ଅଧିକ। ଓ୍ୱାଶିଂଟନରେ ଟ୍ରମ୍ପଙ୍କର ଲୋକପ୍ରିୟତା ମଧ୍ୟ ମଧ୍ୟପ୍ରାଚ୍ୟ ଯୁଦ୍ଧରେ ବିଫଳତା ହେତୁ ହ୍ରାସ ପାଉଛି। ଆମେରିକା ତରଫରୁ ଦିଆଯାଉଥିବା ଏଚ୍.ୱାନ୍.ବି ଭିସାର ସିଂହଭାଗ ଭାରତୀୟମାନେ ହିଁ ହାସଲ କରିଥାନ୍ତି। ପୂର୍ବରୁ ପ୍ରଚଳିତ ଥିବା ନିୟମ ଅନୁଯାୟୀ ଯଦି କୌଣସି ପ୍ରବାସୀ ନାଗରିକ ନିଯୁକ୍ତି ହରାନ୍ତି, ତେବେ ତାଙ୍କ ପାଖରେ ଆହୁରି ଷାଠିଏ ଦିନ ରୁହେ ନୂଆ କର୍ମସଂସ୍ଥାନର ବ୍ୟବସ୍ଥା କରିବା ନିମନ୍ତେ। ଏହାକୁ କୁହାଯାଏ ଗ୍ରେସ୍ ପିରିୟଡ୍। ଏବେ କିନ୍ତୁ ହ୍ୱାଇଟ୍ ହାଉସ୍ ତରଫରୁ ଦିଆଯାଇଥିବା ପ୍ରସ୍ତାବରେ ଷାଠିଏ ଦିନ ସମୟସୀମାକୁ କମାଇ ଗୋଟିଏ ଦିନ କରିବା ପାଇଁ ଜୋର୍ ଦିଆଯାଇଛି। ଟ୍ରମ୍ପଙ୍କର ଏହା ହେଉଛି ଏକ ମାରାତ୍ମକ ପ୍ରବାସୀ ନାଗରିକ ବିରୋଧୀ ଯୋଜନା।

ଟ୍ରମ୍ପଙ୍କର ପ୍ରବାସୀ ନୀତି (Immigration Policy) ପ୍ରକୃତ ପକ୍ଷରେ ଭବିଷ୍ୟତରେ ଆମେରିକାକୁ ହିଁ କ୍ଷତି ପହଞ୍ଚାଇବ। ଯୁକ୍ତରାଷ୍ଟ୍ରର ଶକ୍ତି ଏହାର ପ୍ରବାସୀ ନାଗରିକ। ଯୁକ୍ତରାଷ୍ଟ୍ରର ସମ୍ପଦ, ବିବିଧ ଇତିହାସ ଓ ବୈଜ୍ଞାନିକ ଗବେଷଣାରେ ସେମାନଙ୍କର ଅବଦାନ ଅତୁଳନୀୟ। ଟ୍ରମ୍ପ ଏହି ବ୍ୟବସ୍ଥାଟିକୁ ନଷ୍ଟ କରିଦେବା ପାଇଁ ବର୍ତ୍ତମାନ ଉଦ୍ୟମରତ ଅଛନ୍ତି।

ବିଶ୍ୱର ଶ୍ରେଷ୍ଠତମ ଧନୀ 'ଏଲୋନ୍ ମସ୍କ' ଜଣେ ଦକ୍ଷିଣ ଆଫ୍ରିକୀୟ ପ୍ରବାସୀ। ଅଗ୍ରଣୀ ଏ.ଆଇ. ଫାର୍ମ 'ଆନ୍‌ଥ୍ରୋପିକ୍'ର ପ୍ରତିଷ୍ଠାତା "ଡାରିଓ ଆମୋଦେଇ"ଙ୍କର ପିତା ଜଣେ ଇଟାଲୀୟ ଚମଡ଼ା ଶିଳ୍ପୀ, ଯିଏ ୧୯୭୦ ରେ ଟସ୍କାନରୁ ଆମେରିକା ଆସିଥିଲେ। ଗୁଗୁଲ୍‌ର ସହପ୍ରତିଷ୍ଠାତା ସର୍ଜିବ୍ରିନ୍ ଓ ଏନଭିଡିଆର ପ୍ରତିଷ୍ଠାତା "ଜେନ୍‌ସେନ୍ ହୁଆଙ୍ଗ" ମଧ୍ୟ ଯଥାକ୍ରମେ ଋଷିଆ ଓ ତାଇୱାନର ଜଣେ ଜଣେ ପ୍ରବାସୀ ଅଟନ୍ତି। ଜୀବ ବିଜ୍ଞାନ ଓ ରସାୟନ ବିଜ୍ଞାନରେ ଯଥାକ୍ରମେ ନୋବେଲ୍ ପୁରସ୍କାର ପାଇଥିବା ଦୁଇ ବୈଜ୍ଞାନିକ ସ୍ୱର୍ଗତଃ ହରଗୋବିନ୍ଦ ଖୁରାନା ଓ ଭେଙ୍କଟରମନ୍ ରାମକ୍ରିଷ୍ଣନ୍ ଭାରତର ମୂଳ ବାସିନ୍ଦା ଥିଲେ। କଥିତ ଅଛି ଯେ ୧୯୪୯ ମସିହାରେ ହରଗୋବିନ୍ଦ ଖୁରାନା ଦିଲ୍ଲୀରେ କୌଣସି କର୍ମନିଯୁକ୍ତି ପାଇ ନ ପାରି ଆମେରିକା ଯାଇଥିଲେ ଓ ସେଠାରେ ଗବେଷଣା କରି ପରବର୍ତ୍ତୀ ସମୟରେ ନୋବେଲ ପୁରସ୍କାର ପାଇଥିଲେ।

"ନ୍ୟାସନାଲ ଫାଉଣ୍ଡେସନ୍ ଫର୍ ଆମେରିକାନ୍ ପଲିସି" ତରଫରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଯୁକ୍ତରାଷ୍ଟ୍ରକୁ ପ୍ରବାସୀ ନାଗରିକଙ୍କର ଆଗମନ ହାର କମିଲେ, ଏହାର ଶ୍ରମଶକ୍ତି ମଧ୍ୟ ହ୍ରାସ ପାଇବ। ରିପୋର୍ଟ ଦର୍ଶାଇଛି ଯେ ଏହାଦ୍ୱାରା ୨୦୨୮ ସୁଦ୍ଧା ଉଣେଇଶି ମିଲିୟନ୍ ଶ୍ରମିକ ବର୍ଷ (Worker Years) ଓ ୨୦୩୫ ସୁଦ୍ଧା ଏକଶହ ଦୁଇ ମିଲିଅନ୍ ଶ୍ରମିକ ବର୍ଷର ସମ୍ଭାବ୍ୟ କ୍ଷୟ ଘଟିବ। ଶ୍ରମିକ ବର୍ଷରେ ହ୍ରାସ ଘଟିଲେ ଆମେରିକାର ଆର୍ଥିକ କ୍ଷତି ମଧ୍ୟ ଘଟିବ ଯାହାକି ହେଉଛି ୨୦୨୮ ସୁଦ୍ଧା ପାଖାପାଖି ୧.୯ ଟ୍ରିଲିଅନ୍ ଡଲାର ଓ ୨୦୩୫ ସୁଦ୍ଧା ପ୍ରାୟ ୧୨.୧ ଟ୍ରିଲିଅନ୍ ଡଲାର। ପ୍ରତି ବ୍ୟକ୍ତି ପିଛା ଏହି ଆର୍ଥିକ କ୍ଷତିର ପରିମାଣ ହେବ ୩୪,୩୬୯ ଡଲାର। ଏହାଦ୍ୱାରା ଯୁକ୍ତରାଷ୍ଟ୍ରର ଆର୍ଥିକ ଅଭିବୃଦ୍ଧି କମିବ ଓ ଋଣଭାର ବଢ଼ିବ। ଯଦି ଟ୍ରମ୍ପଙ୍କର ପ୍ରବାସୀ ନାଗରିକ ନୀତିକୁ ଆଗାମୀ ଭବିଷ୍ୟତରେ ସମ୍ପୂର୍ଣ୍ଣ ଭାବରେ ନ ବଦଳାଯାଏ ତେବେ ଆମେରିକା ସମଗ୍ର ପୃଥିବୀର ପ୍ରତିଭାବାନ ଲୋକମାନଙ୍କର ଇପ୍ସିତ ଦେଶ ହୋଇ ଆଉ ରହିବ ନାହିଁ। ଏହାଦ୍ୱାରା ଆମେରିକା ହିଁ ଦିନେ ନା ଦିନେ ପଶ୍ଚାତାପ କରିବ। ପ୍ରବାସୀ ନାଗରିକ ମାନେ ହିଁ ଆମେରିକାକୁ ଏକ ଯୁବବର୍ଗର ଦେଶରେ ପରିଣତ କରିଛନ୍ତି ଯାହାର ହାରାହାରି ବୟସ ହେଉଛି ଅଣଚାଳିଶ ବର୍ଷ। ଏହା ତୁଳନାରେ ଜାପାନରେ ଏହା ହେଉଛି ପଚାଶ ବର୍ଷ ଓ ଜର୍ମାନୀରେ ସତଚାଳିଶ ବର୍ଷ।

ଟ୍ରମ୍ପ ସେହି ଦେଶର ମୂଳଭୂତ ଆଧାରକୁ ହିଁ ନଷ୍ଟ କରିବାରେ ଲାଗିଛନ୍ତି, ଯେଉଁଠି ତାଙ୍କ ମା' ମ୍ୟାରୀ ମ୍ୟାକ୍‌ଲିଅଡ୍ ନିଜେ ହିଁ ସ୍କଟଲ୍ୟାଣ୍ଡର ଜଣେ ପ୍ରବାସୀ। ଭାରତ ସନ୍ଦର୍ଭରେ ଦେଖିଲେ ଏହା ଅଶୋଧିତ ତୈଳ ପାଇଁ ପଶ୍ଚିମ ଏସିଆ ଉପରେ ବ୍ୟାପକ ଭାବରେ ନିର୍ଭରଶୀଳ। ଫେବୃୟାରୀ ଅଠେଇଶିରେ ଆମେରିକା-ଇରାନ୍-ଇସ୍ରାଏଲ୍ ଯୁଦ୍ଧ ହେତୁ ତୈଳ ଦର ପ୍ରାୟ ଦୁଇଗୁଣା ହୋଇ ଯାଇଥିଲା ଓ ଏବେ ଯୁଦ୍ଧର ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ଏହା କ୍ରମାଗତ ଭାବରେ ବଢୁଛି। ଯଦି ନିର୍ବାଚନରେ ରିପବ୍ଲିକାନ ମାନେ ସଂଖ୍ୟା ଗରିଷ୍ଠତା ପାଆନ୍ତି, ତେବେ ମଧ୍ୟପ୍ରାଚ୍ୟ ସଂଗ୍ରାମ ଆହୁରି ଭୟଙ୍କର ଓ ବ୍ୟାପକ ହୋଇପାରେ ମାତ୍ର ଯଦି ଡେମୋକ୍ରାଟ୍ ମାନେ ଜିତନ୍ତି ତେବେ ସେମାନେ ପ୍ରଶାସନ ଉପରେ ଚାପ ପ୍ରୟୋଗ କରି ଉପରୋକ୍ତ ସମସ୍ୟାର ଏକ କୂଟନୈତିକ ସମାଧାନ ଦିଗରେ ଉଦ୍ୟମ ରତ ହେବେ ବୋଲି ସମଗ୍ର ବିଶ୍ୱ ଆଶା କରୁଛି।

ଯୁକ୍ତରାଷ୍ଟ୍ରର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ସମ୍ପର୍କରେ ଏକ ଐତିହାସିକ ତଥ୍ୟ ହେଉଛି, ଯେ ଏଥିରେ ସର୍ବଦା କ୍ଷମତାସୀନ ରାଷ୍ଟ୍ରପତିଙ୍କ ଦଳ ପରାଜିତ ହୋଇଥାଏ।

ସେପ୍ଟେମ୍ବର ୧୫ ରେ ନ୍ୟୁୟର୍କ ଟାଇମ୍‌ସ ଦ୍ୱାରା ଆୟୋଜିତ ଏକଜିଟ୍ ପୋଲ୍ ଡେମୋକ୍ରାଟ୍ ଦଳକୁ ସଂଖ୍ୟା ଗରିଷ୍ଠତା ମିଳିବା ନେଇ ଅନୁମାନ କରିଛି।

ବିଶ୍ୱ ବାଣିଜ୍ୟ ଓ ବିଶ୍ୱଶାନ୍ତି ପାଇଁ ଆଗାମୀ ଦିନରେ ଏହି ନିର୍ବାଚନ ଯେ ଅତିମାତ୍ରାରେ ମହତ୍ତ୍ୱପୂର୍ଣ୍ଣ, ତାହା ଆମେ କହିପାରିବା।



## ନିଶାପ
### (ନିରପେକ୍ଷ ଶାସନ ପଦ୍ଧତି)
### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ବିନାଶ ହିଁ ସନ୍ୟାସର ମୁଖ୍ୟ କାରଣ

ଶ୍ରଦ୍ଧେୟ ଭକ୍ତବୃନ୍ଦ,ଏହି ବିନାଶ ଶବ୍ଦ ଶୁଣୁଶୁଣୁ ତୁମେ ଚକିତ ହୋଇଯାଇଥିବ। ଜଣେ ସାଧୁର ଏକି ବାର୍ତ୍ତା,ଆରେ ଗୀତାରେ ଅଛି ପରିତ୍ରାଣାୟ ସାଧୁନାଂ-ବିନାଶାୟଚ ଦୁଷ୍କୃତଂ-ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ତେଣୁ ହେ ଭକ୍ତ,ହେ ଶିଷ୍ୟ ହେ ମାନବ ପ୍ରଥମେ ଏ ଜଗତରୁ ହେଉ କି ସମାଜରୁ ହେଉ କି ସଂସାରରୁ ହେଉ ତୁମ ଦେହ ମନ, ବାକ୍ୟକୁ କୁତ୍ସିତ ଭାବନାରୁ ବିନାଶ କର। କାମ,କ୍ରୋଧ,ଲୋଭ,ମୋହ,ମାୟାକୁ ବିନାଶ କର। ପ୍ରଥମେ ଲାଳସାକୁ ବିନାଶ କର,ପ୍ରତି ହିଂସା ପରାୟଣକୁ ବିନାଶ କର। ହିଂସାତ୍ମକ ପ୍ରବୃତ୍ତିରୁ ନିବୃତ୍ତ ରୁହ। ଭୋଗ ଲାଳସାରୁ ମୁକ୍ତି ଲାଗି ପ୍ରୟାସ କର ଯୋଗ ଦ୍ୱାରା ଜଗତରୁ ମାୟାର ପ୍ରଭାବକୁ ଦୂରୀଭୂତ କର। ପ୍ରଥମେ ସତ୍ୟ ପଥର ଯାତ୍ରୀ ହୋଇ କ୍ଷମା ଗୁଣକୁ ଧାରଣା କରି ଅହିଂସା ବ୍ରତ ଆଚରଣ କର ସେବା ମନବୃତ୍ତିକୁ ଧର। ପ୍ରଥମେ ଜଣେ ସାଧୁର ବୃତ୍ତି,ସେବା ହେଉ,ଶାନ୍ତିର ବାଣୀ ହେଉ,ଶ୍ରଦ୍ଧାର ଚୁଲି ଜଳୁ,ଦୟାର ପାତ୍ର ହେଉ,କ୍ଷମାର ଗୁଣ ହେଉ,ବିଶ୍ୱାସର ଭୋକ ହେଉ,ଭକ୍ତିର ଦ୍ୱୀପ ହେଉ ଜ୍ଞାନର ଖାଦ୍ୟ ହେଉ,ଦେଖିବ ଏହି ବିନାଶଦ୍ୱାରା ଆପେ ଆପେ ଧର୍ମର ସଂସ୍ଥାପନ ହୋଇପାରିବ। ତୁମେ ଧର୍ମ କରିବି ଧର୍ମ କରୁଛି ବୋଲି ପ୍ରଚାର ପ୍ରସାର ନକରି ତୁମେ ତୁମକୁ ପ୍ରଥମେ ଚିହ୍ନ। ଆରମ୍ଭରେ ତୁମେ ତୁମକୁ ନ ବୁଝି ଅନ୍ୟକୁ ବୁଝାଇବାକୁ ଚେଷ୍ଟା କରିବା ହାସ୍ୟାସ୍ପଦ। ତୁମେ ତୁମର ପ୍ରକୃତିର ଅବମାନନା କରନାହିଁ। କିନ୍ତୁ ତୁମ ଇନ୍ଦ୍ରୀୟ ସମୂହକୁ ଆୟତ୍ତ କର। ପ୍ରକୃତିକୁ ଧର୍ମର ମାର୍ଗରେ ନେଇ ଅଧର୍ମକୁ ବିନାଶ କର। ନିଜର ଆତ୍ମାର ମାର୍ଗକୁ ଅନୁସରଣ କର। ନିଶ୍ଚିତ ଭାବରେ ପରିତ୍ରାଣ ମିଳିବ। ଆତ୍ମାର ପରିଚୟ ମିଳିବ ଯୁଗେ ଯୁଗେ ଧର୍ମର ଗ୍ଲାନି ନ ହୋଇ ଧର୍ମର ବିଜୟ ପତାକା ଫର ଫର ଉଡିଛି। ଏହାହିଁ ଚୈତନ୍ୟ ଧାରା,ବିଶ୍ୱନିୟନ୍ତାଙ୍କର କୃପାବାରୀ। ହେ ଜଗତ ବାସୀ ଆମେ ଏକ ଅଭିନ୍ନ,ଆମେ ସାକାର ପ୍ରଭୁ ନିରାକାର,ସୋହଂ,ସେହିଁ ଯନ୍ତ୍ରୀ,ଆମେ ସବୁ ଯନ୍ତ୍ର,ତାଙ୍କ ଯନ୍ତ୍ରକୁ ସେ ଯେମିତି ନଚାଇବେ ସେ ନାଚିବ। ଏଥିରେ କାହାର ଅଧିକାର ନାହିଁ ତେଣୁ ପ୍ରଭୁଙ୍କର ଯେଉଁଠି ଅଧିକାର ତୁମର ସେଠି ଅହଂକାର କରିବା କେତେ ଦୂର ଯଥାର୍ଥ ସୁଧୀଜନ ବିଚାର କରିବେ। ହରିଓଁ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy  E-mail : sambadkalikanews@gmail.com  City Office : Qtr No.-4R-12, Unit-IX (Flat), Bhubaneswar, Pin-751022  ସମ୍ପାଦକ : ଜୟାଶୀଷ ରାୟ



## ଆସ ମାଗୋ ଦଶଭୁଜା

**ରାଜ କିଶୋର ସ୍ୱାଇଁ**

ଆସ ଆଦି ମାତା ଗିରିରାଜ ସୁତା
ଆସ ମାଗୋ ଦଶଭୁଜା
ଚାତକ ପରାଏ ରହିଛୁ ଅନାଇ
କରିବାକୁ ତୁମ ପୂଜା ।।୧ ।।

ପାର୍ବଣକୁ ଧରି ଆସିଛି ଶରତ
ହସେ କେଦାର କାନନ
କାଶତଣ୍ଡୀ ଝାଡ଼େ ଧବଳ ଚାମର
ଦେଖି ତୁମ ଆଗମନ ।।୨ ।।

ଗାଆଁ ଠୁଁ ସହର ଉତ୍ସବ ମୁଖର
ମଣ୍ଡପ ହୋଇଛି ସଜ୍ଜା
ସଭିଙ୍କ ମନରେ ଉଛୁଳେ ଆନନ୍ଦ
ନିଅନ୍ତି ପାର୍ବଣ ମଜା ।।୩।।

ତ୍ରେତୟାରେ ଭାବ ଭକ୍ତିରେ ଅରପି
ପୂଜା ତୁମ ପାଦ ତଳେ
ବଧିଲେ ଶ୍ରୀରାମ ଲଙ୍କାର ରାବଣ
ମାଗୋ ତୁମ କୃପାବଳେ ।।୪ ।।

ଶୁଣି ଦେବକୂଳ ଆକୁଳ ପ୍ରାର୍ଥନା
ମହିଷାକୁ କଲ ନାଶ
ତୁମେ ଦୟାମୟୀ ଶଙ୍କଟ ତାରିଣୀ
ଭକତିରେ ସଦା ବଶ ।।୫ ।।

ଅଶାନ୍ତ ସଂସାରେ ତୁମ କୃପା ବିନା
ଦୁଃଖେ ହେଉ ଆମେ ଘାରି
ଲଭେ ଯେଉଁ ନର ତୁମରି ଆଶିଷ
ଦୁନିଆରୁ ଯାଏ ତରି ।।୬ ।।

ଜନନୀ ଗୋ ତୁମ କୃପା ଲାଭ ପାଇଁ
ଅଥୟ ସଭିଙ୍କ ମନ
ପାଦ ତଳେ ତୁମ ଜୀବନକୁ ଆମେ
କରୁଅଛୁ ସମର୍ପଣ ।।୭ ।।

ଏତିକି ମାତର କରୁଛୁ ମିନତି
ମାଗୋ ଜଗତ ଜନନୀ
ତୁମ ସୁଦୟାରୁ ଅନୀତି ଦାଉରୁ
ରକ୍ଷା ପାଉ ଏ ଧରଣୀ ।।୮ ।।

*ଅବସରପ୍ରାପ୍ତ ଉପ ଆରକ୍ଷୀ ଅଧିକ୍ଷକ, ତଥା ଉତ୍କଳ ସାହିତ୍ୟ ସମାଜର, କାର୍ଯ୍ୟ ନିର୍ବାହୀ ସମିତି ସଭ୍ୟ*
*ଶାନ୍ତିନଗର, ନୂଆପଡା, ନୂଆବଜାର, କଟକ-୭୫୩୦୦୪*
*ମୋ-୯୪୩୭୪୪୨୦୪୧*

## ଅବିରତ

**ଶରତ ଦାଶ**

ଦୁଃଖ ମିଳେ ବୋଲି ସୁଖକୁ କାହିଁକି
ନ କରିବି ନିମନ୍ତ୍ରଣ
ସୁଖର ଆଶାରେ ଦୁଃଖ ବୋଝ ପରା
ହୁଅଇ ଓଜନହୀନ ।।
କିଛି ମିଳୁନାହିଁ ବୋଲି କାହିଁ ପାଇଁ
ଛାଡ଼ିଦେବି ଅନ୍ୱେଷଣ
କିଛି ନାହିଁ ବୋଲି କାହିଁକି ଅଯଥା
ହରାଇବି ଥିବା ପ୍ରାଣ ।।
କୃତକାର୍ଯ୍ୟ ହୋଇ ପାରିଲିନି ବୋଲି
ପରୀକ୍ଷା କି ଦେବି ଛାଡ଼ି
ଅନ୍ଧ ହେଲେ ବି ବୁଲାଇବି ନାହିଁ
କାହିଁକି ପୁନଶ୍ଚ ବାଡ଼ି ।।
ଝୁଣ୍ଟି ପଡ଼ି ପଥେ ହୋଇଲେ ପତିତ
ଚାଲିବା ଛାଡ଼ିବି ନାହିଁ
ପଡ଼ି ଉଠି ଚାଲି ନିଶ୍ଚିତ ଦିନେ
ଲକ୍ଷ୍ୟକୁ ଯିବି ଛୁଇଁ ।।
ପକ୍ଷ ନାହିଁ ବୋଲି ଉଡ଼ିବା ଉଦ୍ୟମ
କରିବାକୁ ନାହିଁ ମନା
ମନ କଲେ ଉଚ୍ଚ ଉଡିବି ଆକାଶେ
କଳ୍ପନାରେ ଆନମନା ।।
ଆଜିର ମନ୍ଦ ଭାଗ୍ୟକୁ ନେଇ
କାହିଁ ଗଡାଇବି ଲୁହ
କାଲିର ସୌଭାଗ୍ୟ କରି ଆମନ୍ତ୍ରଣ
ସୁଖେ ନ ରଖିବି ଲୟ ।।
ଡାକ ଶୁଣିଲେନି ବୋଲି ଦାମୋଦର
ଭଜିବା କି ଦେବି ଛାଡ଼ି
ଶୁଣିଲେ ଶୁଣିବେ ନ ଶୁଣିଲେ ନାହିଁ
ନିତି ପକାଇବି ରଡ଼ି ।।

*ଭୁବନେଶ୍ୱର*





## ମା' କାଳରାତ୍ରି

**ରାମଚନ୍ଦ୍ର ବେହେରା**

ଆଜି ପାର୍ବଣର ପବିତ୍ର ସପ୍ତମୀ
ଅପୂର୍ବ ଲାଗଇ ମହୀ
ଜଗତ ଜନନୀ ମର୍ତ୍ତ୍ୟକୁ ଆସିବେ
କାଳରାତ୍ରି ରୂପ ନେଇ ।
ମାତା ତ୍ରିନୟନୀ ଶକ୍ତି ସ୍ୱରୂପିଣୀ
ରୂପ ଅନ୍ଧକାର କଳା
ନାଶିକାରୁ ବହେ ଅଗ୍ନିଶ୍ୱାସ ତାଙ୍କ
ଗଳାରେ ଉଜ୍ୱଳ ମାଳା ।
ଚାରି ହସ୍ତେ ଶୋହେ ଖଡ୍ଗ ଓ କର୍କଟ
ବରଦା ଅଭୟ ମୁଦ୍ରା
ମାତାଙ୍କୁ ସ୍ମରିଲେ ଭୟ ଦୂର ହୁଏ
ଦୂରାଏ ପରାଣୁ ବ୍ୟଥା ।
ଆସ ଆସ ମାତା ଆସ ଅବତରି
ପାପୀଙ୍କୁ କର ସଂହାର
ତୁମ ଏ ସୃଷ୍ଟିରେ ଶାନ୍ତି ବିରାଜୁ ମା'
ହସୁ ଏ ଧର୍ମ ସଂସାର ।
ତୁମ ଆଗମନେ ଧର୍ମର ଆଲୋକ
ସଭିଙ୍କ ପରାଣ ଛୁଉଁ
କୂଟ ଭ୍ରଷ୍ଟନୀତି ଅଧର୍ମ ଅନୀତି
ଭବୁ ଲୀନ ହୋଇଯାଉ ।
ସୁବର୍ଣ୍ଣ ଲଙ୍କାର ପାପୀ ଦଶାନନ
କରିଥିଲା ସୀତା ଚୋରି
ଘୃଣ୍ୟ କର୍ମ ପାଇଁ ରାମଚନ୍ଦ୍ର ତାକୁ
ମାରିଥିଲେ ତୀର ମାରି ।
ସାରା ଦେବଗଣ ଅତିଷ୍ଠ ହୋଇଲେ
ମହିଷାସୁର କାରଣେ
ତୁମ ଆବିର୍ଭାବେ ସେ ହେଲା ନିହତ
ଶାନ୍ତି ମିଳିଲା ଭୁବନେ ।
ତୁମେ ଶକ୍ତିଦାତ୍ରୀ ତୁମେ ସିଦ୍ଧିଦାତ୍ରୀ
ବିରାଜ ମା'କାଳରାତ୍ରି
ତୁମ ପଦାଘାତେ ସୁଖ ଶାନ୍ତି ମିଳୁ
ଦୂରେଇ ଯାଉ ବିପତ୍ତି ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*



## ଦୁର୍ଗେ ଦୁର୍ଗତିନାଶିନୀ

**ଡ. ସନ୍ତୋଷ କୁମାର ପଣ୍ଡା**

ଶରତର କଅଁଳିଆ ଖରା । ବିଲହୁଡ଼ାରେ ଲହଡ଼ି ଭାଙ୍ଗୁଥିବା କାଶତଣ୍ଡୀର ଧଳା ଚାମର ଆଉ ଦାଣ୍ଡପିଣ୍ଡାରେ ଗଙ୍ଗଶିଉଳି ଝଡ଼ିବାର ମହକ । ଢୋଲ-ମାଦଳ ଆଉ କାଂସ୍ୟ ଘଣ୍ଟର ଧ୍ୱନିରେ ଗାଁ-ଦାଣ୍ଡରେ ମା'ଙ୍କ ଆଗମନୀର ବାସ୍ନା ଖେଳିଯିବା କଥା; ହେଲେ ଆନନ୍ଦପୁରର ପାହାଡ଼ତଳିଆ କୁସୁମବନ୍ଧ ଗାଁଟାରେ ସେ ବର୍ଷ ଉତ୍ସବର ଉଲ୍ଲାସ ନଥିଲା, ଚାରିଆଡ଼େ ଛାଇ ଯାଇଥିଲା ଆତଙ୍କର ଏକ କଳାବାଦଲ ।

ସେହି ଆତଙ୍କର ନାଁ ଥିଲା ଦିଲ୍ଲୀପ । ଲୋକେ ତା' ନାଁ ନଧରି ଡରରେ କହୁଥିଲେ 'ମହିଷା' । କାଠ ଚୋରା ଚାଲାଣ, ବେଆଇନ୍ କ୍ରସର ସାଙ୍ଗକୁ ଗାଁର ଗରିବଗୁରୁବାଙ୍କ ଜମିବାଡ଼ି ମାଡ଼ିବସିବା ଆଉ ଝିଅବୋହୂଙ୍କ ଇଜ୍ଜତ ଲୁଟିନେବା ତାର ନିତିଦିନିଆ ଖେଳ ଥିଲା । ଥାନା-ଫାଣ୍ଡି ତା' ପକେଟରେ, ରାଜନେତାଙ୍କ ଛତ୍ରଛାୟା ତା' ମୁଣ୍ଡ ଉପରେ ।

ସେହି ଗାଁ ମୁଣ୍ଡରେ ଥିଲା ଅବସରପ୍ରାପ୍ତ ସଂସ୍କୃତ ମାଷ୍ଟ୍ରେ ଭାଗବତ ବାବୁଙ୍କ ମାଟିପିଣ୍ଡାର ଛୋଟ ଚାଳଘରଟି । ଘରେ କେବଳ ବୁଢ଼ା ବାପା ଆଉ ତାଙ୍କ ଏକମାତ୍ର ଝିଅ ଦୁର୍ଗା । ଶାନ୍ତ, ସରଳ, ସ୍ନେହୀ ଝିଅଟିଏ । ଦିନରେ କଲେଜ ବହି ଆଉ ସଞ୍ଜ ନଇଁଲେ ଘର ଦୁଆର ମୁହଁରେ ବସି ଚଣ୍ଡୀପାଠ କରିବା ତା'ର ଅଭ୍ୟାସ । ତା'ର ଗମ୍ଭୀର ସ୍ୱର ଶୁଣିଲେ ଗାଁ ଲୋକେ କହନ୍ତି, 'ଆମ ଭାଗବତ ମାଷ୍ଟ୍ରଙ୍କ ଝିଅଟା ସାକ୍ଷାତ ମା' ସରସ୍ୱତୀ ।'

ବିପଦ ମାଡ଼ିଆସିଲା ସେତିକିବେଳେ, ଯେତେବେଳେ ଦିଲ୍ଲୀପର ନଜର ପଡ଼ିଲା ଗାଁର ଶହେ ବର୍ଷର ପୁରୁଣା ଗୋଚର ଜମି ଆଉ କୁଳଦେବୀ ବୁଢ଼ୀଠାକୁରାଣୀଙ୍କ ମନ୍ଦିର ଚଉହଦି ଉପରେ । ସେଠି ସେ ପଥର ଖଣି ଖୋଲିବାକୁ ବଇନା ଧରିଲା ।

ଗାଁ ଲୋକେ ଭୟରେ କାଠ ପାଲଟିଗଲା ବେଳେ ମାଷ୍ଟ୍ରେ ଆଗେଇ ଆସିଥିଲେ । ତହସିଲ ଅଫିସରୁ ଜିଲ୍ଲାପାଳଙ୍କ ଦପ୍ତର ଯାଏଁ ଦଉଡ଼ିଥିଲେ । ଦୁର୍ଗା ବି ବାପାଙ୍କ ପଛରେ ପାହାଡ଼ ପରି ଠିଆ ହୋଇ ଗାଁ ମାଇପେଙ୍କୁ ଏକାଠି କରି କହିଥିଲା- 'ମାଉସୀ ମାନେ ! ଆମେ ଯଦି ଆଜି ଆମ ଠାକୁରାଣୀଙ୍କ ଥାନ ଆଉ ଗାଈଗୋରୁଙ୍କ ଚାରଣ ଭୂଇଁ ଛାଡ଼ିଦେବା, କାଲି ସେ ଅସୁରଟା ଆମ ଘରଭିତରକୁ ପଶି ଆମ ଭାତହାଣ୍ଡି ବି ଛଡ଼ାଇନେବ । ମୁଣ୍ଡ ତଳକୁ କଲେ ପାପ ବଢ଼େ ସିନା କମେନି !'

ଏ ଖବର ଯାଇ ପହଞ୍ଚିଲା ଦିଲ୍ଲୀପର କାନରେ । ଅହଂକାରରେ ତା'ର ଆଖି ଲାଲ୍ ପଡ଼ିଗଲା । ସେ ଦାନ୍ତ କାମୁଡ଼ି ଗର୍ଜିଲା, 'କ'ଣ ! ଗୋଟେ ଭିକାରୀ ମାଷ୍ଟ୍ର ଆଉ ତା' ଦୁଇପଇସାର ଚତୁରି ଝିଅ ମୋ ବାଟ ଓଗାଳିବେ ? ଆରେ ଶୁଖିଲା ପତ୍ର କୁଆଡ଼େ ଝଡ଼ର ମୁହାଁମୁହିଁ ହେବ !'

ମହାସପ୍ତମୀର ଅନ୍ଧାର ରାତି । ଆକାଶରେ କଳାହାଣ୍ଡିଆ ମେଘ ସାଙ୍ଗକୁ ଝଡ଼ବର୍ଷାର ତାଣ୍ଡବ । ଘଡ଼ଘଡ଼ିର ଶବ୍ଦ ଭିତରେ ଚାରିପାଞ୍ଚଟା କଳା ମୁହାଁ ଗୁଣ୍ଡାଙ୍କୁ ଧରି ଦିଲ୍ଲୀପ ଧସେଇ ପଶିଲା ମାଷ୍ଟ୍ରଙ୍କ ଅଗଣାରେ ।

'ମାଷ୍ଟ୍ରେ ! ବହୁତ ଡେଣା ଉଠୁଥିଲା ନା ତୋର ?' ବାହାରି ଆସ୍ ବେ ବୁଢ଼ା ! ଦିଲ୍ଲୀପର ଗର୍ଜନ ।

ଭାଗବତ ବାବୁ କବାଟ ଖୋଲି ହାତଯୋଡ଼ି କହିଲେ, 'ଦିଲ୍ଲୀପ ବାବୁ ! ଧର୍ମକୁ ଡର । ଠାକୁରାଣୀଙ୍କ ଜମିରେ ହାତ ଦିଅନା, ବଂଶ ବୁଡ଼ିଯିବ...'

'ଛାଡ଼ ତୋ ଧର୍ମ, କର୍ମ !' ଏତିକି କହି ଦିଲ୍ଲୀପର ଗୋଇଠା ଚୋଟରେ ବୃଦ୍ଧ ମାଷ୍ଟ୍ରେ ଦୂରକୁ ଛିଟିକି ପଡ଼ିଲେ । ତା'ପରେ ଲୁହା ରଡ୍‌ରେ ନିର୍ଦ୍ଦୟ ପ୍ରହାର ।

'ବାପା... ବାପା !' ଚିତ୍କାର କରି ଦୁର୍ଗା ଧାଇଁଆସି ବାପାଙ୍କ ରକ୍ତାକ୍ତ ଶରୀରକୁ ଜାବୁଡ଼ି ଧରିଲା । ତାର କାନ୍ଦଣାରେ ଆକାଶ ଫାଟି ପଡୁଥିଲା । 'ତମେ ମଣିଷ ନୁହଁରେ ପିଶାଚ ! ଛାଡ଼ିଦିଅ ମୋ ବାପାଙ୍କୁ... ତମର ସର୍ବନାଶ ହେବ !'

ଦିଲ୍ଲୀପ ବିଷାକ୍ତ ହସ ହସି ତା' ବାଳକୁ ଭିଡ଼ି ଧରି କହିଲା, 'ଆଲୋ ମୋ ରାଣୀ ! ବେଶୀ ତେଜ ଦେଖାଉଛୁ ନା ? ଚାଲ୍, ଆଜି ତୋର ସବୁ ଅହଂକାର ମୁଁ ଗୋଡ଼ତଳେ ଚୂନା କରିବି । ତୋ ତେଜ ପାହାଡ଼ ଉପରେ କାଢ଼ିବି !'

ଝିଅ ସାମ୍ନାରେ ବାପା ଆଖି ବୁଜିଲେ । ଚାଳଘରେ ନିଆଁ ଲଗାଇଦେଇ ଦୁର୍ଗା ମୁହଁରେ କନା ଗୁଞ୍ଜି ସେମାନେ ଟେକିନେଲେ ପାହାଡ଼ ଉପରେ ଥିବା ସେହି ପୁରୁଣା, ପରିତ୍ୟକ୍ତ କୋଠିବାଡ଼ିକୁ । ସେଇ କୋଠିବାଡ଼ିର ଗୋଟିଏ ଅନ୍ଧାରିଆ, ସନ୍ତସନ୍ତିଆ କୋଠରୀ । ମୋଟା ଲୁହା ଶିକୁଳିରେ ବନ୍ଧା ହୋଇଥିଲା ଦୁର୍ଗାର ଦୁଇ ହାତ । ଚିରାଫଟା ଲୁଗା, ଦେହସାରା କ୍ଷତର ଚିହ୍ନ, କପାଳରୁ ବୋହି ଶୁଖିଯାଇଥିବା କଳାରକ୍ତ । ଭୋକଶୋଷ ଆଉ ଅକଥନୀୟ ମାଡ଼ରେ ତାର ଶରୀର ନିସ୍ତେଜ ହୋଇପଡ଼ିଥିଲା ।

ଦିଲ୍ଲୀପ ମଦ ଗ୍ଲାସଟିଏ ଧରି ଆଗରେ ଠିଆ ହୋଇ ତାଚ୍ଛଲ୍ୟ କରି କହିଲା, 'କିଲୋ ଦୁର୍ଗା ! କାହିଁ ତୋ ଭଗବାନ ? ଡାକ୍‌ନା ତୋ ଠାକୁରାଣୀଙ୍କୁ ! ମହାଷ୍ଟମୀର ସନ୍ଧିପୂଜା ସରିବା ମାତ୍ରେ ତୋତେ ଏହି ପାହାଡ଼ ଚୂଳରୁ ତଳ ଖାଇକୁ ଗଡ଼ାଇଦେବି । ତୋ ଶବକୁ ଶାଗୁଣା ଚିଲ ଖାଇବେ !'

ଦୁର୍ଗା ମୁଣ୍ଡ ଟେକିଲା । ଓଠ ଦୁଇଟି ଶୁଖି ଫାଟିଯାଇଥିଲା । କିନ୍ତୁ ଆଖିରେ ଭୟର ଲେଶମାତ୍ର ଚିହ୍ନ ନଥିଲା; ବରଂ ଥିଲା ଏକ ଅଗ୍ନିକୁଣ୍ଡର ଝଲକ୍ । କ୍ଷୀଣ କିନ୍ତୁ ଅକମ୍ପିତ ସ୍ୱରରେ ସେ ଉଚ୍ଚାରଣ କଲା-

'ଯା ଦେବୀ ସର୍ବଭୂତେଷୁ ଶକ୍ତିରୂପେଣ ସଂସ୍ଥିତା... ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋ ନମଃ...'

'ଚୁପ୍ ହୋଇଯା ଦାନବ !'

ରାତି ବାରଟା । ମହାଷ୍ଟମୀ ଓ ମହାନବମୀର ସନ୍ଧିକ୍ଷଣ । ବାହାରେ ଝଡ଼ର ବେଗ ବଢ଼ିଚାଲିଥିଲା । ଘଡ଼ଘଡ଼ିର ଗର୍ଜନ ସାଙ୍ଗକୁ ତଳ ଗାଁ ମନ୍ଦିରରୁ ଭାସିଆସୁଥିଲା କାଂସ୍ୟ-ଘଣ୍ଟର ଦ୍ରୁତ ତାଳ- ଧିନ୍-ତାକ୍-ଧିନ୍... ଧିନ୍-ତାକ୍-ଧିନ୍... ।

ଦିଲ୍ଲୀପ ତାର ଅନ୍ୟ ସହଯୋଗୀଙ୍କ ଉଦ୍ଦେଶ୍ୟରେ ଚିତ୍କାର କରି କହିଲା- 'ଆରେ କାଳିଆ, ରଙ୍ଗା ! ଧର ଯାକୁ, ବାନ୍ଧି କରି ନେଇଚାଲ ଛାତ ଉପରକୁ !' କିନ୍ତୁ ଦୁର୍ଗା ଆଡ଼କୁ ପାଦ ଦେଉ ଦେଉ ସମସ୍ତଙ୍କ ପାଦ ଥମିଗଲା । ଲୁହା ଶିକୁଳିର କଡ଼ା କାନ୍ଥରୁ ଓପାଡ଼ି ହୋଇ ତଳେ ପଡ଼ିଥିଲା । କୋଠରୀର ମଝିରେ ଠିଆ ହୋଇଥିଲା ଦୁର୍ଗା । ବିକ୍ଷିପ୍ତ ମୁକୁଳା କେଶ, ଆଖି ଦୁଇଟି ଅଙ୍ଗାର ଭଳି ଲାଲ୍, କପାଳର ରକ୍ତଧାର ଲାଗୁଥିଲା ଯେମିତି କ୍ରୋଧର ତୃତୀୟ ନୟନ ! ଆଉ ତାର ହାତରେ ଥିଲା ସେହି କୋଠିବାଡ଼ିର ପୁରୁଣା କାନ୍ଥରୁ ଓପାଡ଼ି ଆଣିଥିବା ଗୋଟିଏ ବିରାଟ ଲୁହାର ତୀକ୍ଷ୍ଣ ତ୍ରିଶୂଳ !

'ଆରେ ଏ ଝିଅ ଶିକୁଳି ଛିଣ୍ଡାଇଲା କେମିତି ? ଧର... ଖତମ୍ କର ଯାକୁ !' ଦିଲ୍ଲୀପ ଚିତ୍କାର କଲା ।

ଗୋଟାଏ ଗୁଣ୍ଡା ଭୁଜାଲି ଧରି ଆଗକୁ ଲମ୍ଫ ଦେବା କ୍ଷଣି- ଦୁର୍ଗା ଚଣ୍ଡୀ ପରି ଘୂରିଗଲା । ତ୍ରିଶୂଳର ପଛ ପାଖ ବେଣ୍ଟର ଭୀଷଣ ଚୋଟ ସିଧା ତାର ତଣ୍ଟିରେ ବାଜିଲା । 'ବାପ୍ ରେ !' ବୋଲି ଚିତ୍କାର କରି ସେଇଠି ରକ୍ତ ବାନ୍ତି କରି ଟଳିପଡ଼ିଲା ଗୁଣ୍ଡାଟା ।

ଅନ୍ୟ ଦୁଇଜଣ ଛୁରୀ ଧରି ମାଡ଼ିଆସୁଥିବା ବେଳେ, ଦୁର୍ଗା ସାମ୍ନାରେ ଥିବା ଜଳନ୍ତା ମଶାଲଟିକୁ ଉଠାଇ ସେମାନଙ୍କ ଆଖିମୁହଁକୁ ଫିଙ୍ଗିଦେଲା । ଅଗ୍ନିଶିଖାରେ ଜଳିଉଠି ସେମାନେ ତଳେ ଗଡ଼ିବାକୁ ଲାଗିଲେ । ଚତୁର୍ଥ ଜଣକ ଉପରେ ପଡ଼ିଲା ତ୍ରିଶୂଳର ପ୍ରଚଣ୍ଡ ପ୍ରହାର । ଅନ୍ଧାର କୋଠରୀ ଭିତରେ କେବଳ ଶୁଭୁଥିଲା ମାଡ଼ର ଶବ୍ଦ ଆଉ ଆର୍ତ୍ତନାଦ !

ଦିଲ୍ଲୀପର ନିଶା ଛାଡ଼ିଯାଇଥିଲା । ସେ ଭୟରେ ଥରି ଥରି କୋଠରୀରୁ ବାହାରି ସିଡ଼ି ଦେଇ ଦୌଡ଼ିଲା କୋଠିବାଡ଼ିର ଖୋଲା ଛାତ ଆଡ଼କୁ । ବାହାରେ ମୂଷଳଧାରାରେ ବର୍ଷା, ପବନର ସାଁ-ସାଁ ଗର୍ଜନ । ଛାତର ଧାରରେ ଯାଇ ଦିଲ୍ଲୀପ ଅଟକିଗଲା । ତଳେ ଦୁଇଶହ ଫୁଟ ଗଭୀର ପଥୁରିଆ ଗହ୍ୱର । ପଛକୁ ଫେରି ଦେଖିଲା ବେଳକୁ- ସିଡ଼ି ମୁହଁରୁ ଧୀରେ ଧୀରେ ବାହାରି ଆସୁଛି ଦୁର୍ଗା । ତାର ପ୍ରତିଟି ପଦପାତରେ ଛାତ ଥରୁଥିଲା । ବିଜୁଳିର ଚମକ୍‌ରେ ତ୍ରିଶୂଳର ଅଗ୍ରଭାଗ ବିଷଧର ସାପର ଜିଭ ଭଳି ଚକ୍‌ଚକ୍ କରୁଥିଲା । ଦିଲ୍ଲୀପ ଥରହର ହୋଇ ପକେଟରୁ ରିଭଲଭର କାଢ଼ିବାକୁ ଚେଷ୍ଟା କଲା, କିନ୍ତୁ ଭୟରେ ତାର ହାତରୁ ବନ୍ଧୁକଟା ଖସି ତଳେ ପଡ଼ିଗଲା । ସେ ଦୁଇହାତ ଯୋଡ଼ି ତଳେ ଆଣ୍ଠେଇ ପଡ଼ି ନେହୁରା ହେଉଥିଲା-

'ମୋତେ ତ୍ରାହି କର ଲୋ ମାଆ ! ମୋର ବଡ଼ ଭୁଲ୍ ହେଇଗଲା... ମୁଁ ତୋ ବାପାର ସବୁ ଜମି ଫେରେଇଦେବି... ମୋ ପାଖରେ ଯେତେ ଧନସମ୍ପତ୍ତି ଅଛି ସବୁ ତୋ ଗୋଡ଼ତଳେ ଢାଳିଦେବି... ମୋତେ ଜୀବନଦାନ ଦେ ଦୁର୍ଗା !'

ଦୁର୍ଗାର ଓଠରୁ ବାହାରିଲା ଏକ ଅଲୌକିକ, ଗମ୍ଭୀର ଓ ରୌଦ୍ର ହୁଙ୍କାର- 'ତୋ ଧନସମ୍ପତ୍ତି ତୋ ସାଙ୍ଗରେ ଚିତାକୁ ନେଇଯାରେ ଅସୁର ! ତୁ ଭାବିଥିଲୁ ନାରୀ କେବଳ ସହିବାକୁ ଜନ୍ମ ହୋଇଛି ? ଯେଉଁ ହାତ ସ୍ନେହରେ ଅନ୍ନ ବାଢ଼ିପାରେ, ସେହି ହାତ ଧର୍ମର ରକ୍ଷା ପାଇଁ ଶସ୍ତ୍ର ବି ଧରିପାରେ । ଆଜି ମହାଷ୍ଟମୀର ସନ୍ଧିକ୍ଷଣ... ତୋ ପାପର ଘଟ ପୂରିଯାଇଛି !'

ଦିଲ୍ଲୀପ ତଳୁ ଗୋଟାଏ ଧାରୁଆ ପଥର ଉଠାଇ ଶେଷଥର ପାଇଁ ଝାମ୍ପ ମାରିବାକୁ ଉଦ୍ୟତ ହେଲା- 'ମଲେ ମରିବି, ହେଲେ ତୋତେ ଛାଡ଼ିବିନି !' କିନ୍ତୁ ସେ ଆଗକୁ ବଢ଼ିବା ପୂର୍ବରୁ, ଆକାଶରୁ ଏକ ପ୍ରଚଣ୍ଡ ବଜ୍ରପାତର ଆଲୋକ ସହ ଦୁର୍ଗା ନିଜର ସମଗ୍ର ଶକ୍ତି ଏକାଠି କରି ହାତର ତ୍ରିଶୂଳକୁ ଫିଙ୍ଗିଦେଲା । ତ୍ରିଶୂଳର ତୀକ୍ଷ୍ଣ ଫଳାଟି ସିଧା ଯାଇ ଭେଦିଗଲା ଦିଲ୍ଲୀପର ଛାତି ପଞ୍ଜରା ଭିତରେ !

'ଆଃ... ମା'ଲୋ...' ଏତିକି କହି ରକ୍ତ ଜୁଡୁବୁଡୁ ଦିଲ୍ଲୀପ ଛାତର ଧାରରୁ ଖସିପଡ଼ିଲା ସେହି ଅଥଳ ଅନ୍ଧାର ଖାଇ ଭିତରକୁ । ଗୋଟିଏ ନିର୍ଦ୍ଦୟ ଅସୁରର ଅଧର୍ମ ସାମ୍ରାଜ୍ୟ ସେଇଠି ଧୂଳିସାତ୍ ହୋଇଗଲା ।

ଠିକ୍ ସେତିକିବେଳେ ତଳ ଗାଁ ମନ୍ଦିରରୁ ତୋପ ଫୁଟିଲା- ସନ୍ଧିପୂଜାର ଶେଷ ଆଳତି ସମ୍ପନ୍ନ ହେବାର ସଙ୍କେତ ! ମନ୍ଦିର ଚୂଳରୁ ଶଙ୍ଖଧ୍ୱନି ଭାସିଆସି ପ୍ରକମ୍ପିତ କଲା ସମଗ୍ର ପାହାଡ଼ । ଝଡ଼ବର୍ଷା ଥମିଯାଇଥିଲା । କଳାହାଣ୍ଡିଆ ମେଘ ଚିରି ଆକାଶରେ ଉଇଁ ଆସୁଥିଲା ନିର୍ମଳ ଶରତ ଚନ୍ଦ୍ରମା ।

ପରଦିନ ସକାଳେ ଗାଁ ଦାଣ୍ଡରେ ହୁଳହୁଳି ପଡ଼ିଲା । ପୋଲିସ ଓ ଗାଁ ଲୋକେ ପାହାଡ଼ ତଳୁ ପାପୀ ଦିଲ୍ଲୀପର କ୍ଷତବିକ୍ଷତ ଶବ ଉଦ୍ଧାର କଲେ । ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଖୋଜୁଥିଲେ- ଦୁର୍ଗା କାହିଁ ?

ଦୁର୍ଗା ଥିଲା ଗାଁ ମୁଣ୍ଡ ବୁଢ଼ୀଠାକୁରାଣୀଙ୍କ ମନ୍ଦିର ପ୍ରାଙ୍ଗଣରେ । ମା'ଙ୍କ ସମ୍ମୁଖରେ ନଇଁପଡ଼ି ସେ ନିଜ ରକ୍ତାକ୍ତ ହାତକୁ ଧୋଇ ମାଟିରେ ମୁଣ୍ଡ ଛୁଆଁଇ କାନ୍ଦୁଥିଲା । ବାପାଙ୍କୁ ହରାଇବାର ଅସୀମ କୋହ ଥିଲା ସେ ଲୁହରେ, କିନ୍ତୁ ତା ସହିତ ଥିଲା ପାପ ବିନାଶର ଏକ ପବିତ୍ର ପ୍ରଶାନ୍ତି ।

ଗାଁ ମୁଖିଆ, ମଉସା ମାଉସୀ, ଭାଇ-ଭଉଣୀ ସମସ୍ତେ ଆସି ମନ୍ଦିର ବେଢ଼ାରେ ଠିଆ ହେଲେ । କେହି ଗୋଟିଏ ହେଲେ ପ୍ରଶ୍ନ ପଚାରିଲେନି । ସମସ୍ତଙ୍କ ହାତ ଭକ୍ତିରେ ଆପେ ଆପେ ଯୋଡ଼ି ହୋଇଗଲା । ସମସ୍ତେ ନିର୍ବାକ୍ ହୋଇ ଦେଖୁଥିଲେ- ସାଧାରଣ ଝିଅଟିଏ ଭିତରେ କିପରି ଆବିର୍ଭୂତ ହୋଇଥିଲେ ସ୍ୱୟଂ ଦୁର୍ଗେ ଦୁର୍ଗତିନାଶିନୀ ! ଆଉ ଦୂରରୁ ଭାସିଆସୁଥିଲା- ଅମ୍ବେ, ଜଗଦମ୍ବେ, ଦୁର୍ଗତିନାଶିନୀ ଦୁର୍ଗେ ଗୀତର ଝଙ୍କାର ।

*କଟକ*
*ମୋ-୮୨୪୯୦୨୧୪୨୪*



## 'ଦେବୀ'

**ହେମନ୍ତ କୁମାର ବରାଇ**

ଗୋ ଦେବୀ ! ପାଶାଙ୍କୁଶ ବରାଭୟ ଧାରିଣୀ
କମଳ ଆସନା ଆଦ୍ୟା ଦୁର୍ଗତି ନାଶିନୀ ।।
କୋଟି ବାଳସୂର୍ଯ୍ୟ ଜିଣି ସୁଦୃଶୀ ତ୍ରିନେତ୍ରା
ବ୍ରହ୍ମସ୍ୱରୂପିଣୀ ଦେବୀ ହୃଦୟ ପବିତ୍ରା ।।
ଅରୁଣ ଉଭାସିତା ଝିନ ରକ୍ତ ବସନା
ମୁଦ୍ରିତ ନେତ୍ର ଧ୍ୟାନ ସୌମ୍ୟ ମୂର୍ତ୍ତି ଅର୍ପଣା ।।
ତୋ ଶ୍ରୀଅଙ୍ଗ ଗନ୍ଧପୁଷ୍ପ ସୁଗନ୍ଧ ସମୀର
ବହି କରେ ହୃଦୟେ ପ୍ରଫୁଲ୍ଲତା ବିସ୍ତାର ।।
ତୁମ୍ଭଠୁ ଜାତ ଏ ଜଗତ ଶୂନ୍ୟ ଅଶୂନ୍ୟ
ଆନନ୍ଦ ଅନାନନ୍ଦ ବିଜ୍ଞାନ ଅବିଜ୍ଞାନ ।।
ଆହେ ଦେବୀ ! ଅଗ୍ନିବର୍ଣ୍ଣ ତପେ ପ୍ରଜ୍ୱଳିତା
ଆଦିତ୍ୟ ଉଭାସିତା କର୍ମଫଳ ସେବିତା ।।
ମୁଁ ଯେ ଦରିଦ୍ର ଦେବୀ ପଶୁଛି ତୋ ଶରଣ
ଲୋଡୁନାହିଁ ମୁହିଁ ଦୁରିତ ଦୁଃଖ ମରଣ ।।
ଆଜିର ସଂସାର ଅର୍ଣ୍ଣବକୁ ମୋର ଭୟ
ଉଦ୍ଧାରିବା ହେଉ ମାତା ! ଦେଇ ବରାଭୟ ।।
ତୁମ୍ଭେ ହିଁ ନାଶିବ ମୋ ଅନୁପାତକ ଯେତେ
ଯଦି କେବେ ଘଟିଛି ମୋ ଜ୍ଞାତ ବା ଅଜ୍ଞାତେ ।।
କୋକ ଚାହେଁ ଦିନମଣି ଚାତକ ଯେ ଘନ
ଲୋଡେ ତୁମ୍ଭ ପାଦପଦ୍ମ ମୋ ମରାଳ ମନ ।।
ମୁଗ୍ଧ କଣ୍ଠେ ତୋ ନାମ ଜପିବାର ଫଳ
ନାସ୍ତିକ ମୁଁ ଭାବି କେବେ ନକରି ନିଷ୍ଫଳ ।।
ପୂର୍ବରୁ ଯେ ଶକ୍ତି ପାଇଛନ୍ତି କବିକୁଳ
ମୋ ଲେଖନୀକୁ ତହୁଁ ନ କରିବୁ ଦୁର୍ବଳ ।।
ଭବ ଦୁଃଖାର୍ଣ୍ଣବ ତାରିଣୀ ସେ ଦୁରାଚାର-
ବିଘାତିନୀ ଦେବୀଙ୍କୁ ମୋହର ନମସ୍କାର ।।

*ରୁଷୁଡା, ବରଗଡ*
*ମୋ-୮୯୧୭୫୧୮୭୭୪*



## ଆତଙ୍କର ଉଗ୍ରରୂପ

**ଡଃ ବେଣୁଧର ସୂତାର**

ମାନବ ଜାତିର ଅନ୍ତର ବେଦନା
ନୈରାଶ୍ୟର ଆର୍ତ୍ତନାଦ
ମିଥ୍ୟା ଆଦର୍ଶରେ ଭ୍ରଷ୍ଟ ଏ ସମାଜ
କୁଟିଳ ବୈଷମ୍ୟବାଦ ॥

ବିଳାସ ବାଦର ନଗ୍ନ ଚିତ୍ର ଏଠି
ଅପସଂସ୍କୃତିରେ ମନ
ବିଧ୍ୱଂସ ପଥରେ ସୁସ୍ଥ ଏ ସମାଜ
ନ୍ୟାୟ ଧର୍ମ ସମ୍ବିଧାନ ॥

ନୀତିର ନାମରେ ଚାଲିଛି ଧରାରେ
ବିପୁଳ ଶୋଷଣ କଳା
ବିଶ୍ୱାସର ମୂଳେ ଭରା ବିଷ ଏଠି
ବଢାଏ ଜୀବନ ଜ୍ୱାଳା ॥

ଅର୍ଥ ପିପାସୁ କ୍ଷମତା ପାଗଳ
ତକ୍ଷକ ଗୁପ୍ତ ଘାତି
ରକ୍ତ ଲୋଲୁପୀ ନର ରାକ୍ଷସେ
ସନ୍ତ୍ରାସବାଦରେ ମାତି ॥

ବିବସନା ହୁଏ ଦ୍ରୌପଦୀ ଏଠି
ଧର୍ଷିତା ହୁଅଇ ମାଆ
ଅସତ୍ୟର ଘନ ଅନ୍ଧାର ତଳୁ
ସତ୍ୟ ଖୋଜୁଅଛି ରାହା ॥

ମାଟି ଦୀପ ଠାରୁ ମହାଦ୍ୱୀପ ଯାଏ
ଅଧର୍ମର ପଛୁଆର
ମହା ଶିଖରରୁ ମହୋଦଧି ବ୍ୟାପି
ବେଦନାର ଅନ୍ତଃସ୍ୱର ॥

ମହାପ୍ରଳୟର ଧ୍ୱାନ୍ତ ପଥରେ
ସଂତ୍ରାସବାଦର ବୋମା
ମରଣ ଆତଙ୍କେ ମାନବ ବାଦଟା
ସାଜିଅଛି ଆଜି କୋମା ॥



ଜାଗିଉଠ ଆରେ ସୁପ୍ତ ମାନବ
ଜାଗହେ ଦୁର୍ଜୟ ବୀର
ରାକ୍ଷସ ମାନଙ୍କ ବକ୍ଷ ବିଦାରି
ଛୁଟାଅ ରକ୍ତ ଧାର ॥

ସତେ କି ଜନନୀ ତ୍ରୀଶୂଳ ତୋହର
ବକ୍ଷ ଭେଦିବ ପୁଣି
ଖଣ୍ଡା ଖର୍ପରେ ଦୁଷ୍ଟ ଦନୁଜେ
ଦୁର୍ବାରେ ଯିବୁ ହାଣି ॥



ସାଜ କାତ୍ୟାୟନୀ ଧ୍ୱଂସ କାରିଣୀ
ଦଶ ପ୍ରହରଣ ନେଇ
ଦୁଷ୍ଟ ଆତଙ୍କ ଦର୍ପ ଦଳନେ
ଉଶ୍ୱାସ କର ମା, ମହୀ ॥

ପ୍ରାଚୀ ଲଲାଟରେ ଲଲାମ ଆଭାରେ
ହେଉ ପୁଣ୍ୟ ସୂର୍ଯ୍ୟୋଦୟ
ଦୁସ୍ଥ ମାନବର ଅନ୍ତର ତଳେ
ଭରିଦିଅ ବରାଭୟ ॥

ନିଖିଳ ମାନସେ ବିଶ୍ୱାସର ବିଶ୍ୱେ
ଧର୍ମ କର ସଂସ୍ଥାପନା
ଆସ ମା, ପାବନୀ ସତ୍ୟ ସନାତନୀ
ଘେନ ପୂତ ନିରାଜନା ॥

*କେଶଦୁରାପାଳ, କେନ୍ଦୁଝର*
*ଦୂରଭାଷ-୯୧୭୮୫୬୮୨୪୬*

## ମା'ର ବେଦନା

**ଡ଼ ସୀତାକାନ୍ତ ତ୍ରିପାଠୀ**



ବରଂ ଶୁଣିବାକୁ ମିଳୁ ଶୂନ୍ୟଗର୍ଭାର ଅପନିନ୍ଦା
ଆଉ ନମିଳୁ କେବେ ପ୍ରସବ ବେଦନା,
କିନ୍ତୁ ରତ୍ନଗର୍ଭା ହେଲେ କେବଳ ମିଳିବ ସମୟ ପୂର୍ବରୁ
ଗର୍ଭର ଯନ୍ତ୍ରଣା ଆଉ ସହିବାକୁ ହେବ ଅନେକ ଯାତନା ।
ମା'ପଛେ ମରିଯାଉ କିମ୍ବା ଶଢୁଥାଉ ସେଥିପାଇଁ
ନିଘା ନଥାଏ କାହାର,
ବରଂ ତାର ଗର୍ଭ ଅଣ୍ଡାଳି ଅଣ୍ଡାଳି ଦରାଣ୍ଡନ୍ତି
କାଳେ କିଛି ମିଳିଯିବ ଉପହାର ।
ଏଠି ପୁଣି ଗର୍ଭକୁ ନେଇ ଚାଲେ ମୂଳଚାଲ
ଆଉ ପାପ ପୁଣ୍ୟର ବିଚାର,
କିଏ କହେ ମରିଯିବା ବରଂ ଭଲ
କିନ୍ତୁ ଭୁଲ ଯେତେ ମିଥ୍ୟା ଅଭିସାର ।
ପୁଣ୍ୟାତ୍ମାରୁ ପାପାତ୍ମା ହେବା ଭାରି ସହଜ
କିନ୍ତୁ ସେଥିପାଇଁ ଗର୍ଭର
କ'ଣ ସବୁ ଦୋଷ !
ମିଛିମିଛିକା ସମ୍ପର୍କକୁ ବୁଝିବା ପୂର୍ବରୁ
ନିଜକୁ କରିଦିଏ ଶେଷ,
ମେଣ୍ଟେଇବାକୁ କାହା କାମନାର ଶୋଷ ।
ଶୂନ୍ୟ, ପୁଣ୍ୟ ଓ ପାପ ଗର୍ଭର ବିଚାର
କ'ଣ କେବେ କରିହେବ
ଚର୍ମଚକ୍ଷୁ, ଶୁଣାକଥା ଆଉ କୋଷ୍ଠି ଚକ୍ରରେ,
ବରଂ ବୁଝିବାକୁ ହେବ ମା'ର ବେଦନା ଆଉ ଯିଏ ତାକୁ
ଦେଇଛନ୍ତି ସକଳ ଯାତନା ଆମରି ଦରଦୀ ମନରେ ।

*ତଳଗୋପବିନ୍ଧା, ଅର୍ଣ୍ଣପାଳ, ଭଦ୍ରକ*
*ମୋ-୯୭୭୮୭୬୪୩୯୪*

## ସିଂହବାହିନୀ ମା' ଦୁର୍ଗତି ନାଶିନୀ

**ପ୍ରଶାନ୍ତ କୁମାର ନାୟକ**



ଆଶ୍ୱିନ ମାସର ଶୁକ୍ଳପକ୍ଷେ ଥିବା
ପ୍ରଥମ ନଅଟି ଦିନ,
ନବରାତ୍ରି ରୂପେ ପାଳନ କରନ୍ତି
ସମଗ୍ର ବିଶ୍ୱର ଜନ ।।

ନବଦୁର୍ଗା ବେଶେ ନଅଦିନ ଧରି
ପୂଜା ପାଇଥାନ୍ତି ମାତା,
ନଅ କୁମାରୀଙ୍କୁ ଭୋଜନ କରାନ୍ତି
ଭାରତବର୍ଷ ଜନତା ।।

ଆଦ୍ୟ ଦିବସରେ ଶୈଳପୁତ୍ରୀ ରୂପେ
ମାତା ପୂଜିତା ହୁଅନ୍ତି,
ମୂଳାଧାର ଚକ୍ରେ ଧ୍ୟାନକୁ ରଖିଣ
ସାଧକେ ସାଧନା କରନ୍ତି ।।

ଦ୍ୱିତୀୟ ଦିବସରେ ବ୍ରହ୍ମଚାରିଣୀ
ରୂପରେ ପୂଜା ପାଆନ୍ତି,
ଦକ୍ଷିଣ ହସ୍ତରେ ଜପାମାଳି, ବାମ
ହାତେ କମଣ୍ଡଳୁ ଧରନ୍ତି ।।

ତୃତୀୟ ଦିବସେ ଚନ୍ଦ୍ରଘଣ୍ଟା ରୂପେ
ଆଦିଶକ୍ତି ଶୋଭାପା'ନ୍ତି,
ବ୍ୟାଘ୍ର ବାହିନୀ ମା' ନାନାବିଧ ଅସ୍ତ୍ରେ
ସଜ୍ଜିତ ହୋଇଥାଆନ୍ତି ।।

ଚତୁର୍ଥ ଦିବସେ କୁଷ୍ମାଣ୍ଡା ରୂପରେ
ଅଷ୍ଟଭୂଜା ହୋଇଥା'ନ୍ତି,
କମଣ୍ଡଳୁ ଧନୁ ଅମୃତ କଳସ
ଧାରଣ କରିଥାଆନ୍ତି ।।

ଦିବସ ପଞ୍ଚମେ ସ୍କନ୍ଦମାତା ରୂପେ
ମାତା ଉପାସିତ ହୁଅନ୍ତି,
ସିଂହବାହିନୀ ମା' ପୁତ୍ର ସ୍କନ୍ଦକୁ
କୋଳରେ ବସାଇଥା'ନ୍ତି ।।

ଷଷ୍ଠ ଦିବସରେ କାତ୍ୟାୟନୀ ରୂପେ
ମାତା ଅବତୀର୍ଣ୍ଣ ହୁଅନ୍ତି,
ବିବାହ ଯାହାର ହୋଇପାରେ ନାହିଁ
ତାଙ୍କୁ ଆଶୀର୍ବାଦ କରନ୍ତି ।।

କାଳରାତ୍ରୀ ରୂପେ ସପ୍ତମ ଦିନରେ
ବିକଟାଳ ରୂପ ନିଅନ୍ତି,
ଗଧ ପରେ ବସି ତ୍ରିନେତ୍ର ଧାରିଣୀ
ଖଡ୍ଗ ଧାରଣ କରନ୍ତି ।।

ଅଷ୍ଟମ ଦିବସେ ମହାଗୌରୀ ରୂପେ
ସୌମ୍ୟ ରୂପ ନେଇଥା'ନ୍ତି,
ଚତୁର୍ଭୁଜା ଦେବୀ ବୃଷଭ ବାହିନୀ
ତ୍ରିଶୂଳ ଧାରଣ କରନ୍ତି ।।

ସିଦ୍ଧିଦାତ୍ରୀ ବେଶ ନବମ ଦିବସେ
ଦେବୀ ମା' ପାଆନ୍ତି,
ଶଙ୍ଖ ଚକ୍ର ଗଦା ପଦ୍ମ ଧରି ହସ୍ତେ
ପଦ୍ମାସୀନ ହୋଇଥା'ନ୍ତି ।।

*ୟୁନିଟ୍-୦୫, ଭୁବନେଶ୍ୱର*
*ଫୋନ-୮୨୪୯୬୫୦୪୧୪*

## ହେ ଈଶ୍ୱର

**ଚିତ୍ତରଞ୍ଜନ ପୃଷ୍ଟି**

ହେ ଈଶ୍ୱର !
କୁହ ଆଜି ତୁମେ କେଉଁ ଧର୍ମର ?
ତୁମକୁ ନେଇ ଭାଗ ଆଜି ସଂସାର
ମଣିଷ ଭିତରେ ଚାଲେ ଆଜି ସମର
ଧର୍ମନାମେ ଚାଲେ ଅନ୍ୟାୟ ଅତ୍ୟାଚାର ।

ହେ ଈଶ୍ୱର !
ତୁମେପରା ସତ୍ୟ ଶିବ ସୁନ୍ଦର
ଆଜି କାହିଁ ସାଜ ନିଶ୍ଚଳ ଅବତାର
ଶୁଭୁନାହିଁ ତୁମକୁ କରୁଣ ଚିତ୍କାର
ତୁମେ ଭାଗ୍ୟ ବିଧାତା ପ୍ରତିଟି ଆତ୍ମାର ।

ହେ ଈଶ୍ୱର !
ତୁମେ ସାଥି ସୁଖର ନା ଦୁଃଖର ?
ଦିଅତୁମେ ମୋ ପ୍ରଶ୍ନର ଉତ୍ତର
ଡାକ ଶୁଭୁନାହିଁ ପାଲଟିଲକି ପଥର
କେଉଁଠି ଅଛ ଗୀର୍ଜା, ମସଜିଦ ନା ମନ୍ଦିର ?

ହେ ଈଶ୍ୱର !
ଦୟା, କ୍ଷମା, ଶାନ୍ତିର ନାହିଁ ବିଚାର
କାମ, କ୍ରୋଧ, ଲୋଭରେ ବନ୍ଧା ଏ ସଂସାର
ଏଠି ମଣିଷ ଶତ୍ରୁ ସାଜେ ନିଜ ଜାତିର
କୁହ କିଏ ତୁମର ତୁମେ କାହାର ?

ହେ ଈଶ୍ୱର !
ଧରାରେ ତାଣ୍ଡବ ଚାଲେ ଆଜି ମୃତ୍ୟୁର
ମର୍ତ୍ତ୍ୟଭୁବନ ପାଲଟେ ଯମପୁର
ତୁମେ ଅଧୀଶ୍ୱର ଅୟୁତ ଯୁଗର
ସଭିଙ୍କୁ ସକଳ ବିପଦୁ ଉଦ୍ଧାର ।

ହେ ଈଶ୍ୱର !
ସକଳ ସୃଷ୍ଟିର ତୁମେହିଁ ଆଧାର
ତୁମବିନା ନାହିଁ ଅସ୍ତିତ୍ୱ କାହାର
ତୁମେହିଁ ନିୟନ୍ତା ବିଶ୍ୱ ବ୍ରହ୍ମାଣ୍ଡର
ତୁମରି ସୃଷ୍ଟିକୁ ତୁମେ ରକ୍ଷାକର ।

*ନିମାପଡା, ପୁରୀ*
*ମୋ-୯୭୭୮୧୭୭୫୦୧*

32 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧୭ ଅକ୍ଟୋବର, ଶନିବାର, ୨୦୨୬



# ଏସିଆନ୍ ଗେମ୍ସର ପଦକ ବିଜେତାଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ**

ନୂଆଦିଲ୍ଲୀସ୍ଥିତ ମେଜର ଧ୍ୟାନଚାନ୍ଦ ଷ୍ଟାଡିୟମରେ ପ୍ରଧାନମନ୍ତ୍ରୀ ମୋଦୀ ଏସିଆନ୍ ଗେମ୍ସ ୨୦୨୬ର ପଦକ ବିଜେତା ଭାରତୀୟ ଖେଳାଳି ମାନଙ୍କୁ ଭେଟିଛନ୍ତି। ଏହି ଅବସରରେ ଭାରତୀୟ ହକି ଦଳ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ 'ହକି ଷ୍ଟିକ୍' ଏବଂ 'ଜର୍ସି' ଉପହାର ସ୍ୱରୂପ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡଭିୟ, କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡ଼ା ରାଜ୍ୟ ମନ୍ତ୍ରୀ ରକ୍ଷା ଖଡ଼ସେ ଏବଂ ଭାରତୀୟ ଅଲିମ୍ପିକ୍ ସଂଘର ସଭାପତି ପି.ଟି. ଉଷା ମଧ୍ୟ ଉପସ୍ଥିତ ଥିଲେ।



ପ୍ରଧାନମନ୍ତ୍ରୀ ମୋଦୀ ଜାପାନର ଆଇଚି-ନାଗୋୟାରେ ଆୟୋଜିତ ଏସିଆନ୍ ଗେମ୍ସ ୨୦୨୬ରେ ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ କ୍ରିକେଟ୍ ଦଳକୁ ମଧ୍ୟ ଭେଟିଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଭାରତୀୟ କୁସ୍ତିଯୋଦ୍ଧା, ତୀରନ୍ଦାଜଙ୍କ ସମେତ ଅନ୍ୟ ପଦକ ବିଜେତା ଏବଂ ସେମାନଙ୍କ ସହଯୋଗୀ ଷ୍ଟାଫଙ୍କୁ ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି।

ଭାରତ ଏସିଆନ୍ ଗେମ୍ସ ୨୦୨୬ରେ ୨୧ଟି ସ୍ୱର୍ଣ୍ଣ, ୨୭ଟି ରୌପ୍ୟ ଓ ୩୭ଟି ବ୍ରୋଞ୍ଜ ପଦକ ସହ ମୋଟ ୮୫ଟି ପଦକ ଜିତି ଚତୁର୍ଥ ସ୍ଥାନ ହାସଲ କରିଛି। ମେଡାଲ୍ ତାଲିକାରେ ଚୀନ୍ ୩୪୧ଟି ପଦକ ସହ ଶୀର୍ଷରେ ରହିଥିବା ବେଳେ ଜାପାନ ୨୬୦ଟି ପଦକ ସହ ଦ୍ୱିତୀୟ ଏବଂ ଦକ୍ଷିଣ କୋରିଆ ୧୫୦ଟି ପଦକ ସହ ତୃତୀୟ ସ୍ଥାନରେ ରହିଛି।

ଏସିଆନ୍ ଗେମ୍ସ ୨୦୨୬ରେ ଭାରତୀୟ ପୁରୁଷ ଓ ମହିଳା କ୍ରିକେଟ୍ ଦଳ ସ୍ୱର୍ଣ୍ଣ ପଦକ ନିଜ ନାମରେ କରିଥିବା ବେଳେ, ପୁରୁଷ ଓ ମହିଳା ହକି ଦଳ ମଧ୍ୟ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଭାରତର ପୁରୁଷ ଓ ମହିଳା କବାଡ଼ି ଦଳ ମଧ୍ୟ ଦେଶ ପାଇଁ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଭାରତ ସଫ୍ଟ ଟେନିସ୍ ଏବଂ ମିକ୍ସଡ୍ ମାର୍ଶାଲ୍ ଆର୍ଟସ୍ ଭଳି ନୂଆ ଖେଳଗୁଡ଼ିକରେ ପ୍ରଥମ ଥର ପାଇଁ ପଦକ ଜିତି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ସୁଟିଂରେ ମହିଳା ଟ୍ରାପ୍ ଇଭେଣ୍ଟର ପ୍ରଥମ ସ୍ୱର୍ଣ୍ଣ ପଦକ ମଧ୍ୟ ଭାରତ ଖାତାକୁ ଆସିଛି, ଯାହା ଏକ ବଡ଼ ସଫଳତା ଥିଲା।

ସେହିପରି ୱେଟ୍‌ଲିଫ୍ଟିଂରେ ଭାରତୀୟ ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରି ୨୮ ବର୍ଷ ପରେ ଏସିଆନ୍ ଗେମ୍ସରେ ରୌପ୍ୟ ପଦକ ଜିତିଛନ୍ତି। ଗ୍ରୀକୋ-ରୋମାନ୍ କୁସ୍ତିରେ ଭାରତ ୬୪ ବର୍ଷର ଅପେକ୍ଷାର ଅନ୍ତ ଘଟାଇଛି, ଯେତେବେଳେ ଜଣେ ଭାରତୀୟ କୁସ୍ତିଯୋଦ୍ଧା ରୌପ୍ୟ ପଦକ ଜିତି ଫାଇନାଲ୍ ପର୍ଯ୍ୟନ୍ତ ଯାତ୍ରା କରିଥିଲେ। ଏହି ସବୁ ସଫଳତାରୁ ସ୍ପଷ୍ଟ ଜଣାପଡୁଛି ଯେ ଭାରତ ବର୍ତ୍ତମାନ କେବଳ ପାରମ୍ପରିକ ଖେଳରେ ନୁହେଁ, ବରଂ ନୂଆ ନୂଆ ଖେଳରେ ମଧ୍ୟ କ୍ରମାଗତ ଭାବେ ଆଗକୁ ବଢୁଛି ଏବଂ ଏସୀୟ ସ୍ତରରେ ନିଜର ଏକ ଶକ୍ତ ଛାପ ଛାଡ଼ିବାରେ ସଫଳ ହେଉଛି।

ପ୍ରତିଥର ଭଳି ଏଥର ମଧ୍ୟ ଖେଳାଳିମାନେ ନିଜ ତରଫରୁ ପ୍ରଧାନମନ୍ତ୍ରୀଙ୍କୁ କିଛି ବିଶେଷ ଉପହାର ଦେଇଛନ୍ତି। ପ୍ରଥମ ଥର ପାଇଁ ଏକାଠି ସ୍ୱର୍ଣ୍ଣ ପଦକ ଜିତିଥିବା ଭାରତୀୟ ପୁରୁଷ ଏବଂ ମହିଳା ହକି ଦଳ ସମସ୍ତ ଖେଳାଳିଙ୍କ ଦସ୍ତଖତ ଥିବା ଷ୍ଟିକ୍ ଏବଂ ଜର୍ସି ପ୍ରଧାନମନ୍ତ୍ରୀଙ୍କୁ ଭେଟି ଦେଇଛନ୍ତି। ସେହିପରି ଲଗାତାର ଦ୍ୱିତୀୟ ଥର ପାଇଁ ସ୍ୱର୍ଣ୍ଣ ଜିତିଥିବା ପୁରୁଷ ଓ ମହିଳା କ୍ରିକେଟ୍ ଦଳ ମଧ୍ୟ ଜର୍ସି ଉପହାର ସ୍ୱରୂପ ଦେଇଛନ୍ତି। ଆର୍ଚେରୀରେ ଦୁଇଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତି ଇତିହାସ ରଚିଥିବା ୧୭ ବର୍ଷୀୟା ସୁପରଷ୍ଟାର ତୀରନ୍ଦାଜ କୁମକୁମ ମୋହୋଦ ତୀର ଓ ଧନୁ, ସେହିପରି ଗୋଲ୍ଫରେ ପ୍ରଥମ ଥର ପାଇଁ ସ୍ୱର୍ଣ୍ଣ ଜିତାଇଥିବା ପ୍ରଣବୀ ଉର୍ସ ଗୋଲ୍ଫ ବଲ୍ ଏବଂ ଗ୍ଲୋଭ୍ସକୁ ଫ୍ରେମ୍ କରି ପ୍ରଧାନମନ୍ତ୍ରୀଙ୍କୁ ଉପହାର ଦେଇଛନ୍ତି।

## କମାଲ୍ କଲେ ବୀରେନ୍ଦ୍ର ସେହ୍ୱାଗଙ୍କ ପୁଅ କେବଳ ଚୌକାରେ କଲେ ଶତକ

**ନୂଆଦିଲ୍ଲୀ**



ଭାରତର ପୂର୍ବତନ ବିସ୍ଫୋରକ ଓପନର ବୀରେନ୍ଦ୍ର ସେହ୍ୱାଗଙ୍କ ପୁଅ ଆର୍ଯ୍ୟବୀର ନିଜ ବ୍ୟାଟିଂକୁ ନେଇ ପୁଣି ଚର୍ଚ୍ଚାକୁ ଆସିଛନ୍ତି। ବିନୁ ମଙ୍କଡ ଟ୍ରଫିର ଏକ ଏଲିଟ ମ୍ୟାଚ୍‌ରେ ଚଣ୍ଡିଗଡ଼ ୟୁ-୧୯ ଦଳ ବିପକ୍ଷରେ ସେ ୧୪୩ଟି ବଲ୍‌ରୁ ୧୭୩ ରନ୍ ଦମ୍‌ଦାର ଇନିଂସ ଖେଳିଛନ୍ତି। ତାଙ୍କ ଏହି ଆକ୍ରମଣାତ୍ମକ ବ୍ୟାଟିଂ ବଳରେ ଦିଲ୍ଲୀ ୟୁ-୧୯ ଦଳ ୫୦ ଓଭରରେ ୬ ଉଇକେଟ ହରାଇ ୨୮୯ ରନ ସଂଗ୍ରହ କରିଛି। ଆର୍ଯ୍ୟବୀର ଏହି ଟୁର୍ନାମେଣ୍ଟରେ ଦିଲ୍ଲୀ ୟୁ-୧୯ ଦଳର ଅଧିନାୟକ ମଧ୍ୟ ଅଛନ୍ତି।

ଚଣ୍ଡିଗଡ଼ ବିପକ୍ଷ ମ୍ୟାଚ୍‌ରେ ଦିଲ୍ଲୀର ଆରମ୍ଭ ଭଲ ରହିଥିଲା। ଆର୍ଯ୍ୟବୀର ଓ ଆର୍ଯ୍ୟନ ବଗ୍ଗା ପ୍ରଥମ ଉଇକେଟ ପାଇଁ ୯୮ ରନ ଯୋଡ଼ିଥିଲେ। ବଗ୍ଗା ୩୯ଟି ବଲ୍‌ରୁ ୪୭ ରନ କରି ଆଉଟ ହୋଇଥିଲେ। ଅନ୍ୟପଟେ ଆର୍ଯ୍ୟବୀର ଚଣ୍ଡିଗଡ଼ ବୋଲରଙ୍କୁ ଚାପରେ ରଖିଥିଲେ। ସେ ୧୪୩ଟି ବଲ୍‌ର ସାମ୍ନା କରି ୧୭୩ ରନ କରିଥିଲେ। ତାଙ୍କ ଇନିଂସ୍‌ରେ ଥିଲା ୧୯ଟି ଚୌକା ଓ ୮ଟି ଛକା। ଅର୍ଥାତ୍ କେବଳ ଚୌକାରୁ ସେ ୧୨୪ ରନ ହାସଲ କରିଥିଲେ। ଏହି ପାଳିରେ ତାଙ୍କ ଷ୍ଟ୍ରାଇକ ରେଟ ପ୍ରାୟ ୧୨୧.୦ ରହିଥିଲା।

ଆର୍ଯ୍ୟବୀରଙ୍କ ବ୍ୟତୀତ ଦିଲ୍ଲୀର ଅନ୍ୟ ବ୍ୟାଟରମାନେ ବଡ଼ ସ୍କୋର କରିବାରେ ବିଫଳ ହୋଇଥିଲେ। ଶ୍ରୀହନ ଆହୁଜା ୩ ରନ, ଉଇକେଟ୍‌କିପର ଅଭିରାଜ ଗଗନ ସିଂହ ୧୮ ରନ ଏବଂ ଉଦୟ ଚାୱଲା ୭ ରନ କରିଥିଲେ।

ଚଣ୍ଡିଗଡ଼ ପକ୍ଷରୁ ରୁପେଶ ଯାଦବ ସବୁଠାରୁ ସଫଳ ବୋଲର ଥିଲେ। ସେ ୧୦ ଓଭରରେ ୪୨ ରନ ଦେଇ ୨ଟି ଉଇକେଟ ନେଇଥିଲେ ଏବଂ ଏଥିରେ ୨ଟି ମେଡେନ ଓଭର ମଧ୍ୟ ସାମିଲ ଥିଲା। ଶ୍ରେଷ୍ଠ ଦୁଗ୍ଗଲ, ଗଗନପ୍ରୀତ ସିଂହ ଓ ଅଭୟ ସିଂହ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ।

## ଆଜି ପଞ୍ଚମ ଟି-୨୦

# ଟିମ୍ ଇଣ୍ଡିଆକୁ ଫେରିଲେ ଭୁବନେଶ୍ୱର କୁମାର

**ନୂଆଦିଲ୍ଲୀ**

ଭାରତ ଏବଂ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଚାଲିଥିବା ଟି୨୦ ସିରିଜ୍‌ର ଶେଷ ମ୍ୟାଚ୍ ପାଇଁ ଭୁବନେଶ୍ୱର କୁମାରଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଛି। ସେ ନିଜ ଆଇପିଏଲ୍ ଦଳର ଘରୋଇ ଗ୍ରାଉଣ୍ଡରେ ପ୍ରାୟ ୪ ବର୍ଷ ପରେ ଟିମ୍ ଇଣ୍ଡିଆ ପାଇଁ ପ୍ରତ୍ୟାବର୍ତ୍ତନ କରିପାରନ୍ତି। ଅର୍ଶଦୀପ ସିଂ ଆହତ ହେବା ପରେ ଭୁବନେଶ୍ୱରଙ୍କୁ ଭାରତୀୟ ଦଳରେ ସ୍ଥାନ ମିଳିଛି। ଏହାପୂର୍ବରୁ ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ସିରିଜ୍ ପାଇଁ ତାଙ୍କୁ ଦଳରେ ଚୟନ କରାଯାଇଥିଲା। ତେବେ ଏହି ସିରିଜ୍ ପୂର୍ବରୁ ହିଁ ସେ ଭାରତ ପାଇଁ ଖେଳୁଥିବାର ନଜର ଆସିପାରନ୍ତି।

ଅର୍ଶଦୀପ ସିଂ ଭାରତୀୟ ଟି୨୦ ଦଳର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲର। ସେ ଏହି ଫର୍ମାଟରେ ଦେଶ ପାଇଁ ସର୍ବାଧିକ ୱିକେଟ୍ ନେଇଥିବା ବୋଲର ମଧ୍ୟ ଅଟନ୍ତି। ଅର୍ଶଦୀପ ଆହତ ହେବା ପରେ ଦଳରେ ଜଣେ ଅଭିଜ୍ଞ ବୋଲରଙ୍କ ଆବଶ୍ୟକତା ଥିଲା ଏବଂ ଭୁବନେଶ୍ୱର ଏଥିପାଇଁ ଏକ ସବୁଠୁ ଭଲ ବିକଳ୍ପ ଥିଲେ।

ଆଇପିଏଲରେ ଭୁବନେଶ୍ୱର କୁମାର ଦୀର୍ଘ



ସମୟ ଧରି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପାଇଁ ଖେଳି ଆସୁଛନ୍ତି। ଏଭଳି ପରିସ୍ଥିତିରେ ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ୍ ତାଙ୍କର ହୋମ୍ ଗ୍ରାଉଣ୍ଡ ପାଲଟିଛି। ଏହି ଷ୍ଟାଡିୟମରେ ଚମତ୍କାର ପ୍ରଦର୍ଶନ କରି ସେ ଟିମ୍ ଇଣ୍ଡିଆକୁ ପ୍ରତ୍ୟାବର୍ତ୍ତନ କରିବାର ରାସ୍ତା ପ୍ରସ୍ତୁତ କରିଥିଲେ। ବର୍ତ୍ତମାନ ଏହି ଷ୍ଟାଡିୟମରେ ପ୍ରାୟ ୪ ବର୍ଷ ପରେ ଭାରତ ପାଇଁ ଖେଳି ସେ କମାଲ କରିପାରନ୍ତି। ଯଦି ଭୁବନେଶ୍ୱର କୁମାର ଏହି ମ୍ୟାଚ୍‌ରେ ଦେଶକୁ ଜିତାଇବାରେ ସହଯୋଗ କରନ୍ତି, ତେବେ ଭାରତ ମଧ୍ୟ ସିରିଜ୍ ଜିତି ପାରିବ। ଭୁବନେଶ୍ୱରଙ୍କୁ ଭାରତୀୟ ଦଳରେ ସାମିଲ କରାଯିବା ନେଇ ସୂଚନା ଦେଇ ବିସିସିଆଇ କହିଛି ଯେ, ମେନ୍ସ ସିଲେକ୍ସନ କମିଟି ୱେଷ୍ଟଇଣ୍ଡିଜ୍ ବିପକ୍ଷ ପଞ୍ଚମ ଟି୨୦ ମ୍ୟାଚ୍ ପାଇଁ ଭୁବନେଶ୍ୱର କୁମାରଙ୍କୁ ଟିମ୍ ଇଣ୍ଡିଆରେ ସାମିଲ କରିଛି। ଏହି ସିରିଜ୍‌ର ଶେଷ ମ୍ୟାଚ୍ ୧୭ ଅକ୍ଟୋବର ୨୦୨୬ରେ ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବ। ବୁଧବାର ହାଇଦ୍ରାବାଦରେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ସିରିଜ୍‌ର ଚତୁର୍ଥ ଟି୨୦ ମ୍ୟାଚ୍ ସମୟରେ ଅର୍ଶଦୀପ ସିଂଙ୍କ ବୋଲିଂ କାନ୍ଧରେ ଆଘାତ ଲାଗିଥିଲା। ଶେଷ ଟି୨୦ ମ୍ୟାଚ୍‌ରେ ସେ ଖେଳିବେ କି ନାହିଁ, ସେ ନେଇ ନିଷ୍ପତ୍ତି ମ୍ୟାଚ୍ ପୂର୍ବରୁ ତାଙ୍କର ରିକଭରି ଆଧାରରେ ନିଆଯିବ।

ପଞ୍ଚମ ଟି୨୦ ପାଇଁ ଭାରତୀୟ ଦଳ : ଶ୍ରେୟସ ଆୟର (ଅଧିନାୟକ), ଅଭିଷେକ ଶର୍ମା, ବୈଭବ ସୂର୍ଯ୍ୟବଂଶୀ, ଇଶାନ କିଶନ (ୱିକେଟ୍ କିପର), ସଞ୍ଜୁ ସାମସନ (ୱିକେଟ୍ କିପର), ତିଲକ ବର୍ମା (ଉପ-ଅଧିନାୟକ), ଶିବମ ଦୁବେ, କୁଲଦୀପ ଯାଦବ, ଅକ୍ଷର ପଟେଲ, ରବି ବିଷ୍ଣୋଇ, ନୀତିଶ କୁମାର ରେଡ୍ଡୀ, ଅର୍ଶଦୀପ ସିଂ, ପ୍ରିନ୍ସ ଯାଦବ, ମୟଙ୍କ ଯାଦବ, ନମନ ଧୀର, ଭୁବନେଶ୍ୱର କୁମାର।

## ଏଫ୍‌ଆଇଏଚ୍ ପ୍ରୋ ଲିଗ୍ : ଫେବୃୟାରୀରେ ହେବ ଭାରତର ଘରୋଇ ମ୍ୟାଚ୍

**ଭୁବନେଶ୍ୱର**



ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ୨୦୨୬-୨୭ ସୂଚୀ ଶୁକ୍ରବାର ଘୋଷିତ ହୋଇଛି। ଭାରତର ଉଭୟ ପୁରୁଷ ଓ ମହିଳା ଦଳ ନିଜ ନିଜର ଘରୋଇ ମ୍ୟାଚ୍ ଆସନ୍ତା ବର୍ଷ ଫେବୃୟାରୀରେ ଖେଳିବେ। ମହିଳା ଦଳ ତା'ର ଘରୋଇ ପର୍ଯ୍ୟାୟ ଫେବୃୟାରୀ ୨୩ରୁ ୨୮ ଏବଂ ପୁରୁଷ ଦଳର ଫେବୃୟାରୀ ୧୩ରୁ ୨୮ ପର୍ଯ୍ୟନ୍ତ ଖେଳିବ। ଭାରତର ଘରୋଇ ପର୍ଯ୍ୟାୟ ତାରିଖ ଘୋଷଣା ହୋଇଥିଲେ ମଧ୍ୟ ସ୍ଥାନ ନିଶ୍ଚିତ ହୋଇନି। ଭାରତ ଏହି ଘରୋଇ ପର୍ଯ୍ୟାୟରେ ଜର୍ମାନୀ, ଆର୍ଜେଣ୍ଟିନା, ଗ୍ରେଟ୍‌ବ୍ରିଟେନ୍, ସ୍ପେନ୍ ବିପକ୍ଷରେ ଖେଳିବ। ସେହିପରି ମହିଳା ଦଳ କେବଳ ଗ୍ରେଟ୍‌ବ୍ରିଟେନ୍ ଓ ସ୍ପେନ୍ ବିପକ୍ଷରେ ଖେଳିବ। ନିକଟରେ ଭାରତୀୟ ପୁରୁଷ ହକି ଦଳ ହରମନ୍‌ପ୍ରୀତ ସିଂହ ନେତୃତ୍ୱରେ ଲଗାତାର ଦ୍ୱିତୀୟ ଲାଗି ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ଜିତି ଇତିହାସ ରଚିଥିଲା। ମହିଳା ଦଳ ଫାଇନାଲ୍‌ରେ ଗତ ସଂସ୍କରଣ ବିଜେତା ଚୀନ୍‌କୁ ୧-୦ରେ ହରାଇ ୪୪ ବର୍ଷ ପରେ ପ୍ରଥମ ଥର ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ଜିତିବାର ଗୌରବ ଅର୍ଜନ କରିଥିଲା। ଏସୀୟ ସ୍ୱର୍ଣ୍ଣ ସହ ଭାରତର ଉଭୟ ଦଳ ୨୦୨୮ ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସ ଲାଗି ଯୋଗ୍ୟତା ମଧ୍ୟ ଅର୍ଜନ କରିଥିଲେ।

# ଟେନିସ ମ୍ୟାଚ୍ ଫିକ୍ସିଂ : ୨୦୫୦ ମସିହା ପର୍ଯ୍ୟନ୍ତ ବ୍ୟାନ୍ ହେଲେ ଷ୍ଟିଫନ ମିଲିସେଭିଚ୍

**ନୂଆଦିଲ୍ଲୀ**

ଖେଳ ଜଗତ ପୁଣିଥରେ ନିନ୍ଦିତ ହୋଇଛି। ଟେନିସ ଖେଳାଳି ଷ୍ଟିଫନ ମିଲିସେଭିଚ୍‌ଙ୍କୁ ୨୦୫୦ ମସିହା ପର୍ଯ୍ୟନ୍ତ ବ୍ୟାନ୍ କରାଯାଇଛି। ତାଙ୍କ ବିରୋଧରେ ମ୍ୟାଚ୍ ଫିକ୍ସିଂର ଗମ୍ଭୀର ଅଭିଯୋଗ ଆସିଛି। ଏହା ସହିତ ଅନ୍ୟ ଖେଳାଳିମାନଙ୍କୁ ଦୁର୍ନୀତିଗ୍ରସ୍ତ ନେଟୱର୍କରେ ସାମିଲ କରିବା ପାଇଁ ଚେଷ୍ଟା କରିଥିବା ମଧ୍ୟ ଅଭିଯୋଗ ହୋଇଛି। ଇଣ୍ଟରନ୍ୟାସନାଲ ଟେନିସ ଇଣ୍ଟେଗ୍ରିଟି ଏଜେନ୍ସି (ଆଇଟିଆଇଏ) ଏକ ବୟାନ ଜାରି କରି କହିଛି ଯେ ଷ୍ଟିଫନଙ୍କ ଉପରେ ୨୪ ବର୍ଷର କଟକଣା ଏବଂ ଏହା ସହିତ ୭୦ ହଜାର ୟୁଏସ୍ ଡଲାରର ଜରିମାନା ମଧ୍ୟ ଲଗାଯାଇଛି।

ଷ୍ଟିଫନ ମିଲିସେଭିଚ୍‌ଙ୍କ ବିରୋଧରେ ଅଭିଯୋଗ ରହିଛି ଯେ ସେ ୬ଟି ମ୍ୟାଚ୍ ଫିକ୍ସ କରିଥିଲେ, ଯେଉଁଥିରୁ ୫ଟିରେ ସେ ନିଜେ ଖେଳିଥିଲେ। ୨୦୨୨-୨୦୨୪ ମଧ୍ୟରେ ସେ ଆହୁରି ୬ଟି ମ୍ୟାଚ୍ ଫିକ୍ସ କରିବାକୁ ଯାଉଥିଲେ। ମିଲିସେଭିଚ୍ ଅଗଷ୍ଟ ୨୦୧୩ରେ ନିଜ କ୍ୟାରିୟରର ସର୍ବଶ୍ରେଷ୍ଠ ର୍‍ୟାଙ୍କିଂ (୧୩୩୮)ରେ ପହଞ୍ଚିଥିଲେ। ତାଙ୍କ ବିରୋଧରେ ଅନ୍ୟ ଖେଳାଳିମାନଙ୍କୁ ମ୍ୟାଚ୍ ଫିକ୍ସିଂ



ନେଟୱର୍କ ସହ ଯୋଡ଼ିବାକୁ ଚେଷ୍ଟା କରିଥିବାର ଅଭିଯୋଗ ମଧ୍ୟ ରହିଛି।

୨୦୨୬ରେ ଆଇଟିଆଇଏ ଏହି ମାମଲାର ଯାଞ୍ଚ କରିଥିଲା। କିନ୍ତୁ ମିଲିସେଭିଚ୍ ଆଇଟିଆଇଏ ତରଫରୁ ୭ ଥର ଡକାଯିବା ସତ୍ତ୍ୱେ ସେ ଏହି ଯାଞ୍ଚରେ ଭାଗ ନେଇନଥିଲେ କିମ୍ବା କୌଣସି ସହଯୋଗ କରିନଥିଲେ। ସେପ୍ଟେମ୍ବର ୨୪ ତାରିଖରେ ଯାଞ୍ଚ ଶେଷ ହେବା ପରେ ଉକ୍ତ ଟେନିସ ଖେଳାଳିଙ୍କୁ ଏକ ଗମ୍ଭୀର ଅପରାଧ ମାମଲାରେ ନୋଟିସ୍ ପଠାଯାଇଥିଲା। ମିଲିସେଭିଚ୍ ଏହାର କୌଣସି ଜବାବ ଦେଇନଥିଲେ। ଏହାପରେ ନିୟମ ଅନୁଯାୟୀ ଆଇଟିଆଇଏ ଖେଳାଳିଙ୍କ ଉପରେ ୨୪ ବର୍ଷର ପ୍ରତିବନ୍ଧକ ଲଗାଇଛି।

୨୯ ବର୍ଷୀୟ ଷ୍ଟିଫନ ମିଲିସେଭିଚ୍ ବର୍ତ୍ତମାନ ୨୦୫୦ ମସିହା ପର୍ଯ୍ୟନ୍ତ କୌଣସି ପ୍ରୋଫେସନାଲ୍ ଟେନିସ ଖେଳିପାରିବେ ନାହିଁ। ଏହା ସହିତ ତାଙ୍କୁ ୭୦ ହଜାର ଡଲାରର ଜରିମାନା ମଧ୍ୟ ଦେବାକୁ ପଡ଼ିବ। ଏହି ପ୍ରତିବନ୍ଧକ ୯ ଅକ୍ଟୋବର ୨୦୨୬ରୁ କାର୍ଯ୍ୟକାରୀ ହୋଇଛି ଏବଂ ଅକ୍ଟୋବର ୨୦୫୦ ପର୍ଯ୍ୟନ୍ତ ବଳବତ୍ତର ରହିବ। ଷ୍ଟିଫନ ବର୍ତ୍ତମାନ ନା ତ ଟେନିସ୍ ଖେଳିପାରିବେ, ନା କୋଚିଂ ଦେଇପାରିବେ। ଏହାବ୍ୟତୀତ ସେ ଏଟିପି, ଡବ୍ଲ୍ୟୁଏ ସମେତ କୌଣସି ମଧ୍ୟ ଜାତୀୟ ଟେନିସ ଆସୋସିଏସନ୍ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମଧ୍ୟ ସେ ଭାଗ ନେଇପାରିବେ ନାହିଁ।

ତାଙ୍କ ପୂର୍ବରୁ ଫ୍ରାନ୍ସର କ୍ୱେଣ୍ଟିନ ଫୋଲିୟଟ୍ ମଧ୍ୟ ଏହିଭଳି ଦଣ୍ଡ ଭୋଗୁଛନ୍ତି। ତାଙ୍କୁ ମଧ୍ୟ ମ୍ୟାଚ୍ ଫିକ୍ସିଂରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ଯାହାପରେ ଡିସେମ୍ବର ୨୦୨୫ ରେ ତାଙ୍କ ଉପରେ ୨୦ ବର୍ଷର କଟକଣା ଲଗାଯାଇଥିଲା। ଫୋଲିୟଟ୍ ଟେନିସ ଖେଳରେ ବେଶ୍ ଭଲ ନାମ କମାଇଥିଲେ ଏବଂ ବର୍ଷ ୨୦୨୨ରେ ନିଜ କ୍ୟାରିୟରର ସର୍ବଶ୍ରେଷ୍ଠ ର୍‍ୟାଙ୍କିଂ ୪୮୮ରେ ମଧ୍ୟ ପହଞ୍ଚିଥିଲେ।

# ୧୪ବର୍ଷରୁ କମ୍ ବାଳକ ଫୁଟବଲ ଚାମ୍ପିଆନ ଉଦ୍‌ଯାପିତ




**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

୧ମ ଓଡ଼ିଶା ରାଜ୍ୟ ଚଉଦ ବର୍ଷରୁ କମ୍ ବାଳକ ଚମ୍ପିଆନସିପ୍ ଉଦ୍‌ଯାପିତ। ଗତ ୧୩/୦୮/୨୦୨୬ ରୁ ଆରମ୍ଭ ହୋଇଥିବା ୧ମ ଓଡ଼ିଶା ରାଜ୍ୟ ଚଉଦ ବର୍ଷରୁ କମ୍ ବାଳକ ଚମ୍ପିଆନ ସିପ୍ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ଠାରେ ଆୟୋଜିତ ଏହି ଫୁଟବଲ ମହାକୁମ୍ଭ ଓଡ଼ିଶା ବିଦ୍ୟାଳୟ କ୍ରୀଡା ସଂଗଠନ ଆନୁକୁଲ୍ୟରେ ଜିଲ୍ଲା ବିଦ୍ୟାଳୟ କ୍ରୀଡା ସଂଗଠନ ପକ୍ଷରୁ ଆୟୋଜିତ ହୋଇଥିଲା। ସ୍କୁଲ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପ୍ରାୟୋଜିତ ଏହି ପ୍ରତିଯୋଗିତାରେ ୨୦ଟି ଜିଲ୍ଲା ଦଳର ବାଳକମାନେ ଅଂଶଗ୍ରହଣ କରିଥିଲେ। ଶୁକ୍ରବାର ପୂର୍ବାହ୍ନରେ ଦୁଇଟି ସେମିଫାଇନାଲ ଓ ଶେଷରେ ସମ୍ବଲପୁର ଓ ସୁନ୍ଦରଗଡ଼ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିବା ବେଳେ ସୁନ୍ଦରଗଡ଼ ଦଳ ଟାଇ ବ୍ରେକର ଦ୍ୱାର ସମ୍ବଲପୁର ଦଳକୁ ହରାଇ ଚାମ୍ପିଅନ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବ ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲ ଯେଉଁଥିରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ପାଳ ଦେବାଶିଷ ସିଂ ତଥା ସମ୍ମାନିତ ଅତିଥି ରୂପେ ଉପ ଜିଲ୍ଲାପାଳ ସୋନପୁର ଡକ୍ଟର ସୌମ୍ୟରୂପା ରଥ, ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ ଯୋଗଦେଇ ଉଦ୍‌ବୋଧନ ଦେବା ସହ ପୁରସ୍କାର ପ୍ରଦାନ କରିଥିଲେ। ଜିଲ୍ଲା ଶାରିରୀକ ଶିକ୍ଷା ନିରୀକ୍ଷକ ବାବାଜି ବିଶ୍ୱନାଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତିନି ଦିନ ଧରି ଆୟୋଜିତ ଏହି ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତଥା ବିଭିନ୍ନ ଉଚ୍ଚ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ସହୃଦୟ ସହଯୋଗରେ ଏସୀୟ ପ୍ରତିଯୋଗିତା ସୁରୁଖୁରୁରେ ସମ୍ପାଦନ କରାଯାଇଥିଲା।

**Health Society, Brahmapur** 10001/643/2627
(appointment of doctor under NHM/NUHM, Brahmapur)

Advt. No:- 01 Date: 16.10.2026

CONTRACTUAL APPOINTMENT

Applications are invited from the eligible candidates for filling up the Vacancy of Medical Officer to be engaged at UAAMs under PM-ABHIM /NHM Grants in Brahmapur City of Ganjam district. The Interested candidates fulfilling the eligibility criteria are requested to attend the **Walk-in-Interview** on date 03.11.2026 for filling up the following post under National Urban Health Mission, Brahmapur, Ganjam on contractual basis for the period of 12 months, with monthly remuneration as mentioned below and subject to renewal as per the terms and conditions of OSH&FW Society. This position is purely temporary and co-terminus with the scheme. Lower age limit for these positions are 21 years as on dtd 30.09.2026.

| Sl. No. | Name of the Vacant post | No of Vacancy | Remuneration (in Rs) | Modalities of selection Procedure& Eligibility Criteria |
|---|---|---|---|---|
| 01. | **Medical Officer –MBBS** at Urban Ayushman Arogya Mandir (UAAM) in Brahmapur City. | 1 no. | ₹63,294/- + PI Maximum up to 25%. | 1. The candidates must have passed MBBS from an Institution recognised by National Medial Commission (NMC). The candidate must have valid registration from the Odisha Council of Medical Registration. 2. Upper age limit- up to 70 years as on dt.30.09.2026 3. Those candidates have attained above 65 years as on 30.09.2026 must have to submit the physical fitness certificate from any Govt. Hospital not below rank of Medical Officer (Jr. Class-1) at the time of interview. |

The eligibility candidates for the above posts are requested to attend the walk –in-interview on **dated 03.11.2026 at 11.00 A.M at OSWAN Conference Hall, BeMC, Brahmapur** with all relevant documents. The detail application form is available at district/city website i.e.https://ganjam.odisha.gov.in and https://www.berhampur.gov.in . No personal queries will be entertained and further communication will be made through the district/city website only.The undersigned reserves the right to cancel this advertisement or modify at any stage without assigning any reason thereof.

S/d
Additional District Urban Public Health Officer, NUHM, BeMC, Brahmapur

OIPR-10001/10212/1/26-27/0001

GOVERNMENT OF ODISHA 1001/182/2627
OFFICE OF THE EXECUTIVE ENGINEER (AGRIL.), BALANGIR DIVISION, BALANGIR
AT-ADARSHAPADA, POST/DIST-BALANGIR 767001
e-mail: eea.blgr@gmail.com Notice No.1192 Dt. 12.10.2026
NATIONAL COMPETITIVE BIDDING THROUGH e-Procurement
Identification No.02/Agril/EE(Blgr)/2026-27 Dt. 12.10.2026

| | | | |
|---|---|---|---|
| 01 | Nos. of work | : | 7 Nos |
| 02 | Tendered amount in Rs. | : | Rs. 5,83,768/- to Rs. 8,37,212/- |
| 03 | Period of completion | : | 90 days to 120 days |
| 04 | Date & Time of availability of bid document in the portal | : | From 11.00 Hrs. of 21.10.2026 to 17.00 Hrs. of 29.10.2026 |
| 05 | Last date/time of receipt of copies of uploaded documents, drafts etc. in the tender box in the office of the undersigned at Adarsha Pada, Near Old Cold Storage, Balangir, PIN-767001 | : | Up to 17.00 Hrs. of 30.10.2026 |
| 06 | Date & Time of opening of bids | : | 11.00 Hrs. of 31.10.2026 |
| 07 | Name and Address of the officer inviting bid | : | Executive Engineer (Agril.), Balangir Division, Balangir AT/Post-Balangir PIN-767001. |

Further details can be seen from the web site www.tendersodisha.gov.in

Sd/- Executive Engineer (Agril.)
Agriculture Engineering. Division, Balangir

OIPR-1001/1462/1/26-27/0002

## ଯାଜପୁରଠାରେ ଜିଲ୍ଲାସ୍ତରୀୟ ୯ମ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲାରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ, ଯାଜପୁରଠାରେ ଜିଲ୍ଲାସ୍ତରୀୟ ୯ମ ରାଷ୍ଟ୍ରୀୟ ପୋଷଣ ମାସ-୨୦୨୬ ପାଳିତ ହୋଇ ଯାଇଛି। ଚଳିତ ବର୍ଷର ବିଷୟବସ୍ତୁ "ଆମ ଅଙ୍ଗନୱାଡ଼ି, ଆମ ଦାୟିତ୍ୱ" ରହିଥିବାବେଳେ ମା' ଓ ଶିଶୁଙ୍କ ପୋଷଣ, ସ୍ୱାସ୍ଥ୍ୟ ଏବଂ ସୁସ୍ଥ ଜୀବନଶୈଳୀ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା।



କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଦେଇ ଜିଲ୍ଲାପାଳ ଅମ୍ବର କୁମାର କର ପୋଷଣର ଗୁରୁତ୍ୱ ଉପରେ ଆଲୋକପାତ କରି କହିଥିଲେ ଯେ, ମା' ଓ ଶିଶୁଙ୍କ ସୁସ୍ୱାସ୍ଥ୍ୟ ତଥା ଶିଶୁଙ୍କ ଶାରୀରିକ ଓ ମାନସିକ ବିକାଶ ପାଇଁ ଉପଯୁକ୍ତ ପୋଷଣ ଅତ୍ୟନ୍ତ ଜରୁରୀ। ସରକାରୀ ଯୋଜନାର ସୁଫଳ ତୃଣମୂଳ ସ୍ତରରେ ପହଞ୍ଚାଇବା ସହ ଗର୍ଭବତୀ ମହିଳା, ଶିଶୁ ଓ କିଶୋରୀମାନଙ୍କୁ ଉପଯୁକ୍ତ ପୋଷଣ ଯୋଗାଇବା ଦିଗରେ ସମସ୍ତେ ମିଳିତ ଭାବେ ଦାୟିତ୍ୱ ନିର୍ବାହ କରିବା ଆବଶ୍ୟକ। ସୁସ୍ଥ ମା' ଓ ସୁପୋଷିତ ଶିଶୁ ହିଁ ଦେଶର ଉଜ୍ଜ୍ୱଳ ଭବିଷ୍ୟତ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସବିତା ସାହୁ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ମଙ୍ଗଳିକା ରାଉତରାୟ ଯୋଗ ଦେଇଥିଲେ।

କାର୍ଯ୍ୟକ୍ରମରେ ବଡ଼ଚଣା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ନନ୍ଦିନୀ ପ୍ରଭା ଲେଙ୍କା, ବଡ଼ଚଣା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ଗ୍ରାମୀଣ) ଚନ୍ଦନା ମିଶ୍ର, ଧର୍ମଶାଳା ପ୍ରକଳ୍ପ ଅଧିକାରୀ ସ୍ୱର୍ଣ୍ଣରେଖା ବେହେରା, ରସୁଲପୁର ପ୍ରକଳ୍ପ ଅଧିକାରୀ ଗୀତା ଗାୟତ୍ରୀ ରଥ ଯୋଗ ଦେଇ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ଶିଶୁ, ଗର୍ଭବତୀ ମହିଳା, ପ୍ରସୂତି ମା' ଓ କିଶୋରୀମାନଙ୍କ ପୋଷଣ ଏବଂ ସ୍ୱାସ୍ଥ୍ୟ ସେବାର ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବେ ବର୍ଣ୍ଣନା କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପାର୍ବତୀ ସାହୁ କାର୍ଯ୍ୟକ୍ରମରେ ଅଧକ୍ଷତା କରି ମା' ଓ ଶିଶୁଙ୍କ ସ୍ୱାସ୍ଥ୍ୟ ସୁରକ୍ଷା, ରକ୍ତହୀନତାର ପରୀକ୍ଷା ଓ ଚିକିତ୍ସା, ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ସନ୍ତୁଳିତ ଆହାରର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଯାଜପୁର ସହରରେ ଏକ ଜନସଚେତନତା ପଦଯାତ୍ରା ଆୟୋଜନ କରାଯାଇଥିଲା। ଏହି ଅବସରରେ ପୋଷଣଯୁକ୍ତ ଖାଦ୍ୟ ପ୍ରସ୍ତୁତି ସମ୍ପର୍କରେ ଏକ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା।

## ଧାମନଗର କଲେଜରେ ଏବିଭିପିର ଏକଛତ୍ରବାଦ ବିଜୟ

**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

ଧାମନଗର ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଏହାର ଦମଦାର୍ ପ୍ରଦର୍ଶନ ବଳରେ ବିଜୟର ଐତିହାସିକ ଇତିହାସ ରଚିଛି। ମହାବିଦ୍ୟାଳୟର ସମସ୍ତ ପଦକୁ ଏବିଭିପି ସମ୍ପୂର୍ଣ୍ଣ ଭାବେ ଅକ୍ତିଆର କରି ନେଇଛି। ଗୁରୁବାର ଅନୁଷ୍ଠିତ ଭୋଟଗ୍ରହଣ ଏବଂ ଫଳାଫଳ ଅନୁଯାୟୀ, ସଭାପତି ପଦ ପାଇଁ ଏବିଭିପିର ଜଗନ୍ନାଥ ମାଝି ତାଙ୍କର ପ୍ରତିଦ୍ୱନ୍ଦୀ ବିସିଜେଡି ପ୍ରାର୍ଥିନୀ ସ୍ମୃତିରେଖା ବେହେରାଙ୍କୁ ୧୦୨ ଖଣ୍ଡ ଭୋଟ୍‌ରେ ପରାସ୍ତ କରି ବିଜୟୀ ହୋଇଛନ୍ତି। ଜଗନ୍ନାଥ ୨୯୯ ଖଣ୍ଡ ଭୋଟ୍ ପାଇଥିବାବେଳେ ସ୍ମୃତିରେଖା ୧୯୭ ଖଣ୍ଡ ଭୋଟ୍ ପାଇଥିଲେ ଏବଂ ୪ଟି ଭୋଟ୍ ନାକଚ ହୋଇଥିଲା। ସେହିପରି ଉପସଭାପତି ଭାବେ ବିଭୁଦତ୍ତ ସାହୁ ୩୨୩ ଖଣ୍ଡ ଭୋଟ୍ ପାଇ ତାଙ୍କର ପ୍ରତିଦ୍ୱନ୍ଦୀ ଜ୍ୟୋତିରଞ୍ଜନ ସାହୁଙ୍କୁ ୧୭୪ ଖଣ୍ଡ ଭୋଟ୍‌ର ବିଶ୍ୱାସଜନକ ବ୍ୟବଧାନରେ ହରାଇଛନ୍ତି। ଛାତ୍ର ସଂସଦ ସାଧାରଣ ସଂପାଦକ ଭାବେ ଚିନ୍ମୟ ପାତ୍ର ୨୭୮ ଖଣ୍ଡ ଭୋଟ୍ ପାଇ ନିର୍ବାଚିତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନାଟ୍ୟ ସଂସଦ ସଂପାଦକ ଭାବେ ଦମୟନ୍ତୀ ବାରିକ, ନାଟ୍ୟ ସଂସଦ ସହ ସଂପାଦକ ଭାବେ ପୁଷ୍ପାଞ୍ଜଳି ସାହୁ, କ୍ରୀଡ଼ା ସଂସଦ ସଂପାଦକ ଭାବେ ପ୍ରଦୀପ କୁମାର ଶଙ୍ଖୁଆ, କ୍ରୀଡ଼ା ସଂସଦ ସହ ସଂପାଦକ ଖଗେଶ୍ୱର ବାରିକ, ଏସଏସଜି ସଂପାଦକ ଭାବେ



ମନୋଜ ସାହୁ ଏବଂ କମନ ରୁମ୍ ସଂପାଦକ ଭାବେ ଲୋପାମୁଦ୍ରା ସ୍ୱାଇଁ ନିର୍ବାଚିତ ହୋଇଛନ୍ତି। ଚଳିତ ବର୍ଷ ଧାମନଗର ମହାବିଦ୍ୟାଳୟରେ ସଭାପତି, ଉପ-ସଭାପତି, ସାଧାରଣ ସଂପାଦକଙ୍କ ସମେତ ମୋଟ୍ ୨୩ଟି ପଦବୀ ପାଇଁ ନିର୍ବାଚନ ଘୋଷଣା କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଅକ୍ଟୋବର ୯ ତାରିଖ ନାମାଙ୍କନ ଦାଖଲ ଦିନ ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ପକ୍ଷରୁ ୧୨ଟି ପଦରେ କୌଣସି ପ୍ରାର୍ଥୀ ଦିଆଯାଇନଥିଲା। ଫଳରେ ସେହିସବୁ ପଦଗୁଡ଼ିକରେ ଏବିଭିପି ପ୍ରାର୍ଥୀମାନେ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିଲେ। ଗୋଟିଏ ପଦରେ ଏବିଭିପିର ପ୍ରାର୍ଥୀ ଅଯୋଗ୍ୟ ଘୋଷଣା ହେବାରୁ ସେ ପଦ ଖାଲି ରହିଥିଲା। ସେହିପରି ଶ୍ରେଣୀ ପ୍ରତିନିଧି ଏବଂ ଅନ୍ୟାନ୍ୟ ଆସୋସିଏସନ୍ ପଦବୀଗୁଡ଼ିକରେ ଯଥା- ଏସଏସଜି ସହ ସଂପାଦକ ଭାବେ ସୁଭଦ୍ରା ସାମଲ, କମନ୍ ରୁମ୍ ସହ ସଂପାଦକ ଭାବେ ରାକେଶ ପାଢ଼ୀ ଏବଂ ଡିଏସଏ ସହ ସଂପାଦକ ଭାବେ ତନ୍ମୟ ତରବିତ ଦାସ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ।

ପରଦିନ ଅର୍ଥାତ ଅକ୍ଟୋବର ୧୦ ତାରିଖରେ ବିସିଜେଡି ସମର୍ଥିତ ଦୁଇଜଣ ପ୍ରାର୍ଥୀ ସ୍ୱେଚ୍ଛାକୃତ ଭାବେ ନିଜର ନାମାଙ୍କନ ପତ୍ର ପ୍ରତ୍ୟାହାର କରି ନେଇ ନିର୍ବାଚନରୁ ସମ୍ପୂର୍ଣ୍ଣ ଓହରି ଯାଇଥିଲେ। ଛାତ୍ର ସଂସଦ ସହକାରୀ ସଂପାଦକ ପଦ ପାଇଁ ନାମାଙ୍କନ ଦାଖଲ କରିଥିବା ଖାଜେ ଜିସାନ କାଦ୍ରି ଏବଂ ଡେ ସ୍କୋଲାର ଆସୋସିଏସନ ସଂପାଦକ ପଦ ପାଇଁ ନାମାଙ୍କନ ଦାଖଲ କରିଥିବା ସଞ୍ଜୟ ରାଉତ ନିଜର ପ୍ରାର୍ଥିପତ୍ର ପ୍ରତ୍ୟାହାର କରିନେବା ଫଳରେ ବିସିଜେଡି ଶିବିର ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିଥିଲା।

ଅବଶିଷ୍ଟ ୯ଟି ପ୍ରମୁଖ ପଦବୀ ପାଇଁ ଗୁରୁବାର ଭୋଟ୍ ଗ୍ରହଣ ହୋଇଥିବାବେଳେ ଉଭୟ ସଂଗଠନରୁ ୯ ଜଣ ଲେଖାଏଁ ପ୍ରାର୍ଥୀ ସିଧାସଳଖ ମଇଦାନରେ ଥିଲେ। ମାତ୍ର ଏହି ମହାସଂଗ୍ରାମରେ ବିସିଜେଡି ସମ୍ପୂର୍ଣ୍ଣ ଭାବେ ଧୂଳି ଚାଟିଥିବା ବେଳେ ଏବିଭିପି ସବୁକିଛି ପୋଛି ନେଇ ଏକଛତ୍ରବାଦ କାୟମ କରିଛି।



# ରାୟଗଡ଼ା ରେଳ ମଣ୍ଡଳ ପକ୍ଷରୁ ଘନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କରେ ସଚେତନତା

**ରାୟଗଡ଼ା, ନ୍ୟୁଜ୍‌ବ୍ୟୁରୋ**

ସ୍ୱଚ୍ଛତା ପକ୍ଷ ପାଳନର ଅଂଶସ୍ୱରୂପ, ପୂର୍ବତଟ ରେଳପଥ ରାୟଗଡ଼ା ରେଳ ମଣ୍ଡଳ ପକ୍ଷରୁ ଏହାର ପରିସୀମା ମଧ୍ୟରେ ଘନ ବର୍ଜ୍ୟବସ୍ତୁ ପରିଚାଳନା ନିୟମାବଳୀ, ୨୦୨୬ ସମ୍ପର୍କରେ ଏକ ବ୍ୟାପକ ସଚେତନତା ଅଭିଯାନ ଆୟୋଜନ କରାଯାଇଥିଲା। ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସ୍ୱଚ୍ଛତାର ପ୍ରସାର, ଦାୟିତ୍ୱପୂର୍ଣ୍ଣ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ପରିବେଶର ସୁରକ୍ଷା ସମ୍ପର୍କରେ ଜନସଚେତନତା ବୃଦ୍ଧି କରିବା।




ଏହି କାର୍ଯ୍ୟକ୍ରମ ଅବସରରେ ସଫେଇ କର୍ମଚାରୀମାନଙ୍କୁ (ସଫାଇ ମିତ୍ର) ଏସଡବ୍ଲ୍ୟୁଏମ୍ ନିୟମାବଳୀ, ୨୦୨୬ର ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ବୁଝାଇବା ସହ ସଚେତନ କରାଯାଇଥିଲା। ବିଶେଷକରି ଉତ୍ସସ୍ଥଳରେ ଘନ ବର୍ଜ୍ୟବସ୍ତୁକୁ ଚାରୋଟି ବର୍ଗରେ ପୃଥକୀକରଣ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ବର୍ଗଗୁଡ଼ିକ ହେଉଛି 'ଓଦା ବର୍ଜ୍ୟବସ୍ତୁ, ଶୁଖିଲା ବର୍ଜ୍ୟବସ୍ତୁ, ସାନିଟାରୀ ବର୍ଜ୍ୟବସ୍ତୁ ଏବଂ ବିଶେଷ ଯତ୍ନ ଆବଶ୍ୟକ କରୁଥିବା ବର୍ଜ୍ୟବସ୍ତୁ।' ନିର୍ଦ୍ଧାରିତ ନିୟମ ଅନୁଯାୟୀ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା, ସଂଗ୍ରହ ଓ ବୈଜ୍ଞାନିକ ନିଷ୍କାସନ ସୁନିଶ୍ଚିତ କରି ଏକ ସ୍ୱଚ୍ଛ ଓ ସୁସ୍ଥ ରେଳ ପରିବେଶ ଗଠନରେ ସହଯୋଗ କରିବାକୁ ସେମାନଙ୍କୁ ଉତ୍ସାହିତ କରାଯାଇଥିଲା।

ଏହି ସଚେତନତା ଅଭିଯାନର ଅଂଶସ୍ୱରୂପ ରାୟଗଡ଼ା ରେଳ ମଣ୍ଡଳର ବିଭିନ୍ନ ସ୍ଥାନରେ ରେଳ ଜନ ସମ୍ବାଦ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଯାତ୍ରୀ ଓ ସାଧାରଣ ଜନତାଙ୍କୁ ରେଳ ଷ୍ଟେସନ ତଥା ଅନ୍ୟାନ୍ୟ ରେଳ ପରିସରରେ ସ୍ୱଚ୍ଛତା ବଜାୟ ରଖିବା, ଉତ୍ସସ୍ଥଳରେ ବର୍ଜ୍ୟବସ୍ତୁ ପୃଥକୀକରଣ କରିବା, ଏଣେତେଣେ ଆବର୍ଜନା ନ ପକାଇବା ଏବଂ ଉପଯୁକ୍ତ ପଦ୍ଧତିରେ ବର୍ଜ୍ୟବସ୍ତୁ ନିଷ୍କାସନ କରିବା ସମ୍ପର୍କରେ ସଚେତନ କରାଯାଇଥିଲା।

# ପୂର୍ବତଟ ରେଳପଥ ପକ୍ଷରୁ ଇ-ବର୍ଜ୍ୟ ପରିଚାଳନା ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପୂର୍ବତଟ ରେଳପଥ ପକ୍ଷରୁ ସ୍ୱଚ୍ଛତା ପକ୍ଷ ୨୦୨୬ ଏବଂ ସ୍ୱତନ୍ତ୍ର ଅଭିଯାନ ୬.୦ ଅଧୀନରେ ସ୍ୱଚ୍ଛତା ଓ ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟକ୍ରମକୁ ଅଧିକ ସୁଦୃଢ଼ କରାଯାଉଛି। ଏହି ଅଭିଯାନରେ ଇଲେକ୍ଟ୍ରୋନିକ୍ ବର୍ଜ୍ୟବସ୍ତୁ (ଇ-ବର୍ଜ୍ୟ)ର ଉପଯୁକ୍ତ ନିଷ୍କାସନ, ଦୀର୍ଘଦିନ ଧରି ଜମା ହୋଇ ରହିଥିବା ବର୍ଜ୍ୟବସ୍ତୁର ଅପସାରଣ ଏବଂ ରେଳ ପରିସରକୁ ସ୍ୱଚ୍ଛ ରଖିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ପରିବେଶ ସୁରକ୍ଷା ଓ ଜନସାଧାରଣଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏହି ଅଭିଯାନ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ପୂର୍ବତଟ ରେଳପଥର ସମସ୍ତ କ୍ଷେତ୍ରରେ ଜାରି ରହିବ।

ସ୍ୱଚ୍ଛତା ଅଭିଯାନ ଅଧୀନରେ କାର୍ଯ୍ୟାଳୟ ପରିସରରୁ ଅନାବଶ୍ୟକ ପୁରୁଣା ଫାଇଲଗୁଡ଼ିକର ଉପଯୁକ୍ତ ନିଷ୍କାସନ ଓ ଅପସାରଣ ଉପରେ ବିଶେଷ ଧ୍ୟାନ ଦିଆଯାଉଛି। ଅଦରକାରୀ ଇଲେକ୍ଟ୍ରୋନିକ୍ ସାମଗ୍ରୀ ଏବଂ ଅବ୍ୟବହୃତ ପୁରୁଣା ରେକର୍ଡଗୁଡ଼ିକର ସୁବ୍ୟବସ୍ଥିତ ପରିଚାଳନା ସହ କାର୍ଯ୍ୟାଳୟ ପରିବେଶକୁ ସ୍ୱଚ୍ଛ ରଖିବା ଏବଂ ଉନ୍ନତ ବର୍ଜ୍ୟ ପରିଚାଳନା ପଦ୍ଧତିକୁ ପ୍ରୋତ୍ସାହିତ କରିବା ଏହାର ଉଦ୍ଦେଶ୍ୟ। ଏଥିସହ କାର୍ଯ୍ୟାଳୟ ପରିସରରେ ଯାନ୍ତ୍ରିକ ପଦ୍ଧତିରେ ସଫେଇ ଏବଂ ରେଳଧାରଣା ପାର୍ଶ୍ୱରେ ଜମା ହୋଇଥିବା ବର୍ଜ୍ୟବସ୍ତୁର ଅପସାରଣ କାର୍ଯ୍ୟ ମଧ୍ୟ କରାଯାଉଛି।

ନୂତନ ପିଢ଼ି ମଧ୍ୟରେ ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ପିଲାମାନଙ୍କ ପାଇଁ କୁଇଜ୍, ଚିତ୍ରାଙ୍କନ ଓ ଚିତ୍ରକଳା ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯାଉଛି।

ଅନ୍ୟପକ୍ଷରେ, ଚାଲୁ ରହିଥିବା ସ୍ୱଚ୍ଛତା ଅଭିଯାନ ୬.୦ ଅଧୀନରେ ରାୟଗଡ଼ା, ବଲାଙ୍ଗିର, ବରପାଲି ଓ ଟିଟିଲାଗଡ଼ ଆଦି ରେଳ ଷ୍ଟେସନରେ ଜନସମ୍ବାଦ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଯାତ୍ରୀ ଓ ସାଧାରଣ ଜନତା ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ।

ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଯାତ୍ରୀମାନେ ରେଳ ଅଧିକାରୀଙ୍କ ସହ ସିଧାସଳଖ ଆଲୋଚନା କରିବା ସହ ଷ୍ଟେସନରେ ଉପଲବ୍ଧ ସୁବିଧା, ଟ୍ରେନ୍‌ର ସ୍ୱଚ୍ଛତା ଏବଂ ଯାତ୍ରୀ ସେବା ସମ୍ପର୍କରେ ନିଜର ଅନୁଭୂତି, ମତାମତ ଓ ପରାମର୍ଶ ଦେବାର ସୁଯୋଗ ପାଇଥିଲେ। ଯାତ୍ରୀମାନଙ୍କଠାରୁ ମିଳିଥିବା ମତାମତ ଆଧାରରେ ଉନ୍ନତି ଆବଶ୍ୟକ କରୁଥିବା କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରିବା ସହ ଯାତ୍ରୀ ସନ୍ତୋଷ ବୃଦ୍ଧି ପାଇଁ ପଦକ୍ଷେପ ନିଆଯିବ।

ଏହି ସମସ୍ତ ପଦକ୍ଷେପ ମାଧ୍ୟମରେ ପୂର୍ବତଟ ରେଳପଥ ବର୍ଜ୍ୟବସ୍ତୁର ଦାୟିତ୍ୱପୂର୍ଣ୍ଣ ପରିଚାଳନା, ରେଳ ପରିସରରେ ସ୍ୱଚ୍ଛତାର ଉନ୍ନତି ଏବଂ ପରିବେଶ ସୁରକ୍ଷା ସମ୍ପର୍କରେ ଜନସଚେତନତା ବୃଦ୍ଧି କରିବା ଦିଗରେ ପ୍ରୟାସ ଜାରି ରଖିଛି।

# ମୟୂରଭଞ୍ଜ ଛାତ୍ର ସଂସଦ ନିର୍ବାଚନରେ ବିସିଜେଡି ପ୍ରତି ବିପୁଳ ସମର୍ଥନ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଦୀର୍ଘ ୮ବର୍ଷ ପରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହୋଇଛି। ଉକ୍ତ ନିର୍ବାଚନରେ ବିଜୁ ଛାତ୍ର ଜନତା ଦଳ ପ୍ରାର୍ଥୀମାନଙ୍କ ପ୍ରତି ବିପୁଳ ସମର୍ଥନ ମିଳିଛି। ରାଜ୍ୟ ସମେତ ମୟୂରଭଞ୍ଜ ଜିଲ୍ଲାର କଲେଜ କ୍ୟାମ୍ପସରେ ଅକୁଣ୍ଠ ସମର୍ଥନ ନେଇ ଛାତ୍ରଛାତ୍ରୀମାନଙ୍କୁ ବିଜେଡି ପକ୍ଷରୁ ଧନ୍ୟବାଦ୍ ଜଣାଯାଇଛି। ସମସ୍ତ ବିଜୟୀ ପ୍ରାର୍ଥୀମାନଙ୍କୁ ଆନ୍ତରିକ ଅଭିନନ୍ଦନ ଜଣାଇଛନ୍ତି। ଭବିଷ୍ୟତ ପିଢ଼ିମାନଙ୍କ ପାଇଁ ନୂତନ ନେତୃତ୍ୱ ସୃଷ୍ଟି କରିବା। ସମାଜ, ରାଷ୍ଟ୍ର ଏବଂ ଭବିଷ୍ୟତ ପିଢ଼ିକୁ ଉଚିତ ମାର୍ଗରେ ପରିଚାଳନା କରିବା ପାଇଁ ସକ୍ରିୟ ଭୂମିକା ନିଅନ୍ତୁ ବୋଲି ଆଶା ପୋଷଣ କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତି ଜେନ ଜି ମାନଙ୍କ ଭଲ ଓ ସମର୍ଥନ ରହିଛି ବୋଲି ଚଳିତ ଛାତ୍ର ସଂସଦ ନିର୍ବାଚନ ପ୍ରମାଣିତ କରିଛି। ଉକ୍ତ ବିଜୟ ଜେନ୍ ଜି, ଯୁବ ଓ ଛାତ୍ରଶକ୍ତିଙ୍କ ନିଷ୍ଠା ଏବଂ ଏକତାକୁ ପ୍ରତିଫଳିତ କରୁଛି। ବିଜେପି ସରକାର ନିର୍ବାଚନ ନିଜ ସପକ୍ଷରେ ନେବାକୁ କଳ ଓ ବଳ ଲଗାଇ ଦେଇଥିଲେ। ଅନ୍ୟାୟ ଓ ଅସାଧୁ ଉପାୟରେ ନିର୍ବାଚନ ଜିତିବା ପାଇଁ ବିଜେପି ସରକାରର ଚକ୍ରାନ୍ତ କରିଥିଲେ। କିନ୍ତୁ ଛାତ୍ରଛାତ୍ରୀମାନେ ତାହାକୁ ବିଫଳ କରିଛନ୍ତି। ବିଜେପି ସରକାରଙ୍କ ଚକ୍ରାନ୍ତ ବିରୋଧରେ ଦୃଢ଼ତା ସହ ଲଢ଼ି ବିସିଜେଡି ପ୍ରାର୍ଥୀମାନେ ବିଜୟ ହୋଇଛନ୍ତି। ଛାତ୍ରଛାତ୍ରୀଙ୍କ ଦୃଢ଼ ଇଚ୍ଛାଶକ୍ତି ଆଗରେ ସରକାରୀ କଳ ଓ ବଳ ହାର ମାନିଛି। ଉକ୍ତ ସଫଳତା ଛାତ୍ରଛାତ୍ରୀ ମାନଙ୍କୁ ଜିଲ୍ଲାର ସମସ୍ତ ବିଜେଡି ନେତା ମାନେ ସାଧୁବାଦ ଜଣାଇଛନ୍ତି। ଉକ୍ତ ନିର୍ବାଚନରେ ବିଜୟ ହାସଲ କରିବାରେ ସହଯୋଗ କରିଥିବା ବିଜେଡି ଓ ଅନ୍ୟ ସଙ୍ଗଠନର କର୍ମକର୍ତ୍ତା ଏବଂ ଛାତ୍ର ନେତାମାନଙ୍କୁ ଧନ୍ୟବାଦ ଜଣାଯାଇଛି। ସମସ୍ତଙ୍କ ଲଢେଇ ପାଇଁ ବିଜେଡି ବିଜୟ ହୋଇଛି। ବିଜେଡି ପ୍ରତି ଜନ ସମର୍ଥନ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଯାହାକି ଆଗାମୀ ନିର୍ବାଚନରେ ମଧ୍ୟ ପ୍ରତିଫଳିତ ହେବାକୁ ଯାଉଛି। କଲେଜ କ୍ୟାମ୍ପସର ଉନ୍ନତି ଓ ଛାତ୍ରଛାତ୍ରୀ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ବିଜୟ ପ୍ରାର୍ଥୀ ମାନେ କାର୍ଯ୍ୟ କରନ୍ତୁ ବୋଲି ବିଜେଡ଼ି ପକ୍ଷରୁ ନଗରପାଳ ତଥା ଜିଲ୍ଲା ଉପସଭାପତି କ୍ରିଷ୍ଣାନନ୍ଦ ମହାନ୍ତି ପ୍ରେସ ବିବୃତି ଜରିଆରେ ଜଣାଇଛନ୍ତି।

# ଉତ୍କଳ ଆଲୁମିନା ପକ୍ଷରୁ ପ୍ରକଳ୍ପ 'ଅଧ୍ୟୟନ' ଶୁଭାରମ୍ଭ

**ରାୟଗଡ଼ା, ନ୍ୟୁଜ୍‌ବ୍ୟୁରୋ**

ଉତ୍କଳ ଆଲୁମିନା ଇଣ୍ଟର ନ୍ୟାସନାଲ ଲିମିଟେଡ (ୟୁଏଆଇଏଲ୍), ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ପକ୍ଷରୁ ଶିଶୁମାନଙ୍କ ଶିକ୍ଷାର ଉନ୍ନତି ତଥା ସୁଦୃଢ଼ୀକରଣ ଏବଂ ଏକ ଅନ୍ତର୍ଭୁକ୍ତିମୂଳକ ଓ ଶିଶୁ ଅନୁକୂଳ ଶିକ୍ଷଣ ପରିବେଶ ସୃଷ୍ଟି ଲକ୍ଷ୍ୟରେ ଏହାର ବାଫ୍ଲିମାଳି ଖଣିର ସିଏସ୍ଆର୍ କାର୍ଯ୍ୟକ୍ରମ ଅଧୀନରେ 'ଏଡ୍ ଏଟ୍ ଆକ୍ସନ୍' ସହଯୋଗରେ 'ପ୍ରକଳ୍ପ ଅଧ୍ୟୟନ' ଶୁଭାରମ୍ଭ କରାଯାଇଅଛି। ଉକ୍ତ କାର୍ଯ୍ୟକ୍ରମ ସ୍ଥାନୀୟ କାଶୀପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଶୁଭାରମ୍ଭ ହୋଇଯାଇଅଛି। ତିନି ବର୍ଷିଆ ଏହି ପ୍ରକଳ୍ପ ମାଧ୍ୟମରେ ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲାର କାଶୀପୁର ଏବଂ ଥୁଆମୂଳ ରାମପୁର ବ୍ଲକର ୨୮ଟି ବିଦ୍ୟାଳୟ ଓ ୨୮ଟି ଅଙ୍ଗନବାଡ଼ି କେନ୍ଦ୍ରରେ ଅଧ୍ୟୟନରତ ମୋଟ ୪,୨୯୪ ଜଣ ଶିଶୁ ଉପକୃତ ହେବେ। ଶିଶୁମାନଙ୍କ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ବିକାଶ, ବିଦ୍ୟାଳୟରେ ଉପସ୍ଥାନ ବୃଦ୍ଧି, ଶିଶୁ ଅନୁକୂଳ ଶିକ୍ଷଣ ପରିବେଶ ସୃଷ୍ଟି ଏବଂ ଶିକ୍ଷା କ୍ଷେତ୍ରରେ ସମ୍ପ୍ରଦାୟର ସକ୍ରିୟ ଅଂଶଗ୍ରହଣ ବୃଦ୍ଧି ଏହି ପ୍ରକଳ୍ପର ପ୍ରମୁଖ ଉଦ୍ଦେଶ୍ୟ ରହିଅଛି।




ଏହି ଶୁଭାରମ୍ଭ ସମାରୋହରେ ଜିଲ୍ଲା ଶିଶୁ କଲ୍ୟାଣ କମିଟିର ଅଧ୍ୟକ୍ଷ ପ୍ରମୋଦ କୁମାର ନାୟକ, କାଶୀପୁର ବ୍ଲକ୍ ଶିକ୍ଷା ଅଧିକାରୀ ସୁମିତ ବିଶ୍ୱାସ, ଜିଲ୍ଲା ଅନ୍ତର୍ଭୁକ୍ତିମୂଳକ ଶିକ୍ଷା ସଂଯୋଜକ ପ୍ରଦୀପ୍ତ କୁମାର ସାହୁ, କାଶୀପୁର ସିଡିପିଓ ଗୀତାରାଣୀ ସାହୁ ଏବଂ ଆଦିତ୍ୟ ବିର୍ଲା ପବ୍ଲିକ୍ ସ୍କୁଲର ଅଧ୍ୟକ୍ଷ ଅନିରୁଦ୍ଧ ତିୱାରୀ ଯୋଗ ଦେଇଥିଲେ। ଏହା ସହିତ ଏଡ୍ ଏଟ୍ ଆକ୍ସନ୍‌ର ପ୍ରତିନିଧି ଆମୋଦ ଖର୍ଖାନିସ୍ ଓ ପ୍ରବୀଣ ଭୋପେଙ୍କ ସମେତ ସଂସ୍ଥାର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଗୁରୁ ଭଗବାନ ସାହୁଙ୍କ ସ୍ମୃତିରେ ନୂଆଁଖାଇ ଭେଟଘାଟ

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ଗୁରୁ ଭଗବାନ ସାହୁଙ୍କ ସ୍ମୃତିରେ ରାଜ୍ୟସ୍ତରୀୟ ବିଶାଳ ନୂଆଁଖାଇ ଭେଟଘାଟ ପାଇଁ ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ସ୍ମୃତି କମିଟି ତରଫରୁ ଲୁଲୁ ରବିନ ଦାସଙ୍କ ଆବାହକତ୍ୱରେ ଏ.ଇ. ମିଶନ ଇଂଲିଶ ମିଡିଅମ୍ ସ୍କୁଲ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଗୁରୁ ଭଗବାନ ସାହୁଙ୍କ ଶିଷ୍ୟ ଦଧିବାବନ ଶତପଥିଙ୍କ ସଭାପତିତ୍ୱରେ ସର୍ଦ୍ଦାର ପ୍ରିତମ ସିଂଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ତୁଳସୀ ଚରଣ ଦାଶ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀଙ୍କ ମାର୍ଗଦର୍ଶନରେ ନୂଆଁଖାଇ ଭେଟଘାଟ ଆସନ୍ତା ନଭେମ୍ବର ୩ ତାରିଖ ମଙ୍ଗଳବାର ସ୍ଥାନୀୟ ଯଦୁମଣି ପ୍ରଧାନ ଅଡିଟୋରିୟମରେ ସକାଳ ୯ ଘଣ୍ଟା ସମୟରେ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଥିଲେ। ସଭା ନିଷ୍ପତ୍ତି କ୍ରମେ ଭେଟଘାଟରେ ମୁଖ୍ୟ ଅତିଥି ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ପ୍ରାକ୍ତନ ଅଧ୍ୟକ୍ଷ ଡ. ଚିରବ୍ରତ ଦତ୍ତ, ପ୍ରାକ୍ତନ ଅଧ୍ୟକ୍ଷ ଟେକଚାନ୍ଦ ଦୁଆନ, ମୁଖ୍ୟ ବକ୍ତା ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର ଯୋଗ ଦେବେ, ଏହି ଅବସରରେ ଗୁରୁ ଭଗବାନ ସାହୁଙ୍କ ଜୀବନୀ ପୁସ୍ତକର ହିନ୍ଦୀ ଅନୁବାଦ ପାଇଁ ଉଦ୍ୟମ କରିଥିବା ପ୍ରସିଦ୍ଧ ହିନ୍ଦୀ କବି ଦିନେଶ କୁମାର ମାଲି ଏବଂ ଅନୁବାଦ କରିଥିବା ଡ. ଚିତ୍ତରଞ୍ଜନ ନାହାକ ସମ୍ମାନିତ ହେବାସହିତ ବିଭିନ୍ନ ଜିଲ୍ଲାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଦ୍ୱିତୀୟ ପର୍ଯ୍ୟାୟରେ 'ଗୋଟିଏ ଦିନରେ ନୂଆଁଖାଇ ଏବଂ ଗୁରୁ ଭଗବାନ ସାହୁ' ଶୀର୍ଷକ କବିତା ଆସର ଅନୁଷ୍ଠିତ ହେବାକୁ ନିଷ୍ପତ୍ତି ନିଆଯାଇଛି, ବୈଠକରେ ସନ୍ତୋଷ କୁମାର ପଣ୍ଡା, ଡ. ଯଶବୀର ସିଂ ସୈନୀ, ବିମଳ କୃଷ୍ଣ ମିଶ୍ର, ଜତିଲାଲ ବାଗ, ଶିବାନନ୍ଦ ମଟାରୀ, ନୁରାବତୀ ସାହୁ, ଜୟଶ୍ରୀ ପଣ୍ଡା, ସନ୍ତୋଷିନୀ ନାଗ, ପ୍ରଦୀପ କୁମାର ମିଶ୍ର, ସାରଥି ମେହେର, ଜଟାଧାରୀ ପ୍ରଧାନ ପ୍ରମୁଖ ଯୋଗଦାନ କରି ସଫଳ ଆୟୋଜନ ପାଇଁ ସମସ୍ତଙ୍କ ସହଯୋଗ କାମନା ସହିତ ସୁଚିନ୍ତିତ ମତାମତ ଦେଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ହକି ଟିମ୍ ...

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜେତା ଉଭୟ ଭାରତୀୟ ପୁରୁଷ ଓ ମହିଳା ହକି ଦଳର ସମସ୍ତ ଖେଳାଳି ଆମ ଯୁବବର୍ଗର ପ୍ରକୃତ ଆଇକନ୍। ସେମାନେ ସମଗ୍ର ଯୁବ ସମାଜର ଆଦର୍ଶ ତଥା ଭାରତର ଗର୍ବ ଓ ଗୌରବ। ୪୪ ବର୍ଷର ଦୀର୍ଘ ଅନ୍ତରାଳ ପରେ ମହିଳା ଟିମ୍‌ର ଏହି ସ୍ୱର୍ଣ୍ଣ ବିଜୟ ଦେଶର ପ୍ରତ୍ୟେକ ମହିଳାଙ୍କ ପାଇଁ ପ୍ରେରଣାର ସ୍ରୋତ ହୋଇ ରହିବ ବୋଲି ସେ ପ୍ରକାଶ କରିଛନ୍ତି।

ସୁନ୍ଦରଗଡ଼ ଜିଲ୍ଲାରୁ ଆସିଥିବା ଅମିତ ରୋହିଦାସ ଓ ଶିଳାନନ୍ଦ ଲାକ୍ରା ଏବଂ ସୁନେଲିତା ଟପ୍ପୋ ନିଜର ଅଦମ୍ୟ ପ୍ରତିଭା ଓ ପରିଶ୍ରମ ବଳରେ ସମଗ୍ର ଦେଶ ପାଇଁ ଗୌରବ ଆଣିଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ମହାନ କବି ସଚ୍ଚି ରାଉତରାୟଙ୍କ କବିତାକୁ ଉଦ୍ଧାର କରି କହିଥିଲେ ଯେ, ପ୍ରତିଭାବାନ୍ ବ୍ୟକ୍ତିମାନେ ଯେଉଁ ମାଟିରେ ଜନ୍ମ ନିଅନ୍ତି, ସେ ମାଟି ନିଶ୍ଚିତ ଭାବରେ ବିଶ୍ୱସ୍ତରରେ ପ୍ରସିଦ୍ଧି ଅର୍ଜନ କରିଥାଏ। ଓଡ଼ିଶା ସରକାର ଜାତୀୟ ହକି ଦଳର ଅଫିସିଆଲ୍ ସ୍ପନ୍ସର୍ ଭାବେ ନିଜର ପ୍ରତିବଦ୍ଧତାକୁ ଆଗକୁ ମଧ୍ୟ ଜାରି ରଖିବେ। ୨୦୩୬ ଅଲମ୍ପିକ୍ସ ଗେମ୍ସକୁ ଭାରତରେ କରିବା ପାଇଁ ପ୍ରସ୍ତାବ ରହିଛି। ଯଦି ଏହି ପ୍ରସ୍ତାବ କାର୍ଯ୍ୟକାରୀ ହୁଏ, ତେବେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୧୦୦ ବର୍ଷ ପୂର୍ତ୍ତି ଅବସରରେ, ଓଡ଼ିଶାରେ ନିଶ୍ଚିତ ଭାବରେ ହକି ଇଭେଣ୍ଟ ଆୟୋଜିତ ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ ଆଶା ପୋଷଣ କରିଛନ୍ତି।

ସଲିମା ଟେଟେ ଏବଂ ହରମନପ୍ରୀତ ସିଂଙ୍କ ଅସାଧାରଣ ନେତୃତ୍ୱକୁ ସେ ବହୁତ ପ୍ରଶଂସା କରିଛନ୍ତି। ସଲିମା ଟେଟେ ସ୍ମାର୍ଟ ଏବଂ ଆଧୁନିକ ସ୍ପୋର୍ଟ୍ସ କ୍ୟାପଟେନ୍ସିର ଏକ ଶ୍ରେଷ୍ଠ ଉଦାହରଣ ସୃଷ୍ଟି କରି ନିଜର ଦଳକୁ ସଶକ୍ତ କରିଛନ୍ତି। ସେହିପରି କ୍ୟାପଟେନ୍ ହରମନପ୍ରୀତ ସିଂ ନିଜର ଦୃଢ଼ ସଂକଳ୍ପ ଦ୍ୱାରା ଦଳକୁ କ୍ରମାଗତ ଦ୍ୱିତୀୟ ଥର ଏସୀଆନ୍ ଗେମ୍ସ ଗୋଲ୍ଡ ମେଡାଲ ଦିଗକୁ ନେଇଯାଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଖେଳାଳିମାନଙ୍କୁ ଉତ୍ସାହିତ କରିବାକୁ ଯାଇ ମୁଖ୍ୟମନ୍ତ୍ରୀ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ପ୍ରଶଂସା କରିଥିଲେ। ପ୍ରଧାନମନ୍ତ୍ରୀ ନିଜେ ଏସିଆନ୍ ଗେମ୍ସର ପଦକ ବିଜେତାମାନଙ୍କୁ ନିଜ ବାସଭବନକୁ ନିମନ୍ତ୍ରଣ କରି ସେମାନଙ୍କ ହୋସଲା ବଢ଼ାଇଛନ୍ତି। 'ଖେଲୋ ଇଣ୍ଡିଆ' ମିଶନ ଦେଶର ପ୍ରତ୍ୟେକ କୋଣରୁ ଯୁବ ପ୍ରତିଭାମାନଙ୍କୁ ସମ୍ମୁଖକୁ ଆଣିବାରେ ଏକ ବଡ଼ ମାଧ୍ୟମ ପାଲଟିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା ସରକାର କେବଳ ଭୁବନେଶ୍ୱରରେ କ୍ରୀଡ଼ା ଭିତ୍ତିଭୂମିକୁ ସୀମିତ ନରଖି ବ୍ଲକ୍ ସ୍ତରରେ ୪,୦୦୦ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ଷ୍ଟାଡିୟମ ନିର୍ମାଣ କରୁଛନ୍ତି। ଗୋଠପାଟଣାରେ ନିର୍ମିତ ହେବାକୁ ଥିବା ୧,୦୦୦ କୋଟି ଟଙ୍କାର ଗ୍ଲୋବାଲ୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଏବଂ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ୨୦୨୮ ୱାର୍ଲ୍ଡ ଇନ୍‌ଡୋର୍ ଆଥଲେଟିକ୍ସ ଚମ୍ପିଆନ୍ ସିପ୍ ଓଡ଼ିଶାକୁ ବିଶ୍ୱର ପ୍ରମୁଖ ସ୍ପୋର୍ଟିଂ ହବ୍‌ରେ ପରିଣତ କରିବ। କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ ଓଡ଼ିଶାରେ ହକି କେବଳ ଗୋଟିଏ ଖେଳ ନୁହେଁ, ଏହା ହେଉଛି ଆମର ଆବେଗ, ଏବଂ ଅସ୍ମିତାର ପ୍ରତୀକ। ଭାରତୀୟ ପୁରୁଷ ଓ ମହିଳା ଦଳ ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ଜିତି ସମଗ୍ର ଦେଶ ତଥା ଓଡ଼ିଶା ମାଟିର ନାମ ବିଶ୍ୱ ଦରବାରରେ ମହିମାନ୍ୱିତ କରିଛନ୍ତି। ବିଶେଷ କରି ଓଡ଼ିଆ ପୁଅ ଅମିତ ରୋହିଦାସ, ଶିଳାନନ୍ଦ ଲାକ୍ରା ଏବଂ ସୁନାଝିଅ ସୁନେଲିତା ଟପ୍ପୋଙ୍କ ଆଶାତୀତ ପ୍ରଦର୍ଶନ ରାଜ୍ୟର ଗ୍ରାମାଞ୍ଚଳରେ ଥିବା ହଜାର ହଜାର ଯୁବ କ୍ରୀଡ଼ାବିତ୍‌ଙ୍କୁ ସ୍ୱପ୍ନ ଦେଖିବାକୁ ଏବଂ ଆନ୍ତର୍ଜାତିକ ମଞ୍ଚରେ ନିଜକୁ ପ୍ରତିପାଦିତ କରିବାକୁ ଅପୂର୍ବ ପ୍ରେରଣା ଯୋଗାଇବ ବୋଲି ସେ ପ୍ରକାଶ କରିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ ହକି ଇଣ୍ଡିଆର ସଭାପତି ତଥା ପୂର୍ବତନ ରାଜ୍ୟସଭା ସାଂସଦ ଦିଲ୍ଲୀପ ତିର୍କୀ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ କ୍ରୀଡ଼ା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ, ବିଭାଗୀୟ ନିର୍ଦ୍ଦେଶକ ୟେଦୁଲ୍ଲା ବିଜୟ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

## ତଲାକ୍-ଇ-ହସନ୍ ...

ଜରୁରୀ। ଏହାସହିତ ମୁସଲିମ୍ ପର୍ସନାଲ୍ ଲ' ଆପ୍ଲିକେସନ୍ ଆକ୍ଟ, ୧୯୩୭ର ଧାରା ୨ କୁ ଅସାମ୍ବିଧାନିକ ଘୋଷଣା କରିବା ସହ ସମସ୍ତ ଧର୍ମର ମହିଳାମାନଙ୍କ ପାଇଁ ସମ୍ବିଧାନର ଧାରା ୧୪ (ସମାନତା), ଧାରା ୧୫ (ଭେଦଭାବମୁକ୍ତ) ଏବଂ ଧାରା ୨୧ (ଜୀବନ ଓ ବ୍ୟକ୍ତିଗତ ସ୍ୱାଧୀନତା) ଅନୁଯାୟୀ ଲିଙ୍ଗଗତ ସମାନତା ଓ ସମ୍ମାନଜନକ ଜୀବନଯାପନ ପାଇଁ ସମାନ ଆଇନଗତ ମାର୍ଗଦର୍ଶିକା ସ୍ଥିର କରିବାକୁ ସରକାରଙ୍କ ନିକଟରେ ଦାବି କରାଯାଇଛି।

## ସରପଞ୍ଚ ଓ ନାଏବ...

ସମ୍ମାନ ରାଶି ଭାବେ ସେମାନଙ୍କୁ ଏହି ଟଙ୍କା ଦିଆଯିବ। ଏହାର ଅର୍ଥ ସରପଞ୍ଚମାନେ ୬ ମାସର ସମ୍ମାନ ରାଶି ଭାବେ ୬୦ ହଜାର ଟଙ୍କା ଓ ନାଏବ ସରପଞ୍ଚମାନେ ୨୪ ହଜାର ଟଙ୍କା ଲେଖାଏଁ ପାଇବେ।

## ଗଡ ରକ୍ଷା...

ଜିତିଛି। ତେବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜିଲ୍ଲା କେନ୍ଦୁଝରରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ କ୍ଲିନ୍ ସ୍ୱିପ୍ କରିଛି। ଅର୍ଥାତ୍ ଏଠାରେ ପ୍ରାୟ ଅଧିକାଂଶ କଲେଜରେ ଏବିଭିପି ପ୍ରାର୍ଥୀମାନେ ବିପୁଳ ବିଜୟ ହାସଲ କରିଛନ୍ତି। ଅନ୍ୟପକ୍ଷରେ ରାଜ୍ୟର ଅନ୍ୟତମ ପ୍ରମୁଖ ବିଶ୍ୱବିଦ୍ୟାଳୟ ଭାବେ ବିବେଚିତ ହୋଇ ଆସୁଥିବା ରେଭେନ୍ସା ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରେ ବିସିଜେଡି ବିପୁଳ ବିଜୟ ହାସଲ କରିଥିବା ବେଳେ କଟକ ଜିଲ୍ଲାର ଅଧିକାଂଶ କଲେଜ ଯଥା ଜେକେବିକେ, ମଧୁସୂଦନ ଆଇନ୍ ମହାବିଦ୍ୟାଳୟ, ଆଠଗଡ ଓ ଚୌଦ୍ୱାର ମହାବିଦ୍ୟାଳୟରେ ବିସିଜେଡି ପ୍ରାର୍ଥୀମାନେ ବିଜୟ ହାସଲ କରିଥିବା ବେଳେ ଶୈଳବାଳା ଓ ଖ୍ରୀଷ୍ଟ କଲେଜରେ ସ୍ୱାଧୀନ ପ୍ରାର୍ଥୀ ଜିତିଛନ୍ତି। ସେହିପରି ଦୁଇ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡାଙ୍କ ଅଞ୍ଚଳରେ ଏବିଭିପିକୁ ପଛରେ ପକାଇ ବିସିଜେଡି ଛାତ୍ର ସଂସଦ ଅକ୍ତିଆର କରିବା ସମସ୍ତଙ୍କୁ ଚକିତ କରିଛି।

ତେବେ ନିର୍ବାଚନ ଫଳାଫଳରୁ ଶ୍ରେୟ ନେବା ପାଇଁ ନେତାମାନଙ୍କ ମଧ୍ୟରେ ଟଣାଓଟରା ଆରମ୍ଭ ହୋଇଯାଇଛି। ଶାସକ ଦଳର ବିଧାୟକମାନେ ବିରୋଧୀ ଦଳକୁ ସମାଲୋଚନା କରୁଥିବା ବେଳେ ବିରୋଧୀ ଦଳ ନେତାମାନେ ମଧ୍ୟ ସରକାର ବିରୋଧରେ ବିଭିନ୍ନ ଗୁରୁତର ଅଭିଯୋଗ ଉଠାଉଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ଓ ରମାଦେବୀ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନ ଫଳାଫଳ ଘୋଷଣା ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ କରାନଯିବା ନେଇ ରାଜଧାନୀରେ ଉଭୟ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଓ ଉତ୍ତେଜନା ଲାଗି ରହିଥିବା ବେଳେ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିରୋଧୀ ଦଳକୁ କଟାକ୍ଷ କରିଛନ୍ତି। ସେ କହିଛନ୍ତି ନିର୍ବାଚନ ଫଳାଫଳ ଅନୁସାରେ ଏବିଭିପି ରାଜ୍ୟରେ ଅଗ୍ରଣୀ ରହିଛି। ସେହିପରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମଧ୍ୟ ପୂର୍ବ ସରକାର ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ବନ୍ଦ କରିଥିଲେ ବୋଲି ଅଭିଯୋଗ କରିଛନ୍ତି।

## ବିଜୟ ପାଇଁ ...

ସାଧାରଣ ଛାତ୍ରଛାତ୍ରୀଙ୍କ ସ୍ୱରକୁ ସମ୍ମାନ ଦେବା ସହ କ୍ୟାମ୍ପସରେ ଏକ ସୁସ୍ଥ ଶୈକ୍ଷିକ ବାତାବରଣ ଗଢ଼ିତୋଳିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଏହାସହ ରାଷ୍ଟ୍ର ନିର୍ମାଣର ଏହି ମହାନ ଯାତ୍ରାରେ ସମସ୍ତ ବିଜୟୀ ପ୍ରତିନିଧିଙ୍କ ସଫଳ କାର୍ଯ୍ୟକାଳ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ମୁଖ୍ୟମନ୍ତ୍ରୀ।

**ନବୀନଙ୍କ ଶୁଭେଚ୍ଛା :**

ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଛାତ୍ର ସଂସଦ ନିର୍ବାଚନରେ ବିଜୟୀ ସମସ୍ତ ପ୍ରାର୍ଥୀ ଓ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏକ୍ସରେ ପୋଷ୍ଟ କରି ନବୀନ ଲେଖିଛନ୍ତି ଏ ବିଜୟ ଓଡ଼ିଶାର ଜେନ୍ ଜି, ଯୁବ ଓ ଛାତ୍ରଶକ୍ତିଙ୍କ ନିଷ୍ଠା ଏବଂ ଏକତାକୁ ପ୍ରତିଫଳିତ କରୁଛି।

ସେ କହିଛନ୍ତି ଛାତ୍ର ସଂସଦ ନିର୍ବାଚନକୁ ଅନ୍ୟାୟ ଓ ଅସାଧୁ ଉପାୟରେ ଜିତିବା ପାଇଁ ବିଜେପି ସରକାରର ଚକ୍ରାନ୍ତ ବିରୋଧରେ ଦୃଢ଼ତାର ସହ ଲଢ଼ିଥିବା ବିସିଜେଡି ତଥା ବିଜେଡିର ସମସ୍ତ ନେତାମାନଙ୍କୁ ସାଧୁବାଦ ଜଣାଉଛି। କଲେଜର ଶୈକ୍ଷିକ ବାତାବରଣକୁ ବଜାୟ ରଖି ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ସମସ୍ତେ ଏକ ହୋଇ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଛନ୍ତି।

## ସେବା ପାଇଁ ଆଦାୟ...

ଚିକିତ୍ସା ଖର୍ଚ୍ଚ ବିଷୟରେ ସେମାନେ ପ୍ରଥମରୁ ସଚେତନ ହେବେ। ଏହା ସ୍ୱାସ୍ଥ୍ୟସେବା ପ୍ରଦାନ ବ୍ୟବସ୍ଥାରେ ବିଶ୍ୱାସ ବୃଦ୍ଧି କରିବା ସହିତ ଯେ କୌଣସି ଦ୍ୱନ୍ଦ୍ୱକୁ ଏଡ଼ାଇହେବ। ଏହି ସୁଯୋଗ ବିଲିଂ-ସମ୍ବନ୍ଧୀୟ ବିବାଦକୁ ମଧ୍ୟ ହ୍ରାସ କରିବ।

ଏହି ଚିଠିଟି କ୍ଲିନିକାଲ୍ ଏଷ୍ଟାବ୍ଲିସମେଣ୍ଟ (ପଞ୍ଜୀକରଣ ଏବଂ ନିୟନ୍ତ୍ରଣ) ଆଇନ, ୨୦୧୦ ଏବଂ କ୍ଲିନିକାଲ୍ ଏଷ୍ଟାବ୍ଲିସମେଣ୍ଟ (କେନ୍ଦ୍ର ସରକାର) ନିୟମ, ୨୦୧୨କୁ ଉଲ୍ଲେଖ କରିଛି। ନିୟମ ଅନୁଯାୟୀ, ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶଗୁଡ଼ିକରେ କ୍ଲିନିକାଲ୍ ଏଷ୍ଟାବ୍ଲିସମେଣ୍ଟ ଯେଉଁଠାରେ ଏହି ଆଇନ ପ୍ରଯୁଜ୍ୟ, ସେଠାରେ ଏହାର ପ୍ରଦର୍ଶନ କରିବାକୁ ପଡିବ। ପ୍ରତ୍ୟେକ ପ୍ରକାରର ସେବା ଏବଂ ଏକ ସ୍ୱତନ୍ତ୍ର ସ୍ଥାନରେ ଉପଲବ୍ଧ ସୁବିଧା ପାଇଁ, ସ୍ଥାନୀୟ ଭାଷା ଏବଂ ଇଂରାଜୀରେ ଏହାକୁ ଡିସପ୍ଲେ କରିବାକୁ ପଡିବ। ଯେଉଁ ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶଗୁଡ଼ିକରେ ଏହି ଆଇନ ପ୍ରଯୁଜ୍ୟ ନୁହେଁ, ସେଠାରେ କ୍ଲିନିକାଲ୍ ପ୍ରତିଷ୍ଠାନଗୁଡ଼ିକ ସମ୍ପୃକ୍ତ ରାଜ୍ୟ କିମ୍ବା କେନ୍ଦ୍ରଶାସିତ ପ୍ରଦେଶ ତାଙ୍କ ଅଧୀନରେ ନିୟନ୍ତ୍ରିତ ହୁଏ, ସେହି ସବୁ ଅଞ୍ଚଳରେ ସ୍ୱାସ୍ଥ୍ୟ ଏକ ରାଜ୍ୟ ବିଷୟ ବୋଲି ଅନୁଭବ କରି, ଏହି କାର୍ଯ୍ୟକ୍ରମକୁ ଅତ୍ୟନ୍ତ ଜରୁରୀ ମନେକରି ସେହି ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶଗୁଡ଼ିକର ସ୍ୱାସ୍ଥ୍ୟ ସଚିବ ମୁଖ୍ୟ ସଚିବମାନଙ୍କୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ମାଧ୍ୟମରେ ପ୍ରଭାବଶାଳୀ ଅନୁପାଳନ ସୁନିଶ୍ଚିତ କରିବାକୁ କହିଥିଲେ। ବିଦେଶୀ ରୋଗୀ-ଏହି ଚିଠିରେ ଅନ୍ତର୍ଜାତୀୟ ରୋଗୀଙ୍କ ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଛି। ରାଜ୍ୟ ଏବଂ କେନ୍ଦ୍ରଶାସିତ ପ୍ରଦେଶଗୁଡ଼ିକୁ ଅନୁରୋଧ କରାଯାଇଛି ଯେ, ଯେଉଁଠାରେ ପ୍ରଯୁଜ୍ୟ, ଚିକିତ୍ସା କିମ୍ବା ଆୟୁଷ ଭିସାରେ ଭାରତକୁ ଯାତ୍ରା କରୁଥିବା ବିଦେଶୀ ରୋଗୀଙ୍କ ପାଇଁ ପ୍ୟାକେଜ୍ ହାରର ପ୍ରମୁଖ ପ୍ରଦର୍ଶନକୁ ଉତ୍ସାହିତ କରନ୍ତୁ। ଏହି ସୁଯୋଗର ସଦୁପଯୋଗ କରିବା ପାଇଁ ସେମାନଙ୍କ ସହ ଯୋଗାଯୋଗ ରକ୍ଷା କରନ୍ତୁ। ଏହି ଚିକିତ୍ସା ଆୟୁଷ ପାଇଁ ଏକ ବିଶ୍ୱସ୍ତ ଗନ୍ତବ୍ୟସ୍ଥଳ ଭାବରେ ଭାରତର ସ୍ଥିତିକୁ ଆର୍ଥିକ ଭାବରେ ସୁଦୃଢ଼ କରିବ। ସ୍ୱାସ୍ଥ୍ୟ ସଚିବ ମୁଖ୍ୟ ସଚିବ ମାନଙ୍କର ବ୍ୟକ୍ତିଗତ ସହଯୋଗ ଲୋଡ଼ି ସମ୍ପୃକ୍ତ କର୍ତ୍ତୃପକ୍ଷ ଏବଂ କ୍ଲିନିକାଲ୍ ପ୍ରତିଷ୍ଠାନଗୁଡ଼ିକୁ ଉପଯୁକ୍ତ ପରାମର୍ଶ ଜାରି କରିବାକୁ କହିଥିଲେ, ଯେଉଁଥିରେ ପ୍ରଯୁଜ୍ୟ ନିୟମାବଳୀ ଅନୁଯାୟୀ ସ୍ପଷ୍ଟ ଦର, ପରିଷ୍କାର ପ୍ରଦର୍ଶନ ଏବଂ ସହଜରେ ଉପଲବ୍ଧ ସ୍ଥାନରେ ପ୍ରଦର୍ଶିତ ହେବା ନିଶ୍ଚିତ କରିବାକୁ ନିର୍ଦ୍ଦେଶ ରହିଥିଲା।

# ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ 'ପ୍ରୋଜେକ୍ଟ ପାଣି' କାର୍ଯ୍ୟକ୍ରମ

**ଅନୁଗୁଳ, ନ୍ୟୁଜ୍‌ବ୍ୟୁରୋ**

ବିସି ଜିନ୍ଦଲ ଗ୍ରୁପର ସିଏସଆର ଶାଖା 'ବିସି ଜିନ୍ଦଲ ଫାଉଣ୍ଡେସନ' ତାର 'ପ୍ରୋଜେକ୍ଟ ପାଣି' କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମୀଣ ଓଡ଼ିଶା ଏବଂ ଦିଲ୍ଲୀ-ଏନସିଆରର ୧.୧ ଲକ୍ଷରୁ ଅଧିକ ଲୋକଙ୍କ ପାଖରେ ନିରାପଦ ପାନୀୟ ଜଳର ସୁବିଧା ପହଞ୍ଚାଇଛି। ଏହି ପ୍ରକଳ୍ପ ମୌଳିକ ସୁବିଧାରୁ ବଞ୍ଚିତ ସମୁଦାୟ ଗୁଡ଼ିକରେ ଜଳ ଉପଲବ୍ଧତାର ସମସ୍ୟା ଦୂର କରିବା ପାଇଁ ସୌର ଚାଳିତ ପାନୀୟ ଜଳ ଭିତ୍ତିଭୂମି, ଜଳ ବିଶୋଧନ ପ୍ରଯୁକ୍ତିବିଦ୍ୟା ଏବଂ ସାମାଜିକ ଅଂଶଗ୍ରହଣକୁ ଏକତ୍ରିତ କରିଛି।

ଓଡ଼ିଶାର ଅନୁଗୋଳରେ ଏହି ପଦକ୍ଷେପ ୩୯ଟି ସୌର-ଭିତ୍ତିକ ପାନୀୟ ଜଳ ପ୍ଲାଣ୍ଟ ମାଧ୍ୟମରେ ୧୧ଟି ଗ୍ରାମର ପ୍ରାୟ ୧୦,୦୦୦ ଲୋକଙ୍କ ନିକଟରେ ପହଞ୍ଚିଛି। ଦିଲ୍ଲୀ ଏନସିଆରରେ ୬ଟି ଜଳ ବିଶୋଧନ ପ୍ଲାଣ୍ଟ ଏକ ଲକ୍ଷରୁ ଅଧିକ ଲୋକଙ୍କୁ ଉପକୃତ କରିଛି। ଏହି ମିଳିତ ପ୍ରୟାସ ଗୁଡ଼ିକ ଜଳ ବିଶୋଧନ ପାଇଁ ପାରମ୍ପରିକ ଶକ୍ତି ଉତ୍ସ ଉପରେ ନିର୍ଭରଶୀଳତା ହ୍ରାସ କରିବା ସହିତ ନିରାପଦ ତଥା ସୁଲଭ ମୂଲ୍ୟରେ ପାନୀୟ ଜଳର ସୁବିଧା ଉନ୍ନତ କରିବା ଲକ୍ଷ୍ୟ ରଖୁଛି।

ବିସି ଜିନ୍ଦଲ ଗ୍ରୁପ୍‌ର ପ୍ରମୋଟର ଶ୍ୟାମ ସୁନ୍ଦର ଜିନ୍ଦଲଙ୍କ ଦୂରଦୃଷ୍ଟି ଦ୍ୱାରା ପରିଚାଳିତ 'ପ୍ରୋଜେକ୍ଟ ପାନୀ' ପର୍ଯ୍ୟାପ୍ତ ଜଳର ଅଭାବ ଏବଂ ଫ୍ଲୋରାଇଡ୍ ତଥା କ୍ଲୋରାଇଡ୍ ସମ୍ବନ୍ଧୀୟ ସମସ୍ୟା ସମେତ ଭୂତଳ ଜଳ ପ୍ରଦୂଷଣର ସମାଧାନ କରୁଛି। ଏହି ପଦକ୍ଷେପ ସେବା ଯୋଗାଉଥିବା ସମୁଦାୟଗୁଡ଼ିକରେ ପାନୀୟ ଜଳର ନିର୍ଭରଯୋଗ୍ୟ ଉପଲବ୍ଧତାକୁ ସହଯୋଗ କରିବା ପାଇଁ ସବୁଜ ଶକ୍ତି ଏବଂ ସ୍ୱଳ୍ପ ରକ୍ଷଣାବେକ୍ଷଣ ଆବଶ୍ୟକ କରୁଥିବା ଫିଲ୍ଟରେସନ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିଥାଏ।

ଏହି ସୌର-ଭିତ୍ତିକ ପ୍ରଣାଳୀଗୁଡ଼ିକ ବାର୍ଷିକ ଆନୁମାନିକ ୫୩,୩୯୫ କିଲୋୱାଟ୍-ଘଣ୍ଟା ସ୍ୱଚ୍ଛ ଶକ୍ତି ଉତ୍ପାଦନ କରେ। ଜଳ ପ୍ଲାଣ୍ଟ ସ୍ଥାପନ ବ୍ୟତୀତ, ଫାଉଣ୍ଡେସନ ଜଳ ଉପଲବ୍ଧତାକୁ ବୃଦ୍ଧି କରିବା ପାଇଁ ସାମୁହିକ ସ୍ଥାନଗୁଡ଼ିକରେ ହ୍ୟାଣ୍ଡପମ୍ପ ବସାଇଛି ଏବଂ ସ୍କୁଲ ପିଲାମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ଛଅଟି ସରକାରୀ ବିଦ୍ୟାଳୟରେ ଆରଓ ଭିତ୍ତିକ ଜଳ ବିଶୋଧନ ପ୍ରଣାଳୀ ଲଗାଇଛି।

# ୮୧% କ୍ୟାମ୍ପସରେ ଛାତ୍ର ସଂସଦ ନିର୍ବାଚନ ଜିତିଛୁ : ଏବିଭିପି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

୮୧ ପ୍ରତିଶତ କ୍ୟାମ୍ପସରେ ଛାତ୍ର ସଂସଦ ନିର୍ବାଚନ ଜିତିଛୁ ବୋଲି ଏବିଭିପି ଦୃଢୋକ୍ତି ପ୍ରକାଶ କରିଛି। ଏବିଭିପି ରାଜ୍ୟ ସମ୍ପାଦିକା ଦିପ୍ତିମୟୀ ପ୍ରତିହାରୀ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଛାତ୍ର ସଂସଦ ନିର୍ବାଚନ କରି ଥିବାରୁ ରାଜ୍ୟ ସରକାର ଓ ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କୁ ଧନ୍ୟବାଦ। ୮ଟି ବିଶ୍ୱ ବିଦ୍ୟାଳୟରେ ସମ୍ପୂର୍ଣ୍ଣ ପ୍ୟାନେଲ ଏବିଭିପି ଜିତିଛି। ଓଡ଼ିଶାର ଜେନ୍ ଜି ବିଦ୍ୟାର୍ଥୀ ପରିଷଦ ସହ ରହିଛି। ଛାତ୍ର ମାନଙ୍କ ଗଣତାନ୍ତ୍ରିକ ଅଧିକାରର ବିଜୟ ହୋଇଛି। ଏବିଭିପି ପ୍ରାର୍ଥୀ ଦେଇଥିବା ପ୍ରତିଶ୍ରୁତିକୁ ପୂରଣ ପାଇଁ କାର୍ଯ୍ୟ କରାଯିବ। ସେହିପରି ରମାଦେବୀ ବିଶ୍ୱ ବିଦ୍ୟାଳୟରେ ଫଳାଫଳ ନେଇ ସେ କହିଛନ୍ତି ପିଲାମାନଙ୍କ ଇମୋସନ ସହ ଖେଳାଯାଇଛି। ମହାପ୍ରଭୁଙ୍କ ମହାପ୍ରସାଦ ଛୁଆଁଇ ପିଲାଙ୍କୁ ଭ୍ରମିତ କରାଯାଇଛି.। ତଥ୍ୟ ଅନୁଯାୟୀ, ରାଜ୍ୟର ୧୩ଟି ବିଶ୍ୱ ବିଦ୍ୟାଳୟ ମଧ୍ୟରୁ ୮ଟିରେ ଏବିଭିପି କ୍ଲିନ୍ ସୁଇପ୍ କରିଛି। ଏଥିସହ ୮ଟି ସଭାପତି, ୮ଟି ଉପସଭାପତି, ୧୦ଟି ସମ୍ପାଦକ ଏବଂ ୧୧ଟି ସହକାରୀ ସାଧାରଣ ସମ୍ପାଦକ ପଦରେ ବିଜୟ ହାସଲ କରିଛି। ଏହି ବିଜୟ ଗଣତନ୍ତ୍ର ଓ ରାଷ୍ଟ୍ରବାଦୀ ବିଚାରର ବିଜୟ। ଛାତ୍ରଛାତ୍ରୀଙ୍କ ସମସ୍ୟା ଓ ଅଧିକାର ପାଇଁ ସଂଗଠନ ସବୁବେଳେ କ୍ୟାମ୍ପସରେ କାର୍ଯ୍ୟ କରିଆସୁଛି ଏବଂ ଆଗକୁ ମଧ୍ୟ ୩୬୫ ଦିନ ଛାତ୍ରଛାତ୍ରୀଙ୍କ ସହ ରହି କାମ କରିବ।

**OFFICE OF THE SUPERINTENDING ENGINEER**
**RURAL WORKS DIVISION:BARAGADA**
25001/1357/2627

**1st corrigendum to tender call Notice No. 07 of 2026-27**

The following changes has been made to tender call Notice No. ONLINE-BGH-07 OF 2026-27 Serial No.04 ( Name of the work is **R.W Sub-Division Office Building Ambabhona for the year 2026-27**, Contituancy Bhatli, Estimated cost Excluding GST in Lakh 4.24.

1. **The availability of tender online for bidding starts from 27.10.2026 at 11.00 a.m to 05.11.2026 upto 5.00 p.m. instead of 21.10.2026 at 11.00 am to 05.11.2026 upto 5.00 p.m.**

All other terms & conditions of the above notice remains unaltered.

Sd/- Superintending Engineer
Rural works Division, Baragada

OIPR-25001/25062/1/26-27/0011

ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଗ୍ରାମ୍ୟ ଜଳଯୋଗାଣ
ଓ ପରିମଳ ଖଣ୍ଡ, ବରଗଡ଼
**OFFICE OF THE SUPERINTENDING ENGINEER, RWS&S DIVISION, BARAGADA**

ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ନିକଟରେ
ବରଗଡ଼ -୭୬୮୦୨୮
Infront of Government ITI,
Baragada-768028
Ph- 06646-233220 (O) 234628 (FAX)
E-mail:- eerwss_bgh@nic.in
eerwssBaragada@gmail.com

25001/1351/2627

No. 3189 Date 14.10.2026

**GOVERNMENT OF ODISHA "e" PROCUREMENT NOTICE**
Bid Identification No 02 Dt of 2026-27

Cancellation of the tender invited by The Superintending Engineer, RWS&S Division, Baragada on behalf of the Governor of Odisha tenders from the valid licensed holder contractors of class 'C' or 'B' registered with any department of State Government or equivalent class of Central Govt.etc. to be eventually drawn up in P1 Contract Form for the below work as per terms and condition noted below is hereby cancelled due to some unavoidable circumstances.

1. Name of the work: I) Construction of Office building for RWS&S Sub-division ,Sohela under RWS&S Division Baragada and II) Construction of "D" type quarter for AEE,RWS&S Sub-Division,Sohela, under RWS&S Division Baragada.
2. Approx. Estimated cost: - Rs 38.23 lakhs & Rs.33.54 lakhs respectively.
3. Date and time of availability of document in the portal :- Dt 09.10.2026 to Dt 26.10.2026 up to 5.00 P.M
4. Last date/ time for receipt of bids in the portal :- Dt 26.10.2026 up to 5.00 P.M
5. Date & time of Opening of Tender: - Dt 27.10.2026 at 11.00 A.M.
6. Name and address of the Officer Inviting Bid :- Superintending Engineer, RWS&S Division, Baragada, District :- Baragada

Further details can be seen from the e-procurement portal "http//tendersorissa.gov.in".
The authority reserves the right to reject any or all the tenders without assigning any reason thereof.

Sd/- Superintending Engineer
R.W.S &S Division, Baragada

OIPR-25001/25018/1/26-27/0008

**GOVERNMENT OF ODISHA**
**DEPARTMENT OF AGRICULTURE AND FARMERS EMPOWERMENT**
**OFFICE OF THE EXECUTIVE ENGINEER (AGRIL), GANJAM DIVISION, BRAHMAPUR**
1001/186/2627

Notice No.1607//EE. (Agril.) Dt. 15.10.2026

**INVITATION FOR BIDS (IFB)**
**e-procurement notice**
**Bid identification number / Tender call notice no-EE (A), Ganjam-02 of 2026-27**

The Executive Engineer (Agril.), Ganjam Division, Brahmapur who has been authorized as the procuring officer for Ganjam Division is directed to invite percentage rate bid on behalf of the Governor of Odisha for the Civil construction works under AE-Ganjam Division. The tender cost of the project is approximately Rs.1.00 Lakhs Rs.08.00 Lakhs (Excluding GST& LC). Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from https://tendersodisha.gov.in from **19.10.2026 at 11.00 hours to 02.11.2026 at 17.00 hours**. The bid will be opened on **04.11.2026 at 11:00 hours** onwards in the O/o. Executive Engineer (Agril.), Ganjam Division, Brahmapur, inside RITE Campus, Rangeilunda. All other details regarding term and conditions, corrigendum from time to time if any, DTCN etc. can be seen https://tendersodisha.gov.in.

Sd/- Executive Engineer (Agril.),
Ganjam Division, Brahmapur

OIPR-1001/1508/1/26-27/0001

ଭୁବନେଶ୍ୱର, ୧୭ ଅକ୍ଟୋବର, ଶନିବାର, ୨୦୨୬

RNI Regd. No. : 52640/94
Postal Regd. No. :
BN/60/25-27






ଭୁବନେଶ୍ୱର : ଦୁର୍ଗା ପୂଜା ପାଇଁ ରଙ୍ଗୀନ ଆଲୋକ ମାଳାରେ ଝଲସୁଛି ରାଜଧାନୀ। (ଫଟୋ : ସମ୍ବାଦ କଳିକା)



ଭୁବନେଶ୍ୱର : ବିଭିନ୍ନ କଲେଜ ଛାତ୍ର ସଂସଦ ନିର୍ବାଚନରେ ବିସିଜେଡିର ବିଜୟୀ ପ୍ରାର୍ଥୀମାନେ ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଭେଟି ଆଶୀର୍ବାଦ ନେଉଛନ୍ତି। (ଫଟୋ : ସମ୍ବାଦ କଳିକା)

# ୮୦ ବର୍ଷରେ ପଦାର୍ପଣ କଲେ ନବୀନ ପଟ୍ଟନାୟକ : ବାସଭବନରେ ଶୁଭେଚ୍ଛୁଙ୍କ ଭିଡ଼

ଭୁବନେଶ୍ୱର, ୧୬।୧୦
ନ୍ୟୁଜ୍‌ବ୍ୟୁରୋ

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୁକ୍ରବାର ୮୦ ବର୍ଷରେ ପହଞ୍ଚିଛନ୍ତି। ଏହି ଅବସରରେ ତାଙ୍କୁ ଶୁଭେଚ୍ଛା ଜଣାଇବାକୁ ସକାଳୁ ନବୀନ ନିବାସରେ ଭିଡ଼ ଲାଗି ରହିଥିଲା। ବିଜୁ ଜନତା ଦଳର ସାଂସଦ, ବିଧାୟକଙ୍କ ସମେତ ବିଜୁ ଜନତା ଦଳର ନେତା ଓ କର୍ମୀମାନଙ୍କ ସମେତ ବିଭିନ୍ନ ବର୍ଗର ଜନସାଧାରଣ ନବୀନ ପଟ୍ଟନାୟକଙ୍କୁ ଭେଟି ଶୁଭେଚ୍ଛା ଜଣାଇଥିଲେ।

ସନ୍ଧ୍ୟାରେ ଛାତ୍ର ସଂସଦ ନିର୍ବାଚନ ଜିତିଥିବା ବିଭିନ୍ନ କଲେଜର ଛାତ୍ରଛାତ୍ରୀମାନେ ନବୀନ ପଟ୍ଟନାୟକଙ୍କୁ ଭେଟି ଜନ୍ମ ଦିନର ଶୁଭେଚ୍ଛା



ଜଣାଇଥିଲେ। ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ ବିଜୟୀ ଛାତ୍ର ଛାତ୍ରୀମାନଙ୍କୁ ରିୟଲ ଜେନ୍ ଜି ଭାବରେ ସମ୍ବୋଧିତ କରି ଭଲ କାମ ଜାରି ରଖିବାକୁ ଆଶୀର୍ବାଦ କରିଥିଲେ।

**ନବୀନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଲେ ଧର୍ମେନ୍ଦ୍ର**

ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ତାଙ୍କ ଜନ୍ମଦିନରେ ଶୁଭେଚ୍ଛା ଜଣାଇଛନ୍ତି।

ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ପୋଷ୍ଟ କରି ଧର୍ମେନ୍ଦ୍ର ଲେଖିଛନ୍ତି ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଜନ୍ମଦିନର ହାର୍ଦ୍ଦିକ ଶୁଭକାମନା। ମହାପ୍ରଭୁଙ୍କ ନିକଟରେ ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ ସହ ଦୀର୍ଘ ଓ ନିରାମୟ ଜୀବନ କାମନା କରୁଛି।

# ୧୦ ହଜାର ସହରାଞ୍ଚଳ ପରିବାର ପାଇଁ ଗୃହ ଯୋଜନାର କାର୍ଯ୍ୟାନ୍ୱୟନ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୬।୧୦
ନ୍ୟୁଜ୍‌ବ୍ୟୁରୋ

ସହରାଞ୍ଚଳର ଗରିବ, ଅସହାୟ ଓ ଅବହେଳିତ ବର୍ଗଙ୍କୁ ସୁଲଭ ଆବାସ ଯୋଗାଇଦେବା ସହ ସେମାନଙ୍କ ଜୀବନଧାରଣର ମାନରେ ଉନ୍ନତି ଆଣିବା ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଭୁବନେଶ୍ୱରସ୍ଥିତ ଉନ୍ନତି ଭବନଠାରେ ଓଡ଼ିଶା ବାସଯୋଗ୍ୟ ଆବାସ ମିଶନର ତୃତୀୟ କାର୍ଯ୍ୟନିର୍ବାହୀ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା।

ବୈଠକରେ ସୁଲଭ ଆବାସ ଯୋଜନାର ଅଗ୍ରଗତି, ମିଶନ୍‌ର ଆର୍ଥିକ ପରିଚାଳନା ଓ ବିଭିନ୍ନ ପ୍ରଶାସନିକ ପ୍ରସଙ୍ଗ ସମୀକ୍ଷା କରାଯାଇଥିଲା। ଗୃହ ନିର୍ମାଣ ଯୋଜନାକୁ କାଗଜପତ୍ରରେ ସୀମିତ ନରଖି ଶୀଘ୍ର କାର୍ଯ୍ୟକାରୀ କରିବା ସହ ଯୋଗ୍ୟ ପରିବାରଙ୍କୁ ନିର୍ଦ୍ଧାରିତ ସମୟରେ ଏହାର ସୁଫଳ ପହଞ୍ଚାଇବାକୁ ଶ୍ରୀମତୀ ପାଢ଼ୀ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୁଲଭ ଆବାସ ସହଭାଗିତା ଉପାଦାନ ଅଧୀନରେ ନଅଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ୧୦ ହଜାର ପରିବାରଙ୍କ ପାଇଁ ଗୃହ ଯୋଜନା ପ୍ରସ୍ତୁତ ହୋଇସାରିଛି। ଏହି ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ ପାଇଁ ଆବଶ୍ୟକ ପଦକ୍ଷେପ ତ୍ୱରାନ୍ୱିତ କରିବାକୁ ସେ ପରାମର୍ଶ ଦେଇଥିଲେ। ଯୋଜନାର ଲାଭ ଯେପରି ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚେ, ତାହା ସୁନିଶ୍ଚିତ କରିବା ଉପରେ ମଧ୍ୟ ସେ ଗୁରୁତ୍ୱ ଦେଇଥିଲେ।

ମୁଖ୍ୟମନ୍ତ୍ରୀ ସ୍ମାର୍ଟ ସିଟି ମିଶନ୍ ଅଧୀନରେ ପ୍ରସ୍ତାବିତ ଯୋଜନା ଓ ବିଭିନ୍ନ କାର୍ଯ୍ୟକ୍ରମର ମାର୍ଗଦର୍ଶିକା ଶୀଘ୍ର ଚୂଡ଼ାନ୍ତ କରିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ। ସହରାଞ୍ଚଳର ଅତ୍ୟନ୍ତ ଅସହାୟ ବର୍ଗଙ୍କ ଆବାସ ଓ ଜୀବନଧାରଣ ସମ୍ବନ୍ଧୀୟ ଆବଶ୍ୟକତାକୁ ଏହି ଯୋଜନାରେ ପ୍ରାଥମିକତା ଦେବାକୁ ସେ କହିଥିଲେ।



ବିଶେଷକରି ନିରାଶ୍ରୟ ବ୍ୟକ୍ତି, ଭୂମିହୀନ ପରିବାର ଓ ବୟସ୍କ ନାଗରିକଙ୍କ ପାଇଁ ଲକ୍ଷ୍ୟଭିତ୍ତିକ ଓ ଅନ୍ତର୍ଭୁକ୍ତିମୂଳକ ପଦକ୍ଷେପ ଗ୍ରହଣ ଉପରେ ଜୋର ଦିଆଯାଇଥିଲା।

୨୦୨୬-୨୭ ଆର୍ଥିକ ବର୍ଷର ବଜେଟ୍‌ରେ ସମାଜର ସର୍ବାଧିକ ଅବହେଳିତ ବର୍ଗଙ୍କ ହିତ ସାଧନ କରୁଥିବା କାର୍ଯ୍ୟକ୍ରମଗୁଡ଼ିକୁ ପ୍ରାଥମିକତା ଦେବାକୁ ଶ୍ରୀମତୀ ପାଢ଼ୀ ପରାମର୍ଶ ଦେଇଥିଲେ। ଅନୁମୋଦିତ ଯୋଜନାର ସମୟୋଚିତ କାର୍ଯ୍ୟାନ୍ୱୟନ, ଉପଲବ୍ଧ ଆର୍ଥିକ ସମ୍ବଳର ସୁବିନିଯୋଗ ଏବଂ ଜନକୈନ୍ଦ୍ରିକ କାର୍ଯ୍ୟପଦ୍ଧତି ମାଧ୍ୟମରେ ଲୋକଙ୍କ ଜୀବନରେ ଦୃଶ୍ୟମାନ ପରିବର୍ତ୍ତନ ଆଣିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

ବୈଠକରେ ମିଶନ୍‌ର ଆର୍ଥିକ ଓ ପ୍ରଶାସନିକ ପରିଚାଳନା ସମ୍ପର୍କିତ ବିଷୟଗୁଡ଼ିକ ମଧ୍ୟ ବିଚାର କରାଯାଇଥିଲା। ୨୦୨୫-୨୬ ଆର୍ଥିକ ବର୍ଷର ଅଡିଟ୍ ହୋଇଥିବା ଆର୍ଥିକ ବିବରଣୀ ଓ ବାର୍ଷିକ ରିପୋର୍ଟ ଗ୍ରହଣ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହ ୨୦୨୬-୨୭ ବର୍ଷର ବାର୍ଷିକ କାର୍ଯ୍ୟଯୋଜନା ଓ ବଜେଟ୍ ଆକଳନକୁ କମିଟି ଅନୁମୋଦନ କରିଥିଲା। ୨୦୨୫-୨୬ ବର୍ଷରେ ହୋଇଥିବା ବ୍ୟୟକୁ ପରବର୍ତ୍ତୀ ଅନୁମୋଦନ ମଧ୍ୟ ପ୍ରଦାନ କରାଯାଇଥିଲା।

ସୁଲଭ ଆବାସର ସୁଯୋଗ ବୃଦ୍ଧି, ଅସହାୟ ଓ ବଞ୍ଚିତ ବର୍ଗଙ୍କ ଜୀବନଧାରଣର ମାନରେ ଉନ୍ନତି ଏବଂ ସମସ୍ତଙ୍କ ପାଇଁ ଅଧିକ ବାସଯୋଗ୍ୟ ସହରୀ ପରିବେଶ ଗଠନ ଦିଗରେ ଓଡ଼ିଶା ଲିଭେବଲ୍ ହାବିଟାଟ୍ ମିଶନ୍ କାର୍ଯ୍ୟ କରୁଛି। ସୁଚିନ୍ତିତ ଯୋଜନା, ସମ୍ବଳର ସଠିକ୍ ବିନିଯୋଗ ଓ ସମୟବଦ୍ଧ କାର୍ଯ୍ୟାନ୍ୱୟନ ମାଧ୍ୟମରେ ସହରୀ ବିକାଶର ସୁଫଳ ଆବଶ୍ୟକତା ଥିବା ଲୋକଙ୍କ ନିକଟରେ ପହଞ୍ଚାଇବା ଏହି ମିଶନ୍‌ର ଲକ୍ଷ୍ୟ।

ବୈଠକରେ ଓଏଲ୍‌ଏଚ୍‌ଏମ୍‌ର ମିଶନ୍ ନିର୍ଦ୍ଦେଶକ, ଗୃହ ଓ ନଗର ଉନ୍ନୟନ ବିଭାଗର ଆର୍ଥିକ ପରାମର୍ଶଦାତା, ଟାଉନ୍ ପ୍ଲାନିଂ ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ, ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ ସଂଗଠନର ମୁଖ୍ୟ ଯନ୍ତ୍ରୀ, ଓଏଲ୍‌ଏଚ୍‌ଏମ୍‌ର ଅତିରିକ୍ତ ମିଶନ୍ ନିର୍ଦ୍ଦେଶକଙ୍କ ସମେତ ଶକ୍ତି ବିଭାଗ, ଜାତୀୟ ସ୍ୱାସ୍ଥ୍ୟ ମିଶନ୍, ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ଟାଟା ଟ୍ରଷ୍ଟସ୍‌ର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

# ପୂଜା ମଣ୍ଡପରେ ଅଗ୍ନି ନିରାପତ୍ତା ଯାଞ୍ଚ ହେବ : ସୁରକ୍ଷା ପାଇଁ ୧୫ଟି ଟିମ୍ ଗଠନ



କଟକ, ୧୬।୧୦ : ନ୍ୟୁଜ୍‌ବ୍ୟୁରୋ

କଟକ ସହରରେ ଚଳିତ ବର୍ଷ ଦୁର୍ଗାପୂଜାକୁ ସୁରକ୍ଷିତ ଓ ଅଗ୍ନିକାଣ୍ଡମୁକ୍ତ କରିବା ପାଇଁ ଓଡ଼ିଶା ଅଗ୍ନିଶମ ସେବା ବିଭାଗ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପୂଜା ମଣ୍ଡପଗୁଡ଼ିକରେ ଯେପରି କୌଣସି ଅପ୍ରୀତିକର ପରିସ୍ଥିତି ନଉପୁଜିବ, ସେଥିପାଇଁ ବିଭାଗ ପକ୍ଷରୁ କଡ଼ା ନିର୍ଦ୍ଦେଶନାମା ଜାରି ହେବା ସହ ବିଶେଷ ପ୍ରସ୍ତୁତି କରାଯାଇଛି।

ଚଳିତ ବର୍ଷ କଟକର ୨୧୫ଟି ମଣ୍ଡପରେ ମା'ଙ୍କ ପୂଜା ଅନୁଷ୍ଠିତ ହେଉଛି। ତେଣୁ ସହରରେ ଶ୍ରଦ୍ଧାଳୁଙ୍କ ଭିଡ଼ ରହିବ। ସୁରକ୍ଷା ପାଇଁ ୧୫ଟି ଟିମ୍ ଗଠନ କରାଯାଇଛି। ସହରର ମାଲଗୋଦାମ, ମଧୁପଟଣା, ଲାଲବାଗ, ବିଡ଼ାନାସୀ, ସିଏନବିଟି, ଜଗତପୁର, ବାଲିଯାତ୍ରା ପଡ଼ିଆ, ଦେବୀଗଡ଼ା, କେନାଲ କୂଳ, ଗଡ଼ଗଡ଼ିଆ ଘାଟ ଭଳି ବିଭିନ୍ନ ସ୍ଥାନରେ ଅଗ୍ନିଶମ ଅସ୍ଥାୟୀ କ୍ୟାମ୍ପ ରହିବ। ପ୍ରତି କ୍ୟାମ୍ପରେ ୧୦ଜଣ ଅଗ୍ନିଶମ ଯୋଦ୍ଧା ରହିବେ। କ୍ୟାମ୍ପଗୁଡ଼ିକରେ ସମସ୍ତ ପ୍ରକାରର ଫାୟାର ସୁରକ୍ଷା ଯନ୍ତ୍ରାଂଶ ରହିବ। ଦୁଇଟି ସ୍ଥାନରେ ୱାଟର ଲୋଡ଼ ପାଇଁ ବ୍ୟବସ୍ଥା କରାଯାଇଛି। ସମସ୍ତ ବ୍ୟବସ୍ଥାକୁ ମୁଖ୍ୟ କଣ୍ଟ୍ରୋଲ ରୁମ୍ ଦ୍ୱାରା ନିରୀକ୍ଷଣ କରାଯିବ।

ପୂଜା କମିଟି ପକ୍ଷରୁ ସୁରକ୍ଷାଦୃଷ୍ଟିରୁ ମଣ୍ଡପ ନିକଟରେ ବାଲି ବସ୍ତା, ପାଣି ଓ ସମସ୍ତ ପ୍ରକାରର ସୁରକ୍ଷା ଗ୍ରହଣ କରିବା ପାଇଁ ପୂଜା କମିଟିମାନଙ୍କୁ କୁହାଯାଇଛି। ଏହାକୁ ତଦାରଖ କରିବା ପାଇଁ ଗୋଟିଏ ଟିମ୍ ସହରର ସମସ୍ତ ମଣ୍ଡପ ବୁଲିବା ସହିତ ସବୁ ପ୍ରକାର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା କଟକ ଉପ ଅଗ୍ନିଶମ ଅଧିକାରୀ କହିଛନ୍ତି।

## ରାଜଧାନୀରେ ପୁଣି ହିଟ୍ ଆଣ୍ଡ ରନ୍ : ଜଣେ ଗୁରୁତର

ଭୁବନେଶ୍ୱର, ୧୬।୧୦
ନ୍ୟୁଜ୍‌ବ୍ୟୁରୋ

ରାଜଧାନୀରେ ପୁଣି ହିଟ ଆଣ୍ଡ ରନ୍ ଘଟିଛି। ନୟାପଲ୍ଲୀ ଅଞ୍ଚଳରେ ଘଟିଥିବା ଏହି ଦୁର୍ଘଟଣା ବେଳର ସିସିଟିଭି ଫୁଟେଜ୍ ଭାଇରାଲ ହୋଇଛି। ଦୁର୍ଘଟଣାରେ ଜଣେ ୫୦ ବର୍ଷୀୟ ବ୍ୟକ୍ତି ଗୁରୁତର ହୋଇଛନ୍ତି। ବ୍ୟକ୍ତି ଜଣକ ମିଠା କିଣି ରାସ୍ତା ପାର୍ ହେଉଥିବା ବେଳେ ଏକ କଳା ରଙ୍ଗର ଏସୟୁଭି ଧକ୍କା କରି ଫେରାର ହୋଇ ଯାଇଥିଲା। ଗୁରୁତର ଆହତ ବ୍ୟକ୍ତି ହେଲେ ଭରତପୁର ସାଂପୁର ଅଞ୍ଚଳର ବିଭୁତି ଭୂଷଣ ଚଇନି। ଏକ ଘରୋଇ ହସ୍ପିଟାଲରେ ଅତି ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି ବିଭୁତି। ତେବେ ସିସିଟିଭି ଯାଞ୍ଚ ସହ ତଦନ୍ତକୁ ବ୍ୟାପକ କରିଛି ନୟାପଲ୍ଲୀ ଥାନା ପୋଲିସ।

# ୨୦କ ପଣିକିଆରେ ବୃଦ୍ଧାଶ୍ରମ ଭିଡ଼ିଓ ଉନ୍ମୋଚନ କଲେ ଆଇନ ମନ୍ତ୍ରୀ

ଭୁବନେଶ୍ୱର, ୧୬।୧୦
ନ୍ୟୁଜ୍‌ବ୍ୟୁରୋ

ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶୁକ୍ରବାର '୨୦କ ପଣିକିଆରେ ବୃଦ୍ଧାଶ୍ରମ' ଶୀର୍ଷକ ଏକ ସଚେତନତାଧର୍ମୀ ଭିଡ଼ିଓ ଉନ୍ମୋଚନ କରିଛନ୍ତି। ପଣିକିଆ ମାଧ୍ୟମରେ ସମାଜକୁ ବରିଷ୍ଠ ନାଗରିକମାନଙ୍କ ପ୍ରତି ସମ୍ମାନ, ସ୍ନେହ ଓ ଯତ୍ନ ସହିତ ପିଲାମାନଙ୍କ କର୍ତ୍ତବ୍ୟବୋଧର ବାର୍ତ୍ତା ଦେବାର ପ୍ରୟାସ ପ୍ରଶଂସନୀୟ ଓ ପିଏମ୍‌ଶ୍ରୀ ରାଧାମୋହନ ଜୀଉ ନୋଡାଲ ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ରୀ ଶୃତି ସୁଲଗ୍ନା ଓ ଷଷ୍ଠ



ଶ୍ରେଣୀର ଛାତ୍ରୀ ପ୍ରୀତିସୁଲଗ୍ନାଙ୍କ ଏହି ଭିଡ଼ିଓ ବୟୋଜ୍ୟେଷ୍ଠମାନଙ୍କ ପ୍ରତି ଆମ ଦାୟିତ୍ୱବୋଧର ଏକ ବୃହତ ଉଦାହରଣ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି। ଶୁକ୍ରବାର ସରକାରୀ ବାସଭବନରେ ଗୀତିକାର ଡ. ସନାତନ ପଣ୍ଡାଙ୍କ ଦ୍ୱାରା ରଚିତ ଏହି ଭିଡିଓର ଉନ୍ମୋଚନ କରିବା ସହ ଭିଡ଼ିଓର ସ୍ରଷ୍ଟା ଦୁଇ ଭଉଣୀ ଏବଂ ଏହି ଭିଡ଼ିଓ ପ୍ରସ୍ତୁତି ସହ ଜଡ଼ିତ ସମସ୍ତ କଳାକାର, ଗୀତିକାର ଓ ଅଭିଭାବକଙ୍କୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଅଭିନନ୍ଦନ ଜଣାଇଛନ୍ତି ଏବଂ କିଶୋର ଓ ଶିଶୁ କଳାକାରମାନଙ୍କ ମନୋମୁଗ୍ଧକର ପରିବେଷଣ କଳା, ସଂସ୍କୃତି ଓ ସମାଜ ପ୍ରତି ସେମାନଙ୍କ ଚିନ୍ତାଧାରା ଓ ପ୍ରତିବଦ୍ଧତାକୁ ସେ ପ୍ରଶଂସା କରିବା ସହ ଏପରି ମନୋଭାବ ଭବିଷ୍ୟତର ନାଗରିକ ସଂସ୍କୃତି ନିର୍ମାଣରେ ନିଶ୍ଚିତ ସହାୟକ ହେବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଆଶାପ୍ରକାଶ କରିଛନ୍ତି।

# ୮ ବର୍ଷ ପରେ କ୍ୟାମ୍ପସ୍‌କୁ ଫେରିଲା ଛାତ୍ର ନେତୃତ୍ୱ : ରାତି ଅଧରେ ହାଇଡ୍ରାମା

ଭୁବନେଶ୍ୱର, ୧୬।୧୦
ନ୍ୟୁଜ୍‌ବ୍ୟୁରୋ

୮ ବର୍ଷର ବ୍ୟବଧାନ ପରେ ଛାତ୍ର ପ୍ରତିନିଧି ବାଛିଲା କ୍ୟାମ୍ପସ୍। ଶପଥପାଠ ସହ ଅନୁଷ୍ଠାନର ବିକାଶର ପ୍ରତିଶ୍ରୁତି ପାଇଁ ପଣ କଲେ ନୂଆ ନେତା। କିନ୍ତୁ ଏଥର ନିର୍ବାଚନ ଲେଖିଦେଇଗଲା ଇତିହାସ। କମ୍ପୁଛି କ୍ୟାମ୍ପସ୍, ସେଲିବ୍ରେସନ ମୁଡ୍‌ରେ ନିର୍ବାଚିତ ଛାତ୍ର ଗୋଷ୍ଠୀ। ପାଟ ପଟୁଆର ଧରି ଶୁକ୍ରବାର ପହଞ୍ଚିଥିଲେ ଶପଥ ସମାରୋହରେ, ଜଣଙ୍କ ପରେ ନେଇଥିଲେ ଶପଥ। ଦିନରେ ସିନା ଥିଲା ଏଭଳି ଚିତ୍ର, ହେଲେ ଗତ ରାତିର ଦୃଶ୍ୟ କିନ୍ତୁ ବଖାଣୁଥିଲା ଭିନ୍ନ କିଛି। ରାତି ଯେତେ ବଢୁଥିଲା ଛାତ୍ର ରାଜନୀତିର ତାତି ବଢୁଥିଲା ତାଳ ଦେଇ। ରମାଦେବୀ ବିଶ୍ୱବିଦ୍ୟାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟର। ରାଜଧାନୀର ଛାତି ଉପରେ ଥିବା ଉଭୟ କ୍ୟାମ୍ପସ୍‌ରେ ହଲ୍ଲାବୋଲ। ମତଦାନ ସରିବା ପରେ ଗଣତି ପ୍ରକ୍ରିୟା ଭିତରେ ମୁହାଁମୁହିଁ ହେବା ସହ ମଧ୍ୟ ରାତି ଯାଏଁ ଚାଲିଥିଲା ହାଇଭୋଲଟେଜ୍ ଡ୍ରାମା।

ରମାଦେବୀ ୟୁନିର୍ଭସିଟିରେ ଗଣତିବେଳେ ବାଲାଟ୍ ଚିରା ଅଭିଯୋଗ ଆଣି କାଉଣ୍ଟିଂ ସେଣ୍ଟରରୁ ବାହାରିଯାଇଥିଲେ ଏବିଭିପି ଏଜେଣ୍ଟ। ପରିଣାମ ସ୍ୱରୂପ ପ୍ରଭାବିତ ହୋଇଥିଲା ଗଣତି, ଫଳାଫଳ ଘୋଷଣାରେ ହୋଇଥିଲା ବିଳମ୍ବ। ତେଣୁ କର୍ତ୍ତୃପକ୍ଷ ଏଜେଣ୍ଟଙ୍କୁ ଡକାଇଥିଲେ କାଉଣ୍ଟିଂ ସେଣ୍ଟରକୁ। ଶେଷରେ ଦୀର୍ଘ ସମୟର ଛକାପଞ୍ଝା ପରେ କାଉଣ୍ଟିଂ ସହ ରାତି ପ୍ରାୟ ୨ଟା ୪୩ରେ ବାହାରିଥିଲା ଫଳାଫଳ। ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟରେ ପ୍ରାର୍ଥୀମାନଙ୍କ ଏଜେଣ୍ଟମାନେ ବାରମ୍ବାର କାଉଣ୍ଟିଂ ଦାବି କରିବାରୁ ବିଳମ୍ବ ହୋଇଥିଲା ରେଜଲ୍ଟ ଘୋଷଣା। ଏପରିକି ଗୋଟିଏ ଛାତ୍ର ଗୋଷ୍ଠୀ ରାଜପଥ ବି ଅବରୋଧ କରିଥିଲେ। ଶେଷରେ ପୋଲିସର ବୁଝାସୁଝା ପରେ କାଉଣ୍ଟିଂ କରାଯାଇ ରାତି ପ୍ରାୟ ଗୋଟାଏରେ ଘୋଷଣା କରାଯାଇଥିଲା ଫଳାଫଳ। ଆଉ ଶୁକ୍ରବାର ନିଜ ନିଜର ସମର୍ଥକଙ୍କ ଯାଇ ଶପଥପାଠ କରିଥିଲେ ନିର୍ବାଚିତ ଛାତ୍ର ପ୍ରତିନିଧି।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୧୬/୧୦/୨୦୨୬
୫,୦୯,୨୫୪/-ଟଙ୍କା।
ସୁନା:- ୦୦ଗ୍ରାମ୍ ୦୫୦ ମିଲିଗ୍ରାମ୍
ରୂପା:- ୦୨ ଗ୍ରାମ୍ ୦୦୦ ମିଲିଗ୍ରାମ୍













ଭୁବନେଶ୍ୱର : ଦୁର୍ଗତିନାଶିନୀ ମା' ଦୁର୍ଗାଙ୍କ ପୂଜା ନିମନ୍ତେ ରାଜଧାନୀର ବିଭିନ୍ନ ପୂଜା ମଣ୍ଡପରେ ନିର୍ମାଣ ହୋଇଥିବା ସୁଦୃଶ୍ୟ ତୋରଣ। (ଫଟୋ : ସମ୍ବାଦ କଳିକା)